READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୫ ସଂଖ୍ୟା-୩୩ ୩୦ ଅଗଷ୍ଟ - ୦୫ ସେପ୍ଟେମ୍ବର, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-33 30th AUGUST- 05th SEPTEMBER, 2021 BHUBANESWAR ₹ 5/- (8 Pages)

### ପୂର୍ବଭାରତର ବୃହତ୍ତମ ଏକ୍‌ମୋ ୟୁନିଟ୍ ଲୋକାର୍ପିତ

## ରୋଗୀଙ୍କୁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡିବନି : ମୁଖ୍ୟମନ୍ତ୍ରୀ





**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ସ୍ଥାପିତ ହୋଇଥିବା ୯ଟି ଏକ୍‌ମୋ ମେସିନକୁ ଜନସାଧାରଣଙ୍କ ପାଇଁ ଲୋକାର୍ପିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଡାକ୍ତରଖାନାରେ ସ୍ଥାପିତ ହୋଇଥିବା ଏକ୍‌ମୋ ମେସିନ ଗୁଡିକୁ ବୁଲି ଦେଖିଥିଲେ। ସୂଚନାଯୋଗ୍ୟ ଯେ, ଏହା ସମଗ୍ର ପୂର୍ବ ଭାରତରେ ସବୁଠାରୁ ବଡ ଏକ୍‌ମୋ ୟୁନିଟ୍ ଏବଂ ଏକ୍‌ମୋ ଭଳି ବ୍ୟୟ ବହୁଳ ବିନା ଖର୍ଚ୍ଚରେ ଯୋଗାଇବାରେ ସମଗ୍ର ଦେଶରେ ସରକାର ସ୍ତରରେ ପ୍ରଥମ ଓ ସର୍ବବୃହତ। ଏଥିପାଇଁ ଅଭିଜ୍ଞ ବିଶେଷଜ୍ଞମାନଙ୍କୁ ନିୟୋଜିତ କରାଯାଇଛି। କଟକରେ ଏହି ସୁବିଧା ପାଇଁ ରୋଗୀମାନଙ୍କୁ ଟଙ୍କାଟିଏ ଖର୍ଚ୍ଚ କରିବାକୁ ପଡିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚିକିତ୍ସାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଏହାଦ୍ୱାରା ରୋଗୀ ଓ ସେମାନଙ୍କ ପରିବାର ଉନ୍ନତ ଚିକିତ୍ସା ଓ ଆର୍ଥିକ ଦୃଷ୍ଟିକୋଣରୁ ଆଶ୍ୱସ୍ତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଜୀବନ ରକ୍ଷାର ଏହି ସେବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ➤ ପୃ-୬

### କାବୁଲରେ ବିସ୍ଫୋରଣ ପରେ ବାଇଡେନ୍‌ଙ୍କ ଚେତାବନୀ

## ଆତଙ୍କବାଦୀଙ୍କୁ ଖୋଜି ଖୋଜି ମାରିବ ଆମେରିକା



**ୱାଶିଂଟନ / କାବୁଲ :** ଆଫଗାନିସ୍ତାନ ବୋମା ବିସ୍ଫୋରଣରେ ଆମେରିକୀୟ ସେନ୍ୟଙ୍କ ମୃତ୍ୟୁକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଜୋ ବାଇଡେନ୍। ଘଟଣାକୁ ଆମେରିକା ଭୁଲିବ ନାହିଁ କି ସେମାନଙ୍କୁ କ୍ଷମା ଦେବନାହିଁ ବୋଲି କହିଛନ୍ତି ବାଇଡେନ୍। ଏଥିସହ ଆକ୍ରମଣକାରୀଙ୍କ ବିପକ୍ଷରେ ପ୍ରତିଆକ୍ରମଣ କରିବା ଲାଗି ମଧ୍ୟ ସେ 'ପେଣ୍ଟାଗନ୍'କୁ ନିର୍ଦ୍ଦେଶ ଦେଇଛନ୍ତି। ଆଫଗାନିସ୍ତାନରେ ଘଟିଥିବା ପୃଥକ ପୃଥକ ବୋମା ବିସ୍ଫୋରଣ ଘଟଣାକୁ ନେଇ ସେ ନିଜ ବିବୃତିରେ କହିଛନ୍ତି, ଆମେ କ୍ଷମା ଦେବୁନାହିଁ କି, ଭୁଲିଯିବୁ ନାହିଁ। ଆମେ ତୁମକୁ ଖୋଜି ଧରିବୁ ଏବଂ ଶାସ୍ତି ଦେବୁ। ତେବେ ଯୁକ୍ତରାଷ୍ଟ୍ର ଆମେରିକାର ସ୍ଥାନାନ୍ତରଣ ଅଭିଯାନ ଚାଲୁ ରହିବ। ଆସନ୍ତା ମଙ୍ଗଳବାର ଦିନ ସ୍ଥାନାନ୍ତରଣ କାର୍ଯ୍ୟ ଶେଷ ହେବା ପ୍ରସଙ୍ଗରେ ସେ କୌଣସି ସୂଚନା ଦେଇନାହାନ୍ତି। ସୂଚନା ଯୋଗ୍ୟ ଯେ, କାବୁଲ ବିମାନବନ୍ଦର ବାହାରେ ହୋଇଥିବା ବିସ୍ଫୋରଣରେ ୧୮୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଲୋକ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୩ ଜଣ ଆମେରିକୀୟ ସୈନିକ ➤ ପୃ-୬

## ବାଲି ମାଫିଆଙ୍କୁ ସାବାଡ କରିବ ନୂଆ ବାଲି ନୀତି




**ଭୁବନେଶ୍ୱର :** ଏଣିକି ବିଦ୍ୟୁତ୍ ଚାଳିତ ଗାଡି କିଣିଲେ ମିଳିବ ସରକାରୀ ପ୍ରୋତ୍ସାହନ। ଇ-ଯାନ ପଲିସି ଉପରେ ବାଜିଲା ମୋହର। ଓଡ଼ିଶାରେ ଅବଧି ଶେଷ ହୋଇଥିବା ପୁରୁଣା ଗାଡିଗୁଡିକୁ ରଦ୍ଦ ଓ ବୈଦ୍ୟୁତିକ ମୋଟରଯାନ କିଣିବା ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟ କ୍ୟାବିନେଟ୍ 'ଓଡ଼ିଶା ବୈଦ୍ୟୁତିକ ମୋଟରଯାନ ନୀତି-୨୦୨୧'କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ୨୦୨୫ ମସିହା ସୁଦ୍ଧା ରାଜ୍ୟରେ ୨୦ ପ୍ରତିଶତ ଇଲେକ୍ଟ୍ରିକ୍ ଅବା ବ୍ୟାଟେରୀ ଚାଳିତ ମୋଟରଯାନ ଚଳାଚଳ କରିବାକୁ ଏହି ନୀତିରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହାସହିତ ରାଜ୍ୟ କ୍ୟାବିନେଟ୍ ଆଜି ମୋଟ ୧୪ଟି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ସଂଧ୍ୟାରେ ଭର୍ଚୁଆଲ ମୋଡରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ର କହିଛନ୍ତି ଯେ, କ୍ୟାବିନେଟ୍‌ରେ ମୋଟ ୧୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଓଡ଼ିଶା ଇଲେକ୍ଟ୍ରିକ୍ ଭେହିକିଲ ପଲିସି ବା ଓଡ଼ିଶା ବୈଦ୍ୟୁତିକ ମୋଟରଯାନ ନୀତି-୨୦୨୧କୁ

### ରାଜ୍ୟ କ୍ୟାବିନେଟ୍‌ରେ ୧୪ ପ୍ରସ୍ତାବକୁ ଅନୁମୋଦନ

### ଇ-ଯାନ କିଣିଲେ ମିଳିବ ରିହାତି

ମଞ୍ଜୁରୀ ମିଳିଛି। ରାଜ୍ୟରେ ୨୦୨୫ ସୁଦ୍ଧା ବୈଦ୍ୟୁତିକ ଯାନ ଚଳପ୍ରଚଳ ସଂଖ୍ୟା ମୋଟର ଯାନର ୨୦ ପ୍ରତିଶତ କରିବା ଲକ୍ଷ୍ୟରେ ଏହି ଗାଡି ଓ ଏହାର ଯନ୍ତ୍ରାଂଶ, ବ୍ୟାଟେରୀ ଉତ୍ପାଦନକାରୀ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ତଥା ଏ କ୍ଷେତ୍ରରେ ନବୀକରଣ ଓ ଗବେଷଣାକୁ ପ୍ରୋତ୍ସାହନର ବ୍ୟବସ୍ଥା ରହିଛି। ଏହି ପ୍ରସ୍ତାବିତ ନୀତି ଆଧାରରେ ଉତ୍ପାଦନକାରୀ କମ୍ପାନୀ, ଯାନ ବ୍ୟବହାରକାରୀ ଲୋକଙ୍କୁ ଆର୍ଥିକ ରିହାତି ଦେବା ସହ ଗାଡି ପଞ୍ଜିକରଣ ଦେୟ ଓ ରୋଡ୍ ଟ୍ୟାକ୍ସ ଛାଡ କରିବାର ପ୍ରାବଧାନ ଅଛି। ଏମ୍ଏସ୍ଏମ୍ଇ ବିଭାଗର 'ଷ୍ଟାର୍ଟଅପ୍' ପଲିସିରେ ଏହି ବୈଦ୍ୟୁତିକ ଯାନ ଉଦ୍ୟୋଗ ପାଇଁ ପ୍ରୋତ୍ସାହନ ଦିଆଯିବାର ବ୍ୟବସ୍ଥା ହୋଇଛି। ସେହିପରି ରାଜ୍ୟର ସମସ୍ତ ବ୍ଲକରେ ନିର୍ମାଣ ହେବାକୁ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ ବ୍ଲକ ହାତରେ ରହିବ। ➤ ପୃ-୬

## ପାର୍ବଣ ଆଣିବ ତୃତୀୟ ଲହର !



**ଭୁବନେଶ୍ୱର :** କରୋନାର ଦ୍ୱିତୀୟ ଲହର ମାରାତ୍ମକ ରୂପ ନେବା ପରେ ଏବେ ତୃତୀୟ ଲହର କୋକୁଆ ଭୟ ସୃଷ୍ଟି କରିଛି। କାରଣ ଦ୍ୱିତୀୟ ଲହର ତୁଳନାରେ ତୃତୀୟ ଲହର ଆହୁରି ଭୟଙ୍କର ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଆଗକୁ ପୁଣି ଅଛି ପାର୍ବଣ ଋତୁ। ଆଉ ପାର୍ବଣ ଋତୁରେ ଜନଗହଳି ହେବା ସ୍ୱାଭାବିକ। ଏହି ଜନଗହଳିରେ ତୃତୀୟ ଲହର ବଡ ବିପଦକୁ ଡାକିବ। ଓନାମ ପର୍ବ ପରେ କେରଳରେ ଦୈନିକ ସଂକ୍ରମଣ ୩୦ ହଜାର ଟପିଛି। ତେଣୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ଅଧିକ ସତର୍କ ରହିବାକୁ ପରାମର୍ଶ ଦେଇଛି। ଓଡ଼ିଶାରେ ଆଗକୁ ଆସୁଛି ଗଣେଶ ପୂଜା। ଏହାପରେ ଆସିବ ଦୁର୍ଗାପୂଜା ଓ କାଳୀପୂଜା। ପୂଜା ସମୟରେ ମାର୍କେଟରେ ନାହିଁ ନଥିବା ଭିଡ ଦେଖିବାକୁ ମିଳେ। ତା'ସହିତ ପର୍ବପର୍ବାଣୀରେ ଘରକୁ ଅତିଥିଙ୍କ ଆଗମନ ମଧ୍ୟ ହୋଇଥାଏ। ଆଉ ଏହା ହେଲେ କରୋନା ପ୍ରୋଟୋକଲର ଉଲ୍ଲଘଂନ ହେବା ସହ ବିପଦକୁ ଡାକିବା ଭଳି ସ୍ଥିତି ଉପୁଜିବ। ତେଣୁ କେନ୍ଦ୍ର ସରକାର ସବୁ ରାଜ୍ୟମାନଙ୍କୁ କଟକଣା ଭିତରେ ପର୍ବପର୍ବାଣୀ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି। ପର୍ବପର୍ବାଣୀରେ ଭିଡକୁ ଦୃଷ୍ଟିରେ ରଖି ଏସ୍ଆରସି କଟକଣା ଲଗାଇ ସାରିଛନ୍ତି। ଏଥର ଗଣେଶ ପୂଜା, ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା ଓ କାଳୀ ପୂଜା କେବଳ ବିଧି ରକ୍ଷା ପାଇଁ ପାଳନ ହେବ, କିନ୍ତୁ ଜନସମାଗକୁ ଅନୁମତି ଦିଆଯାଇନାହିଁ। ରାଜ୍ୟରେ ଦୈନିକ ➤ ପୃ-୬

### ବକ୍ରବାଣୀ



ବସି ବସି ପେଟ ଗଲାଣି ଫୁଲି
ଯାଇଥେଲେ ଛାମୁଁ କଟକ ବୁଲି
ଆଗକୁ ପରୀକ୍ଷା ଆଉଚି ବୋଲି
କେନାଲ ବନ୍ଧରେ ବୁଲିଲେ କାଲି
ଏତେ ଦିନ ପରେ ଦେଖି ଛାମୁଁଙ୍କୁ
କେଡେ ଖୁସି ଲାଗେ ମାଗିଖିଆଙ୍କୁ
ଅଶୀଭାଗ ଏଠି ମାଗଣାଖିଆ
ଚାଉଳ ନବାକୁ ଧାଡିରେ ଠିଆ
ଭୋଅଟ ଦବାକୁ ପାଁଶହ ନେଇ
କହିବ ଯଉଁଠି ଦେବେ ବାଡେଇ।

——— ଟୁଟୁ

## ପଛୁଆ ବର୍ଗଙ୍କୁ ସଂରକ୍ଷଣ ଦିଅନ୍ତୁ ରାଜ୍ୟ ସରକାର : ବିଜେପି





**ଭୁବନେଶ୍ୱର :** ପଛୁଆ ବର୍ଗଙ୍କ ସାମାଜିକ, ଅର୍ଥନୈତିକ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା କମିଶନଙ୍କ ସୁପାରିଶ ଓଡିଶାରେ ଆଦୌ କାର୍ଯ୍ୟକାରୀ ହେଉ ନାହିଁ । ଦେଶର ଅଧିକାଂଶ ରାଜ୍ୟ ସମ୍ବିଧାନର ଅନୁଚ୍ଛେଦ-୯ ବଳରେ ୫୦ ପ୍ରତିଶତ ସଂରକ୍ଷଣ ସିଲିଂ ବ୍ୟବସ୍ଥାକୁ ଅତିକ୍ରମ କରି ନିଜ ନିଜ ରାଜ୍ୟର ପଛୁଆ ବର୍ଗଙ୍କୁ ସମସ୍ତ କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରିଥିବାବେଳେ ଓଡିଶା ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସୁରଥ ବିଶ୍ୱାଳ ପ୍ରଶ୍ନ କରିଛନ୍ତି । ଆତ୍ମନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାକୁ ରାଜ୍ୟ ସରକାର ସଂପୂର୍ଣ୍ଣ ଅଣଦେଖା କରିଛନ୍ତି । ଏପରିକି ରାଜ୍ୟରେ ୨୭ ପ୍ରତିଶତ ବହୁ ଦୂର କଥା; ୧୧.୨୫ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ହୋଇଛନ୍ତି । ଶିକ୍ଷା ବିଭାଗର ସଦ୍ୟତମ ପ୍ରକାଶିତ ବିଜ୍ଞପ୍ତିରେ ୧୨୬୦ଟି ପିଇଟି ଶିକ୍ଷକ ନିଯୁକ୍ତି ପାଇଁ ଆହ୍ୱାନ କରାଯାଇଥିବେଳେ ମାତ୍ର ୨୩ଟି ପଛୁଆ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ରହିଛି । ଏହା ଶାସକ ବିଜେଡିର ପଛୁଆ ବର୍ଗଙ୍କ ପାଇଁ ଥିବା ମନୋଭାବକୁ ସ୍ପଷ୍ଟ ପ୍ରମାଣିତ କରୁଛି । ତୁରନ୍ତ ଏହି ବିଜ୍ଞପ୍ତିକୁ ବାତିଲ କରି ଆବଶ୍ୟକ ସଂଖ୍ୟାରେ ପଛୁଆ ବର୍ଗଙ୍କ ପାଇଁ ସାନି ବିଜ୍ଞପ୍ତି ପ୍ରକାଶ କରି ସଂରକ୍ଷଣର ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଶ୍ରୀ ବିଶ୍ୱାଳ ଦାବୀ ଜଣାଇଛନ୍ତି । ଗତ ୨୦୨୦ ମସିହା ଫେବୃଆରୀ ମାସରେ ରାଜ୍ୟ ସରକାର ପଛୁଆ ବର୍ଗ ତାଲିକା ପ୍ରସ୍ତୁତ କରିବା ପାଇଁ ବିଧାନସଭାରେ ରିଜୋଲୁସନ ପାସ୍ କରାଇଥିଲେ ଏବଂ ୨୦୨୧ ମସିହା ଜାନୁଆରୀ ୩ ତାରିଖରେ ରାଜ୍ୟ ଓବିସି କମିଶନ ଖୁବ୍ ଶୀଘ୍ର ଓବିସି ଜନଗଣନା କରି ସେମାନଙ୍କ ସଂରକ୍ଷଣ ସୁନିଶ୍ଚିତ କରାଇବେ ବୋଲି କହିଥିଲେ । ତାହା ବର୍ତ୍ତମାନ ସୁଦ୍ଧା କାହିଁକି କାର୍ଯ୍ୟକାରୀ ହୋଇ ନାହିଁ ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି । ରାଜ୍ୟରେ ବର୍ତ୍ତମାନ ପଛୁଆ ବର୍ଗ ତାଲିକାରେ ୨୧୦ ଜାତି / ଉପଜାତି ଅଛନ୍ତି । ଏବେ ବି ଅନେକ ପଛୁଆ ବର୍ଗ ତାଲିକାଭୁକ୍ତ ହୋଇନାହାନ୍ତି । ନୂଆ ଭାବେ କେଉଁ କେଉଁ ଜାତିକୁ ଏହି ବର୍ଗରେ ସାମିଲ କରାଯିବ, ତାହା ରାଜ୍ୟ ସରକାରଙ୍କ ଦାୟୀତ୍ୱ । ଯଥାଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବାକୁ ବିହୀତ ପଦକ୍ଷେପ ନେବା ପାଇଁ ଶ୍ରୀ ବିଶ୍ୱାଳ ଦାବୀ ଜଣାଇଛନ୍ତି । ସୁପ୍ରିମକୋର୍ଟରେ ବହୁଚର୍ଚ୍ଚିତ ନିରୀହ ନାବାଳିକା ପରୀ ହତ୍ୟାକାଣ୍ଡ ମାମଲରେ ବାହାରୁ କପିଲ ସିବଲଙ୍କ ଭଳି ଦାମୀ ଓକିଲ ଓ ରଥଯାତ୍ରା ବନ୍ଦ କରିବା ପାଇଁ ହରିଶ ସାଲଭେଙ୍କୁ ନିଯୁକ୍ତ ଦେଇଥିବାବେଳେ ପଛୁଆ ବର୍ଗ ସଂରକ୍ଷଣ ମାମଲାରେ କାହିଁକି ଉଦାସୀନତା ପ୍ରକାଶ କରୁଛନ୍ତି ? ଏହାର ସ୍ପଷ୍ଟୀକରଣ ରାଜ୍ୟ ସରକାର ରାଜ୍ୟବାସୀଙ୍କ ସମ୍ମୁଖରେ ରଖିବା ନିହାତି ଆବଶ୍ୟକ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ଓବିସି ବର୍ଗଙ୍କୁ ସଶକ୍ତ ଓ ଆତ୍ମନିର୍ଭର କରିବା ପାଇଁ ଉଦ୍ଦିଷ୍ଟ ଓବିସି ଫାଇନାନ୍ସ ଏଣ୍ଡ୍ ➤ ପୃ-୬




### ଶ୍ରୀମନ୍ଦିର ନୂତନ ପରିଚାଳନା କମିଟି ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

## କାର୍ଯ୍ୟକ୍ଷମ ହେବ ଶ୍ରୀମନ୍ଦିର ଆଦର୍ଶ ଗୁରୁକୂଳ



**ପୁରୀ :** ଆସନ୍ତାବର୍ଷ ଶ୍ରୀମନ୍ଦିର ଆଦର୍ଶ ଗୁରୁକୂଳ କାର୍ଯ୍ୟକ୍ଷମ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ନବଗଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ୍ କୁମାର କହିଲେ ପୁରୀର ନିଳାଦ୍ରୀ ଭକ୍ତ ନିବାସରେ ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସେ କହିଲେ ପ୍ରସ୍ତାବିତ ଶ୍ରୀମନ୍ଦିର ଆଦର୍ଶ ଗୁରୁକୂଳ ଶ୍ରୀମନ୍ଦିର ପରିଚାଳନା କମିଟି ଅଧିନରେ ରହିବ। ଏଥିଲାଗି ଶ୍ରୀମନ୍ଦିର ଆଦର୍ଶ ଗୁରୁକୂଳ ସୋସାଇଟି ଓ ଗୁରୁକୂଳ ଫଣ୍ଡ ଗଠନ କରାଯିବ । ଗଜପତି ମହାରାଜା ଏହାର ଅଧ୍ୟକ୍ଷ ରହିବେ। ଗୁରୁକୂଳ ପ୍ରତିଷ୍ଠା ନିମନ୍ତେ ୧୭ ଏକର ଜମି ଚିହ୍ନଟ କରାଯାଇଛି ଓ ରାଜ୍ୟ ସରକାର ଏଥିଲାଗି ୨୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଏଏସଆଇ ଓ ଶ୍ରୀମନ୍ଦିର ପ୍ରଶାସନ ଚୁକ୍ତି କରି ୫ ବର୍ଷିୟ ଯୋଜନା ପ୍ରସ୍ତୁତ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ଏଏସଆଇକୁ ଅନୁରୋଧ କରିବ। ରକ୍ଷଣାବେକ୍ଷଣ ପାଇଁ ଅଧିକ ଅର୍ଥ ଆବଶ୍ୟକ ହେଲେ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଦେବେ। ଏହି ବୈଠକରେ କେତେକ ସବ୍ କମିଟି ଗଠିତ ହୋଇଥିଲା। ସେ କହିଲେ ବୈଠକ ପ୍ରାରମ୍ଭରେ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା । ଆସନ୍ତା ୩ ବର୍ଷ ଲାଗି ଉକ୍ତ କମିଟିର କାର୍ଯ୍ୟକାଳ ଥିବାରୁ ଏହି ସମୟ ମଧ୍ୟରେ ମହାପ୍ରଭୁଙ୍କର ନୀତିକାନ୍ତି ଠାରୁ ଆରମ୍ଭ କରି ସବୁକିଛି ନିଷ୍ଠାର ସହିତ ତୁଲାଇବା ➤ ପୃ-୬

ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଉତ୍ତମ ସ୍ୱାସ୍ଥ୍ୟ ପରିଲକ୍ଷିତ ହେବ। କେବାର ଅର୍ଥ ଲଗାଣରୁ ଦୂରେଇ ରହନ୍ତୁ। ମାଆଙ୍କୁ କୌଣସି ପୁରୁଣା ରୋଗରୁ ମୁକ୍ତି ମିଳିବ। ପରିବାର ସହ ଭ୍ରମଣରେ ଯାଇପାରନ୍ତି। ବାହାରେ ପଢ଼ିବାକୁ ଇଚ୍ଛା ରଖିଥିବା ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ।

**ବୃଷ** ନାକାରାତ୍ମକ ମନୋଭାବ ପାଇଁ ମନ ଅସ୍ଥିର ରହିବ। ଶୁଭ ଓ ସଫଳ ସୁଯୋଗ ହାତରୁ ଯାଇପାରେ। ବନ୍ଧୁ ଓ ପରିବାରରେ ସୁଖମୟ ମୁହୂର୍ତ୍ତ କଟାଇ କାର୍ଯ୍ୟକ୍ଷେତ୍ରରେ ନୂଆ କାମ କରିପାରନ୍ତି। ଛାତ୍ରମାନେ ପାଠ ବୁଝିବାରେ ଅସମର୍ଥ ଅନୁଭବ କରିବେ।

**ମିଥୁନ** ମନକୁ ଦୃଢ଼ କରନ୍ତୁ। ଜମିବାଡି ଓ ନୂତନ ବ୍ୟବସାୟରେ ଧନ ଖଟାନ୍ତୁ ନାହିଁ କ୍ଷତି ସାହିପାରନ୍ତି। ଘରର କୌଣସି ସଦସ୍ୟଙ୍କ ସହ ଆଲୋଚନା ବେଳେ ମନସ୍ଥିର ରଖନ୍ତୁ। ପରୋପକାର କାର୍ଯ୍ୟରେ ମନଦେବେ।

**କର୍କଟ** ସ୍ୱାସ୍ଥ୍ୟ ଭଲ ରହିବ। କୌଣସି ସନ୍ଥ ଆଶୀର୍ବାଦ ମନକୁ ଶାନ୍ତି ଦେବ। ଆୟଠାରୁ ଅଧିକ ଖର୍ଚ୍ଚ କରିବେ। ବନ୍ଧୁ କିଛି ନୂଆ ଯୋଜନା ବିଷୟ ଆପଣଙ୍କୁ ଦେଇ ପାରନ୍ତି। କାର୍ଯ୍ୟକ୍ଷେତ୍ର ପ୍ରତିବନ୍ଧକର ଶିକାର ହେବେ।

**ସିଂହ** ସ୍ୱାସ୍ଥ୍ୟରେ ଲଗାତାର ଉନ୍ନତି ହେବ। କାହାକୁ ଉଧାର ଦିଅନ୍ତୁ ନାହିଁ କି ନିଅନ୍ତୁ ନାହିଁ। ପ୍ରବଳ ଧନପ୍ରାପ୍ତିର ଯୋଗଅଛି। ପରିବାରରେ ସହଯୋଗ ମିଳିବ। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହେବେ। ଛାତ୍ରମାନେ ବିବ୍ରତ ରହିବେ।

**କନ୍ୟା** ଶାରୀରିକ ଓ ମାନସିକ ସ୍ଥିତି ବିଗିଡି ଯାଇପାରେ। ଧନ କଷ୍ଟ ଅନୁଭବ କରିବେ। ଅନ୍ୟଠାରୁ ଉଧାର ନେଇପାରନ୍ତି। ଆପୋଷ ଆଲୋଚନା କରି ସମସ୍ୟାର ସମାଧାନ କରନ୍ତୁ। ଦମ୍ପତିମାନେ ସୁନ୍ଦର ସମୟ କଟାଇବେ।

**ତୁଳା** ଆପଣଙ୍କ ଚାରିପାଖର ଲୋକଙ୍କ ସହିତ ସଫଳତା ସହ ନିଜକୁ ସାମିଲ କରନ୍ତୁ। ଧନ ଧାର ନେଇପାରନ୍ତୁ। ପିତା ଓ ବଡଭାଇଙ୍କ ସହ ସମ୍ପର୍କ ସୁଦୃଢ଼ ହେବ। ଭବିଷ୍ୟତ ଚିନ୍ତାରେ କୌଣସି କ୍ଷେତ୍ରରେ ଅସ୍ଥିର ହେବେ।

**ବିଛା** କାର୍ଯ୍ୟର ବୋଝ ବଢ଼ିଲେ ମଧ୍ୟ ଆପଣ ପ୍ରଭାବଶାଳୀ ହେବେ। ଆର୍ଥିକ କ୍ଷତିର ସାମନା କରିବେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପୁତ୍ରମାନେ ପାଠ ବ୍ୟତିତ ଅନ୍ୟ କାର୍ଯ୍ୟରେ ମନଦେବେ।

**ଧନୁ** ସମସ୍ତ ପ୍ରକାର ଯାତ୍ରାରୁ ଦୂରେଇ ରହନ୍ତୁ। ଭବିଷ୍ୟତରେ ସୁରକ୍ଷା ପାଇଁ ଖର୍ଚ୍ଚ ପ୍ରତି ଧ୍ୟାନ ଦିଅନ୍ତୁ। ନିଜର ପ୍ରତିଭା ପାଇଁ କାର୍ଯ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରମାନେ ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ।

**ମକର** ସ୍ପଷ୍ଟବାଦୀ ହୁଅନ୍ତୁ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ନିଷ୍ପତ୍ତି ତୁରନ୍ତ ନିଅନ୍ତୁ। ଅର୍ଥପ୍ରାପ୍ତି ଯୋଗ ଅଛି। ଆପଣଙ୍କ ଖରାପ ଅଭ୍ୟାସ ପାଇଁ ଘର ଲୋକେ ଦୁଃଖିଥ ହେବେ। କାର୍ଯ୍ୟକ୍ଷେତ୍ରରେ ନିଜର ପ୍ରସ୍ତାବ ରଖିବାର ସମର୍ଥ ହେବେନାହିଁ।

**କୁମ୍ଭ** ମାଦକ ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ବ୍ୟବସାୟଜନିତ ନୂତନ ନିଷ୍ପତ୍ତି ନେବେ। ବିଦେଶ ଯାତ୍ରା ଯୋଗଅଛି। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଯଦି କାହାକୁ ଭଲ ପାଉଥାନ୍ତି ତେବେ ଶ୍ରେଷ୍ଠ ସଫଳତା ମିଳିବ। ଗୃହରେ ଶାନ୍ତି ବଜାୟ ରହିବ।

**ମୀନ** କାର୍ଯ୍ୟରୁ ସମୟ ବାହାର କରି ବିଶ୍ରାମ ନିଅନ୍ତୁ। ବ୍ୟୟ ବୃଦ୍ଧି ହୋଇପାରେ। ପରିବାରରେ ବିବାଦ ହୋଇପାରେ। ବ୍ୟବସାୟୀମାନେ କୌଣସି ଯାତ୍ରା କରନ୍ତୁ ନାହିଁ। ପ୍ରେମ ପାଇଁ ସମୟ ଅନୁକୂଳ। ପ୍ରେମ ବିବାହ ହୋଇପାରେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ହୁ'ର ମୁଖ୍ୟ ବୈଜ୍ଞାନିକଙ୍କ ବଡ଼ ବୟାନ

# ଭାରତରେ କରୋନାରୁ ଶୀଘ୍ର ମିଳିବନି ମୁକ୍ତି

**ନୂଆଦିଲ୍ଲୀ :** ମହାମାରୀ ବିରୋଧୀରେ ଭାରତୀୟମାନେ କରୁଥିବା ଲଢେଇରୁ ଏବେ ନିସ୍ତାର ମିଳିବ ନାହିଁ। ଭାରତରୁ କରୋନା ଆଗାମୀ ଭବିଷ୍ୟତରେ ସଂପୂର୍ଣ୍ଣ ଭାବେ ଲୋପ ପାଇବ ନାହିଁ। କୋଭିଡ୍ -୧୯ ମହାମାରୀର ଏଣ୍ଡେମିକ ପର୍ଯ୍ୟାୟରେ ଭାରତ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହାର ଅର୍ଥ ଭାରତରେ ସ୍ୱଳ୍ପ କିମ୍ବା ମଧ୍ୟମ ଧରଣରର ସ୍ତରର ସଂକ୍ରମଣ ଜାରି ରହିବ। ସଂପୂର୍ଣ୍ଣ ଭାବେ କରୋନା ଦେଶରୁ ଲୋପ ପାଇବ ନାହିଁ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟ ବୈଜ୍ଞାନିକ ଡା ସୌମ୍ୟା ସ୍ୱାମୀନାଥନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଣ୍ଡେମିସିଟି ପର୍ଯ୍ୟାୟ ହେଉଛି ଯେତେବେଳେ ଲୋକମାନେ ଜୀବାଣୁ ସହିତ ବଞ୍ଚିବା ଶିଖି ନିଅନ୍ତି। ମହାମାରୀ ପର୍ଯ୍ୟାୟଠାରୁ ଏହା ଭିନ୍ନ। ଭାଇରସ ଲୋକଙ୍କ ଭିତରେ ସବୁବେଳେ ରହିଥାଏ। ବର୍ତ୍ତମାନ ଭାରତ ଉକ୍ତ ପର୍ଯ୍ୟାୟରେ ପ୍ରବେଶ କରିବାର ସମ୍ଭାବନା ରହିଛି। ଭାରତ ବାୟୋଟେକ ପ୍ରସ୍ତୁତ କରିଥିବା କରୋନା




ଟିକା କୋଭାକ୍ସିନକୁ ହୁ'ର ଅନୁମୋଦନ ସମ୍ପର୍କରେ ସେ କହିଛନ୍ତି, ସେପ୍ଟେମ୍ବର ମଧ୍ୟ ଭାଗ ସୁଦ୍ଧା ହୁ'ର ଟେକ୍ନିକାଲ ଗ୍ରୁପ୍ କୋଭାକ୍ସିନ ଟିକାର ଜରୁରୀ କାଳୀନ ବ୍ୟବହାର ପାଇଁ ଅନୁମୋଦନ ଦେଇପାରନ୍ତି। କମ୍ପାନୀ ଦେଇଥିବା ତଥ୍ୟ ଗ୍ରୁପ୍ର ସବୁ ସଦସ୍ୟଙ୍କୁ ସନ୍ତୁଷ୍ଟ କରିପାରିବ ବୋଲି ସେ ଆଶା ରଖିଥିବା କହିଛନ୍ତି। ଦି ୱ୍ୟାରର ସାମ୍ବାଦିକ କରଣ ଥାପରଙ୍କୁ ଦେଇଥିବା ଏକ ସାକ୍ଷାତକାରରେ ଡା ସ୍ୱାମୀନାଥନ କହିଛନ୍ତି, ଭାରତର ଆକାର ତଥା ଦେଶର ବିଭିନ୍ନ ଭାଗର ଜନସଂଖ୍ୟାକୁ ଦେଖିଲେ, କରୋନା ସଂକ୍ରମଣର ଉତ୍ଥାନ ପତନ ଲାଗି ରହିପାରେ। ସମ୍ଭବତଃ ଆମେ ଏଣ୍ଡେମିସିଟି ପର୍ଯ୍ୟାୟରେ ପ୍ରବେଶ କରିବାକୁ ଯାଉଛୁ। ଯେଉଁଠାରେ ସଂକ୍ରମଣ ସ୍ୱଳ୍ପ କିମ୍ବା ମଧ୍ୟମ ସ୍ତରରରେ ରହିପାରେ। ୨୦୨୨ ଶେଷ ସୁଦ୍ଧା ଦେଶର ୭୦% ଲୋକଙ୍କୁ ସଂପୂର୍ଣ୍ଣ ଟିକାକରଣ କରାଯାଇ ପାରିଥିବ। ଏହାପରେ ସ୍ଥିତି ସ୍ୱାଭାବିକ ହେବାର ସମ୍ଭାବନା ଥିବା ସେ ଆଶା ପୋଷଣ କରିଛନ୍ତି। ସେହିପରି ଛୋଟ ପିଲାମାନଙ୍କ ସଂକ୍ରମଣକୁ ନେଇ ସେ ବାପା ମା'ଙ୍କୁ ବ୍ୟସ୍ତ ନ ହେବାକୁ କହିଛନ୍ତି। ସେ କହିଛନ୍ତି, କରୋନା ଭାଇରସରେ ଛୋଟ ପିଲା ସଂକ୍ରମିତ ହେବାର ଆଶଙ୍କା ରହିଛି। ତେବେ ଏହା ସେମାନଙ୍କୁ ଅଧିକ ଗୁରୁତର କରିବ ନାହିଁ। ତେଣୁ କେହି ବି ବ୍ୟସ୍ତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି।

# ଦେଶରେ ବଢୁଛି ସଂକ୍ରମଣ

**ନୂଆଦିଲ୍ଲୀ :** ଗୋଟିଏ ପଟେ ମହାମାରୀ କରୋନା ତୃତୀୟ ଲହରର ଭୟ ସମସ୍ତଙ୍କୁ ଘାରିଥିବା ବେଳେ ଅନ୍ୟପଟେ ଦେଶରେ କ୍ରମାଗତ ଦୈନିକ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ତୁଳନାରେ ଗୁରୁବାର ସାମ୍ନାକୁ ଆସିଥିବା ଦୈନିକ ସଂକ୍ରମଣରେ ୨୨.୭% ବୃଦ୍ଧି ଘଟିଛି। କେବଳ ସଂକ୍ରମଣ ନୁହେଁ, ମୃତ୍ୟୁସଂଖ୍ୟା ମଧ୍ୟ ବିବାରୁ ସମସ୍ତଙ୍କ ମନରେ ଛନକା ପଶିଛି। ବିଶେଷଜ୍ଞମାନେ ଦେଶର କିଛି ସ୍ଥାନରେ କରୋନା ତୃତୀୟ ଲହର ଆରମ୍ଭ ହୋଇସାରିଥିବା ମତ ଦେଇଛନ୍ତି। କିନ୍ତୁ ସରକାର ବିଧିବଦ୍ଧ ଭାବେ ତୃତୀୟ ଲହର ଦେଶରେ ଆରମ୍ଭ ହୋଇଯାଇଥିବା କଥା କହିନାହାନ୍ତି। ୨୪ ଘଣ୍ଟା ମଧ୍ୟରେ ଆଉ ୪୬,୧୬୪ ଜଣଙ୍କ କରୋନା ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି। ସେହିପରି ଦିନକରେ ଆଉ ୬୦୭ ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩.୨୫ କୋଟିରେ ପହଞ୍ଚିଥିବା ବେଳେ ମୃତକଙ୍କ ସଂଖ୍ୟା ୪.୩୬ ଲକ୍ଷ ରହିଛି। କେରଳ ସ୍ଥିତି ସବୁଠାରୁ ସଂଗୀନ ରହିଛି। ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ସଂକ୍ରମଣ ହାର ପ୍ରାୟ ୩୦% ବଢ଼ିଛି। ଦିନକରେ ୩୧,୪୪୫ ଜଣଙ୍କ କରୋନାରେ ଆକ୍ରାନ୍ତ ହୋଇଥିବା ବେଳେ ୨୧୫ ଜଣଙ୍କ ଜୀବନ ଯାଇଛି। କେରଳରେ ପଜିଟିଭିଟି ରେଟ୍ ୧୯.୦୩% ରହିଛି। ସଂକ୍ରମଣ ବୁଥିଲେ ମଧ୍ୟ ରାଜ୍ୟରେ ଓଣମ ପର୍ବ ପାଳନ କରାଯାଇଥିଲା। ଶହଶହ ଲୋକ ୧୦ ଦିନ ଯାଏ ଏକାଠି ହୋଇ ଏହି ପର୍ବକୁ ପାଳନ କରିଛନ୍ତି। ରାଜ୍ୟରେ ସଂକ୍ରମଣ ବୃଦ୍ଧି ପଛରେ ଓଣମ ଦାୟୀ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କରୋନା ଦ୍ୱାରା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ମହାରାଷ୍ଟ୍ରରେ ଗତ ୨୪ ଘଣ୍ଟାରେ ୫୦୩୧ ଜଣଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି। ହେଲେ ଦିନକରେ ୨୧୬ ଜଣଙ୍କ ଜୀବନ ଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଦୀର୍ଘ ୩୧ ଦିନ ହେଲାଣି ଦେଶରେ ପଜିଟିଭିଟି ରେଟ୍ ୩% ତଳେ ରହିଛି। ଜାତୀୟ ପଜିଟିଭିଟି ରେଟ୍ ୨.୫୮% ରହିଥିଲେ ହେଁ କିଛି ରାଜ୍ୟରେ ଏହା ୧୦% ଉପରେ ରହିଛି। କେରଳରେ ପଜିଟିଭିଟି ରେଟ୍ ୨୦% ଛୁଇଁବାକୁ ବସିଲାଣି। ଆକ୍ଟିଭ କେସ୍ ମୋଟ ମାମଲାର ୧.୦୩%। କିନ୍ତୁ ୨୪ ଘଣ୍ଟାରେ ସକ୍ରିୟ ମାମଲାରେ ୧୧,୩୯୮ ବୃଦ୍ଧି ପାଇଛି। ଏବେ ଦେଶର ବିଭିନ୍ନ ରାଜ୍ୟରେ ୩, ୩୩, ୭୨୫ ଜଣ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଦେଶରେ ଆରୋଗ୍ୟ ହାର ୯୭.୬୩% ରହିଛି। ୨୪ ଘଣ୍ଟାରେ ୩୪,୧୫୯ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେହିପରି ମୃତ୍ୟୁହାର ୧.୩୪% ରହିଛି।

# ସୁପ୍ରିମ୍‌କୋର୍ଟର ନୂଆ ବିଚାରପତି ହେବେ ୯ଜଣ

**ନୂଆଦିଲ୍ଲୀ :** ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରପତି ପଦରେ ନିଯୁକ୍ତି ନିମନ୍ତେ ଦେଶର ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ କଲେଜିୟମ ସୁପାରିଶ କରିଥିବା ସମସ୍ତ ୯ ଜଣଙ୍କ ନାମକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ଫଳରେ ଉକ୍ତ ୯ ଜଣ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତ ହେବା ପଥ ପରିଷ୍କାର ହୋଇଯାଇଛି। ପ୍ରଧାନ ବିଚାରପତି ଜଷ୍ଟିସ ଏନ ଭି ରମନାଙ୍କ ନେତୃତ୍ୱରେ ଗଠିତ କଲେଜିୟମ ପକ୍ଷରୁ ସୁପାରିଶ କରାଯାଇଥିବା ୯ ଜଣଙ୍କ ନାମ ଅନୁମୋଦନ ଲାଭ କରିବା ପରେ ତାହାକୁ ପରବର୍ତ୍ତୀ ଆନୁଷଙ୍ଗିକ କାର୍ଯ୍ୟ ଚୂଡାନ୍ତ କରି ନିଯୁକ୍ତି ପତ୍ର ଜାରି କରିବାକୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇ ଦିଆଯାଇଛି। ସେମାନଙ୍କ ମଧ୍ୟରେ ତିନିଜଣ ମହିଳାଙ୍କ ନାମ ରହିଛି। ସବୁକିଛି ଧାର୍ଯ୍ୟ ସମୟରେ ଚାଲିଲେ ଆସନ୍ତା ସପ୍ତାହରେ ସୁପ୍ରିମକୋର୍ଟରେ ୯ ଜଣ ନୂତନ ବିଚାରପତି ଦାୟିତ୍ୱ ଗ୍ରହଣ କରିବେ। ସଂପ୍ରତି ସୁପ୍ରିମ କୋର୍ଟରେ ଦଶଟି



ବିଚାରପତି ପଦ ଖାଲି ପଡିଛି ଏବଂ ୨୪ ଜଣ ବିଚାରପତିଙ୍କୁ ନେଇ ଦେଶର ସର୍ବୋଚ୍ଚ ନ୍ୟାୟାଳୟ କାର୍ଯ୍ୟ କରୁଛି। ଏକ ସମୟରେ ୯ ଜଣ ବିଚାରପତିଙ୍କ ନାମକୁ ସରକାର ଅନୁମୋଦନ କରିବା ଦେଶର ନ୍ୟାୟପାଳିକା ଇତିହାସରେ ଅଭୂତପୂର୍ବ ବୋଲି କୁହାଯାଉଛି। ଏହି ବ୍ୟକ୍ତିବିଶେଷଙ୍କ ମଧ୍ୟରେ ୮ ଜଣ ବିଚାରପତି ଏବଂ ଜଣେ ବରିଷ୍ଠ ଆଇନଜୀବୀ ଏବଂ ପୂର୍ବତନ ଅତିରିକ୍ତ ସଲିସିଟର ଜେନେରାଲ ପି ଏସ ନରସିଂହାଙ୍କ ନାମ ରହିଛି। ଆଇନଜୀବୀଙ୍କୁ ସୁପ୍ରିମକୋର୍ଟ ବାର୍‌ରୁ ସିଧାସଳଖ ସୁପ୍ରିମକୋର୍ଟରେ ନିଯୁକ୍ତି ଦିଆଯିବ, ଯାହା ଇତିହାସରେ ପ୍ରଥମ।

### ଏସିୟାନ ଡେଭଲପମେଣ୍ଟ ବ୍ୟାଙ୍କ ରିପୋର୍ଟ

# ମହାମାରୀରେ ୮୦ ନିୟୁତ ଲୋକ ଦାରିଦ୍ର୍ୟତାର ଶିକାର

**ମେଟ୍ରୋ ମାନିଲା :** କୋଭିଡ୍-୧୯ ମହାମାରୀ ଯୋଗୁ ୨୦୨୦ ମସିହାରେ ବିକାଶଶୀଳ ପ୍ରଶାନ୍ତ-ଏସିୟା କ୍ଷେତ୍ରର ଅନ୍ୟୁନ ୭୫ ରୁ ୮୦ ନିୟୁତ ଲୋକ ଅତ୍ୟଧିକ ଦାରିଦ୍ର୍ୟତାର ଶିକାର ହୋଇଛନ୍ତି। ଏସିୟାନ ଡେଭଲପମେଣ୍ଟ ବ୍ୟାଙ୍କ (ଏଡିବି) ମଙ୍ଗଳବାର ଜାରି କରିଥିବା ନୂଆ ରିପୋର୍ଟରେ ଏହା କହିଛନ୍ତି। କେବଳ ଏତିକି ନୁହେଁ ମହାମାରୀ କ୍ଷେତ୍ରରେ ଶତତ ବିକାଶ ଲକ୍ଷ (ଏଡିଜି)ରେ ପ୍ରମୁଖ ବିକାଶ ଲକ୍ଷ୍ୟପୂଣରେ ମସ୍ତବଡ ବିପଦ ବୋଲି ସତର୍କ କରାଇ ଦେଇଛନ୍ତି। 'ଇଣ୍ଡିକେଟର ଫର ଦି ଏସିଆ ଏଣ୍ଡ ଦି ପେସିଫିକ-୨୦୨୧' ଶୀର୍ଷକ ଏହି ରିପୋର୍ଟରେ ଗତବର୍ଷ ବିଶ୍ୱରେ ଦେଖାଦେଇଥିବା ମହାମାରୀ ଦାରିଦ୍ର୍ୟ ସୀମାରେଖା ତଳେ ଅଥବା ପାଖାପାଖି ରହୁଥିବା ଲକ୍ଷ ଲକ୍ଷ




ଲୋକେ ଆର୍ଥିକ ଅସମାନତାର ଶିକାର ହୋଇଛନ୍ତି। ଯାହାର ପ୍ରଭାବ ଧୀରେ ଧୀରେ ସାମ୍ନାକୁ ଆସିବାରେ ଲାଗିଛି। ଏଥିରେ ଯେଉଁମାନେ ଆବଶ୍ୟକତା ପୂରଣ ଲାଗି ପ୍ରଥମରୁ ସଂଘର୍ଷରତ ଥିଲେ ସେମାନେ ଏବେ ପୁଣି ଦାରିଦ୍ର୍ୟତା ମଧ୍ୟକୁ ଠେଲି ହୋଇଯାଇଥିବା ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ ଅତ୍ୟଧିକ ଗରିବି ବୃଦ୍ଧି ନେଇ ମଧ୍ୟ ସତର୍କ କରାଯାଇଛି। ଏହି ରିପୋର୍ଟ ଅନୁସାରେ ୨୦୧୭ ମସିହା ବେଳକୁ ପ୍ରଶାନ୍ତ-ଏସିଆ କ୍ଷେତ୍ରର ୨୦୩ ନିୟୁତ ଲୋକେ ଅର୍ଥାତ୍ ବିକାଶଶୀଳ ଏସିଆର ୫.୨ ପ୍ରତିଶତ ଜନ ସଂଖ୍ୟା ଅତ୍ୟଧିକ ଦାରିଦ୍ର୍ୟତା ମଧ୍ୟରେ କାଳାତିପାତ କରୁଥିଲେ। ତେବେ ୨୦୨୦ ମସିହା ବେଳକୁ ଏହି ପ୍ରତିଶତ ୨.୬କୁ ହ୍ରାସ ହୋଇଥିଲା। ହେଲେ ୨୦୨୦ରେ କରୋନା ଭାଇରସ ମହାମାରୀ ଓ ତତ୍‌ଜନିତ କଟକଣା ଯୋଗୁ ଦାରିଦ୍ର୍ୟତା ବଢ଼ିଥିବା ଏଡିବିଙ୍କ ମୁଖ୍ୟ ଅର୍ଥନୀତିଜ୍ଞ ୟାସୁୟୁକି ସବାଦା କହିଛନ୍ତି।

### ନିତି ଆୟୋଗର ସୁପାରିସ


# ସମସ୍ତ ସାର୍ବଜନୀନ ପାର୍କିଂରେ ଚାର୍ଜିଂ ଷ୍ଟେସନ୍ କରାଯାଉ

**ନୂଆଦିଲ୍ଲୀ :** ଇଲେକଟ୍ରିକ୍ ଯାନ ପାଇଁ ଚାର୍ଜିଂ ଷ୍ଟେସନ୍ ଜରୁରୀ ହୋଇଥିବାରୁ ସମସ୍ତ ସାର୍ବଜନୀନ ପାର୍କିଂରେ ଚାର୍ଜିଂ ଷ୍ଟେସନ୍ କରାଯାଉ ବୋଲି ନିତି ଆୟୋଗର ସୁପାରିସ କରିଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ମାର୍ଚ୍ଚ ଶେଷସୁଦ୍ଧା ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ଦୁଇ ହଜାରରୁ କିଛି ଅଧିକ ଚାର୍ଜିଂ ଷ୍ଟେସନ୍ ସ୍ଥାପିତ ହୋଇପାରିଛି। ଅପରପକ୍ଷେ, ନିତି ଆୟୋଗ ପକ୍ଷରୁ ଦେଶରେ ଚାର୍ଜିଂ ଷ୍ଟେସନ୍ ସ୍ଥାପନ କରିବା କ୍ଷେତ୍ରରେ ତତ୍ପରତା ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଛି। ଯାହାଫଳରେ ଆବଶ୍ୟକ ଅନୁସାରେ ଇଲେକଟ୍ରିକ୍ ଯାନଗୁଡ଼ିକୁ ଚାର୍ଜ କରାଯାଇପାରିବ। ନିତି ଆୟୋଗ ଦ୍ୱାରା ପ୍ରସ୍ତୁତ ଯୋଜନାରେ ସାର୍ବଜନୀନ, ଅର୍ଦ୍ଧ-ସାର୍ବଜନୀନ ଏବଂ ଘରୋଇ(ପ୍ରାଇଭେଟ୍)



ଭାବେ ଚାର୍ଜିଂ ଷ୍ଟେସନ୍ ଗୁଡ଼ିକର ସ୍ଥାପନା ପାଇଁ ସୁପାରିସ କରାଯାଇଛି। ନିତି ଆୟୋଗ କହିବା ଅନୁସାରେ, ସମସ୍ତ ସହରର ନଗରପାଳିକାମାନଙ୍କରେ ପାର୍କିଂ ନୀତିରେ ସୁଧାର ଆଣିବାର ଆବଶ୍ୟକ। ଯାହାଦ୍ୱାରା ସହରର ସମସ୍ତ ପାର୍କିଂରେ ଚାର୍ଜିଂ ସୁବିଧା ସ୍ଥାପନ କରାଯାଇପାରିବ। ନୂଆ କରି ନିର୍ମାଣ ହେଉଥିବା ସମସ୍ତ ଭବନମାନଙ୍କରେ ଚାର୍ଜିଂ ସୁବିଧାକୁ ଅନିର୍ବାର୍ଯ୍ୟ କରିବା ପାଇଁ ନିତି ଆୟୋଗ ସୁପାରିସ କରିଛି। ପୁରୁଣା ଭବନଗୁଡ଼ିକରେ ମଧ୍ୟ ଚାର୍ଜିଂ ଷ୍ଟେସନ୍ ସ୍ଥାପନ ପାଇଁ ଏଥିରେ ସୁପାରିସ କରାଯାଇଛି। ନଗର ନିଗମ ତଥା ସହରୀ ବିକାଶ ପ୍ରାଧିକରଣ ଭଳି ଏଜେନ୍ସିମାନେ ଚାର୍ଜିଂ ଷ୍ଟେସନ୍ ସ୍ଥାପନ କରିବା ପାଇଁ ଘରୋଇ ଅପରେଟରମାନଙ୍କ ସହ ବୁଝାମଣା କରି ଜମି ପ୍ରଦାନ କରି ପାରିବେ ବୋଲି ନିତି ଆୟୋଗ ସୁପାରିସରେ କହିଛି। ନିତି ଆୟୋଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା 'ହ୍ୟାଣ୍ଡ୍‌ବୁକ୍ ଅଫ ଇଲେକଟ୍ରିକ୍ ଭେଇକଲ୍ ଚାର୍ଜିଂ ଇନ୍‌ଫ୍ରାଷ୍ଟ୍ରକଚର୍ ଇମପ୍ଲିମେନେଟେସନ୍' ପୁସ୍ତିକାରେ ଦେଶର ବିଭିନ୍ନ ରାଜ୍ୟରେ ଚାର୍ଜିଂ ଷ୍ଟେସନ୍ ପାଇଁ ନିର୍ଦ୍ଧାରଣ କରାଯାଇଥିବା ବିଜୁଳି ଦର ତାଲିକାରେ ଓଡ଼ିଶାରେ ପ୍ରତି କିଲୋୱାଟ୍ ପିଛା ଟ. ୪ .୨୦ ପଇସାରୁ ଟ. ୫. ୭୦ ପଇସା ରହିଥିବାର ଉଲ୍ଲେଖ ଅଛି।


# 'ପତ୍ନୀଙ୍କ ସହ ବଳପୂର୍ବକ ଶାରୀରିକ ସମ୍ପର୍କ ଦୁଷ୍କର୍ମ ନୁହେଁ'



**ରାୟପୁର :** ବଳପୂର୍ବକ ପତ୍ନୀଙ୍କ ସହ ଶାରୀରିକ ସମ୍ପର୍କ ରଖି କାଠଗଡ଼ାକୁ ଟଣା ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଆଶ୍ୱସ୍ତି ମିଳିଛି। ଆଇନ ଅନୁସାରେ ବିବାହ ପରେ ପତ୍ନୀଙ୍କ ସହ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିବା ଆଦୌ ଦୁଷ୍କର୍ମ ନୁହେଁ। ପତ୍ନୀଙ୍କ ଇଚ୍ଛା ବିରୋଧରେ ବି ଯଦି ସ୍ୱାମୀ ଶାରୀରିକ ସମ୍ପର୍କ ରଖୁଛନ୍ତି, ତା'ହେଲେ ଏହାକୁ ଅପରାଧ ବୋଲି ବିବେଚନା କରାଯାଇ ପାରିବ ନାହିଁ ବୋଲି ଛତିଶଗଡ଼ ହାଇକୋର୍ଟ କହିଛନ୍ତି। ଏଥିସହ ଏପରି ଏକ ଅଭିଯୋଗରେ ଫସିଥିବା ବ୍ୟକ୍ତିଙ୍କୁ ଦୋଷମୁକ୍ତ କରିଛନ୍ତି। ଦାମ୍ପତ୍ୟ ଦୁଷ୍କର୍ମ ଅଭିଯୋଗ ମାମଲାର ଶୁଣାଣି କରି କୋର୍ଟ କହିଛନ୍ତି, ଯଦି ଆଇନଗତ ଉପାୟରେ ବାହାଘର ହୋଇଛି ଓ ପତ୍ନୀଙ୍କ ବୟସ ୧୮ ବର୍ଷରୁ ଅଧିକ, ତା'ହେଲେ ସ୍ୱାମୀ ତାଙ୍କ ସହ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଲେ ବି ଏହାକୁ ଦୁଷ୍କର୍ମ ଭାବେ ବିବେଚନା କରାଯାଇ ପାରିବ ନାହିଁ। ଏହି ଅଭିଯୋଗରେ ଆବେଦନକାରୀ ହେଉଛନ୍ତି ଅଭିଯୁକ୍ତଙ୍କ ଆଇନଗତ ପତ୍ନୀ। ତେଣୁ ଆବେଦନକାରୀଙ୍କ ସହ ତାଙ୍କ ସ୍ୱାମୀ ଯଦି କୌଣସି ଶାରୀରିକ ସମ୍ପର୍କ ରଖୁଛନ୍ତି, ତା'ହେଲେ ଏହାକୁ ଦୁଷ୍କର୍ମ ଜନିତ ଅପରାଧ ଭାବେ ବିବେଚନା କରାଯାଇ ପାରିବ ନାହିଁ। ସ୍ୱାମୀ ଜଣଙ୍କ ଯଦି ପତ୍ନୀଙ୍କ ଇଚ୍ଛା ବିରୋଧରେ ଓ ବଳପୂର୍ବକ ଶାରିରୀକ ସମ୍ପର୍କ ରଖୁଛନ୍ତି, ତା'ହେଲେ ବି ଏହାକୁ ଦୁଷ୍କର୍ମ କୁହାଯାଇ ପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ହାଇକୋର୍ଟ ବ୍ୟକ୍ତି ଜଣଙ୍କୁ ଦାମ୍ପତ୍ୟ ଦୁଷ୍କର୍ମ ମାମଲାରେ ଦୋଷମୁକ୍ତ କରିଥିଲେ ହେଁ ଧାରା ୩୭୭ (ଅପ୍ରାକୃତିକ ଶାରୀରିକ ସମ୍ପର୍କ) ଅନୁଯାୟୀ ତାଙ୍କ ବିରୋଧରେ ହୋଇଥିବା ଚାର୍ଜଫ୍ରେମକୁ କାଏମ ରଖିଛନ୍ତି। ଏହାପୂର୍ବରୁ ମୁମ୍ବାଇର ଆଡିସନାଲ ସେସନ୍ସ ଜଜ୍ ମଧ୍ୟ ପତ୍ନୀଙ୍କ ଇଚ୍ଛା ବିରୋଧରେ ଯଦି ସ୍ୱାମୀ ଶାରୀରିକ ସମ୍ପର୍କ ରଖୁଛନ୍ତି, ତା'ହେଲେ ଏହାକୁ ଅପରାଧ ଭାବେ ବିବେଚନା କରାଯାଇ ପାରିବ ନାହିଁ ବୋଲି କହିଥିଲେ।

# ଭାରତରେ ଦୈନିକ ଚିହ୍ନଟ ହେବେ ୬ ଲକ୍ଷ କରୋନା ଆକ୍ରାନ୍ତ

**ନୂଆଦିଲ୍ଲୀ :** ମହାମାରୀ କରୋନାର ତୃତୀୟ ଲହର ଏବେ ସମସ୍ତଙ୍କ ମନରେ ଛନକା ସୃଷ୍ଟି କରିବାରେ ଲାଗିଛି। ସରକାରୀ ପ୍ୟାନେଲ ଅକ୍ଟୋବରରେ କରୋନା ତା'ର ତାଉ ଦେଖାଇବ ବୋଲି ରିପୋର୍ଟ ଦେବା ପରେ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। କିନ୍ତୁ ଏବେ ନୂଆ ଗବେଷଣାରୁ ଆହୁରି ଭୟଭୀତ କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି। ଯଦି ଦେଶରେ ଟିକାକରଣକୁ ଜୋରାଦାର କରା ନଯିବ ଓ ତୃତୀୟ ଲହରକୁ ରୋକା ନଯିବ, ତା'ହେଲେ ସ୍ଥିତି ଭୟଙ୍କର ହେବ। କରୋନାର ଦ୍ୱିତୀୟ ଲହରର ପିକ୍ ବେଳେ ଦେଶରେ ଦୈନିକ ୪ ଲକ୍ଷରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଥିଲେ। କିନ୍ତୁ ତୃତୀୟ ୱେଭ ପିକ ବେଳେ ଦୈନିକ ୬ ଲକ୍ଷ ଆକ୍ରାନ୍ତ ଚିହ୍ନଟ ହେବାର ଆଶଙ୍କା ରହିଛି। ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ଅଧୀନରେ ଥିବା ଏନଆଇଡିଏମ ଆକଳନ କରିଛି ଯେ ଦେଶରେ ଅକ୍ଟୋବର ଆରମ୍ଭରୁ ହିଁ ଦୈନିକ ସଂକ୍ରମଣ ବୃଦ୍ଧି ପାଇବ। ଏ ସଂକ୍ରାନ୍ତ ରିପୋର୍ଟ ମଧ୍ୟ ଏନଆଇଡିଏମ ପକ୍ଷରୁ ପିଏମଓକୁ ଦିଆଯାଇଛି। ଏବେ ଦୀନ ଦୟାଲ ଉପାଧ୍ୟାୟ ଶକ୍ତି ବିଶ୍ୱବିଦ୍ୟାଳୟ ଓ ନିର୍ମା ବିଶ୍ୱବିଦ୍ୟାଳୟର ଗବେଷଣା ରିପୋର୍ଟ ସାମ୍ନାକୁ ଆସିଛି। ଏଥିରେ କୁହାଯାଇଛି ଯେ କରୋନାର ତୃତୀୟ ଲହରର ପିକ୍ ବେଳେ ଦୈନିକ ସଂକ୍ରମଣ ୬ ଲକ୍ଷ ରହିପାରେ। କିନ୍ତୁ ସରକାର ଯଦି ଯୋଜନା ମୁତାବକ ଦୈନିକ ୧୦ ମିଲିୟନ ଟିକାକରଣ ଲକ୍ଷ୍ୟକୁ ପୂରଣ



କରିପାରିବେ, ତା'ହେଲେ ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ୨ ଲକ୍ଷରେ ସୀମିତ ରହିପାରିବ। ଟିକାକରଣ ଜୋରଦାର ହେଲେ ହିଁ ତୃତୀୟ ୱେଭ ସହ ଦୈନିକ ସଂକ୍ରମଣକୁ ରୋକା ଯାଇ ପାରିବ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ୟ ସଂସ୍ଥାଗୁଡ଼ିକ ମଧ୍ୟ ଆଗାମୀ ସପ୍ତାହରେ କରୋନାର ନୂଆ ୱେଭ ଆସିବ ବୋଲି ଆକଳନ କରିଛନ୍ତି। ତେବେ ଅଧିକାଂଶ ସଂସ୍ଥା ଦ୍ୱିତୀୟ ୱେଭ ତୁଳନାରେ ତୃତୀୟ ଲହରର ଭୟାବହତା କମ ରହିବ ବୋଲି ପୂର୍ବାନୁମାନ କରିଛନ୍ତି। ଆମେ ଯଦି ଭାରତର ଟିକାକରଣର ହାର ଦେଖିବା, ତା'ହେଲେ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଏହା ବହୁତ କମ। ଦୁଇ ସପ୍ତାହର ତଥ୍ୟକୁ ଆକଳନ କଲେ, ଦୈନିକ ୫୨.୭ ଲକ୍ଷ ଡୋଜ୍‌ର ଟିକାକରଣ ହେଉଛି। ଏପରି ସ୍ଥିତିରେ ୬୭% ପ୍ରାପ୍ତ ବୟସ୍କଙ୍କ ଟିକାକରଣ ପାଇଁ ଆହୁରି ୪ରୁ ୫ ମାସ ଲାଗିବ। ସେହିପରି ସବୁ ପ୍ରାପ୍ତ ବୟସ୍କଙ୍କ ଟିକାକରଣ ସାରିବାକୁ ୨୦୨୨ ମସିହା ଏପ୍ରିଲ ଯାଏ ଅପେକ୍ଷା କରିବାକୁ ପଡ଼ିବ। ତେଣୁ ଟିକାକରଣକୁ ଅଧିକରୁ ଅଧିକ ଜୋରଦାର କରିବାକୁ ବିଶେଷଜ୍ଞମାନେ କହିଛନ୍ତି। ଅନ୍ୟପକ୍ଷରେ ଦ୍ୱିତୀୟ ୱେଭ ବେଳେ ସଂକ୍ରମଣ ବଢ଼ିବାରୁ ଦେଶରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିଲା। ବେଡ୍ ଠାରୁ ଅମ୍ଳଜାନ ଯାଏ ସବୁ କିଛିର ଅଭାବ ଦେଖାଯାଇଥିଲା। ଅମ୍ଳଜାନ ଅଭାବରୁ ଅନେକ ଲୋକ ମଧ୍ୟ ପ୍ରାଣ ହରାଇଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାରୀ ପ୍ୟାନେଲ ତୃତୀୟ ୱେଭ ପୂର୍ବରୁ ହସ୍ପିଟାଲ ଭିତ୍ତିଭୂମିକୁ ସଜାଡ଼ିବାକୁ ପରାମର୍ଶ ଦେଇଛି। ବିଶେଷ କରି ଛୋଟ ପିଲାଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବାକୁ କୁହାଯାଇଛି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୩୦ ଅଗଷ୍ଟ - ୦୫ ସେପ୍ଟେମ୍ବର, ୨୦୨୧

# କୋଟିଆ ମୋହ ଛାଡ଼ିପାରୁନି ଆନ୍ଧ୍ର

**କୋରାପୁଟ :** ଯେତେ ଯାହା କଲେ ବି କୋଟିଆ ମୋହ ଛାଡ଼ିପାରୁନି ଆନ୍ଧ୍ର। କେବଳ ସେତିକି ନୁହେଁ ଓଡ଼ିଶା ପ୍ରଶାସନର କଡ଼ା ପଦକ୍ଷେପ ବି କାଟୁ କରୁନି। ବେଫିକର ହୋଇ କୋରାପୁଟର ବିବାଦୀୟ କୋଟିଆ ଗ୍ରାମପୁଞ୍ଜରେ ବୁଲୁଛନ୍ତି ଆନ୍ଧ୍ର ଅଧିକାରୀ। ବୃକ୍ଷରୋପଣ ପାଇଁ ମାଗଣା ଚାରା ବଣ୍ଟନ ସହ ଗାଁକୁ ଗାଁ ବୁଲି ଗୃହପାଳିତ ପଶୁଙ୍କ ଚିକିତ୍ସା କରୁଛନ୍ତି। ଗଲା ୩ ଦିନ ହେଲା ପାର୍ବତୀପୁରମ ଆଇଟିଡିଏ, ପିଓ ଆର୍.କେ. ଉର୍ମନାଥ, ଫାଟୁସେନେରି, ଫଗୁଣସେନେରି, ମାଡକର, ତଳସେମ୍ଭି, ଉପରସେମ୍ଭି, ଗଂଜେଇପଦର ଗାଁକୁ ଯାଇ ଆନ୍ଧ୍ର ଅଧିକାରୀ ଚାରା ବଣ୍ଟନ କରିଛନ୍ତି। ଅପରପକ୍ଷେ ପ୍ରାଣୀ ଡାକ୍ତର ଟିମ ଛେଳି, ମେଣ୍ଢା, ଗାଈ, ବଳଦଙ୍କୁ ଚିକିତ୍ସା କରୁଛନ୍ତିୟ ବର୍ଷା ଦିନରେ କିପରି ଗୃହପାଳିତ ପଶୁଙ୍କୁ ସୁରକ୍ଷା ଦିଆଯାଇପାରିବ ସେଥିପାଇଁ ପ୍ରାଣୀ ଚିକିତ୍ସା ଶିବିର ବି ଆୟୋଜନ କରାଯାଉଛି। ୪ଶହ ପଶୁଙ୍କ ଔଷଧ ଦିଆଯାଇଥିବା ବେଳେ ୩ଶହ ଗାଈଙ୍କୁ ଟିକାକରଣ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୪ ତାରିଖ ଯାଏଁ ଏଭଳି ଚିକିତ୍ସା ସେବା ଜାରି ରହିବ ବୋଲି ସୂଚନା ମିଳିଛି। ସେହିପରି ୪୬ ଜଣ ଚାଷୀ ଏବଂ ଗ୍ରାମବାସୀଙ୍କୁ ସାଲୁର ମଣ୍ଡଳ ଡାକ୍ତରଙ୍କ ଦ୍ୱାରା ଆନିମଲ୍ ହେଲ୍ଥ କାର୍ଡ ଦିଆଯାଇଛି। ଆନ୍ଧ୍ର ଅଧିକାରୀଙ୍କ ଏଭଳି କାର୍ଯ୍ୟକୁ କୋରାପୁଟ ବିକାଶ ପରିଷଦ ଓ ଆମ କୋଟିଆ ସଂଗଠନ ବିରୋଧ କରିଛି। ଏଥିସହ କୋରାପୁଟ ପୁଲିସ ଓ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେପଟେ କୋଟିଆ ଅଂଚଳରେ ଆନ୍ଧ୍ରପ୍ରଦେଶ ସିପିଏମ୍ ନେତା, ଆଦିବାସୀ ସମ୍ପ୍ରଦାୟର ନେତା ଏ. କୋଟାୟା କୋଟିଆ ପଞ୍ଚାୟତର ବିଭିନ୍ନ ଗାଁ ବୁଲି ଦେଖିଛନ୍ତି। କୋଟିଆ ଅଞ୍ଚଳର ସାମଗ୍ରିକ ବିକାଶ ଲାଗି ସେ ନିଜର ମତ ରଖିଥିଲେୟ ଅନ୍ୟପଟେ ସାଲୁର ବିଧାୟକ ରାଜନ ଦୋରା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ କୋଟିଆ ସମ୍ପର୍କରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ କଥାବାର୍ତ୍ତା କରିବା ପାଇଁ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡି ଉଦ୍ୟମ କରୁଥିବା ସେ ସୂଚନା ଦେଇଛନ୍ତି।

# 'ତୃତୀୟ ଲହର ମୁକାବିଲା ପାଇଁ ସଶକ୍ତ ଭିତ୍ତିଭୂମି ଜରୁରୀ'

**ଭୁବନେଶ୍ୱର :** କରୋନାର ପ୍ରଥମ ଲହରରେ ଓଡ଼ିଶାରୁ ଦୈନିକ ସର୍ବାଧିକ ୪୫୦୦ ଆକ୍ରାନ୍ତ ଚିହ୍ନଟ ହେଉଥିଲେ। ଦ୍ୱିତୀୟ ଲହରରେ ରାଜ୍ୟରୁ ୧୨ ହଜାର ଆକ୍ରାନ୍ତ ପ୍ରତିଦିନ ଚିହ୍ନଟ ହୋଇଥିଲେ। ବରିଷ୍ଠ ଚିକିତ୍ସକ ଅଶୋକ ମହାପାତ୍ର ଏହା କହିଛନ୍ତି। ପ୍ରଥମ ଲହରରେ ୪୦ ଜଣଙ୍କର ମୃତ୍ୟୁ ହେଉଥିଲା ବେଳେ ଦ୍ୱିତୀୟ ଲହରରେ ଏହା ୬୦ ରୁ ଅଧିକ ହୋଇଛି। ଅର୍ଥାତ୍ ପ୍ରଥମ ଲହର ତୁଳନାରେ ବର୍ତ୍ତମାନର ଲହରରେ ମୃତ୍ୟୁ ସଂଖ୍ୟା ୫ ଗୁଣା ଅଧିକ। ତେଣୁ ସରକାର ଭିତ୍ତିଭୂମିକୁ ଅଧିକ ମଜବୁତ କରିବା ଦରକାର। ଶ୍ରୀ ମହାପାତ୍ର କହିଛନ୍ତି ଯେ, ଦେଶରେ ପ୍ରଥମ ଲହରରେ ଭାରତର ୩୦ ପ୍ରତିଶତ ପିଲା ଓ ଦ୍ୱିତୀୟ ଲହରରେ ୩୧ ପ୍ରତିଶତ ପିଲା ଆକ୍ରାନ୍ତ ହୋଇଥିଲେ। ଦେଶରେ ପ୍ରାୟ ପିଲା ସଂଖ୍ୟା ୪୫ କୋଟି ଅଛନ୍ତି, ଯେଉଁମାନେ କି ଟିକା ନେଇ ନାହାନ୍ତି। ୧୦ ରୁ ୧୫ ବର୍ଷ ବୟସର ପିଲାମାନଙ୍କୁ ବିପଦ ଅଛି। ସ୍କୁଲ ପିଲାଙ୍କର ଆରଟିପିସିଆର କରିବା, ବୁଲାବୁଲି ନ କରିବାକୁ ପିଲାଙ୍କୁ ବୁଝାଇବା, ଡାକ୍ତର, ଭେଣ୍ଟିଲେଟର, ଆଇସିୟୁ, ଅକ୍ସିଜେନ ବଢ଼ାଇବା ଦରକାର ବୋଲି ବରିଷ୍ଠ ଚିକିତ୍ସକ ଅଶୋକ ମହାପାତ୍ର କହିଛନ୍ତି। ଦେଶରେ ଏବେ କରୋନା ଭାଇରସ ମହାମାରୀର ୩ୟ ଲହର ଆରମ୍ଭ ହୋଇସାରିଛି। କେବଳ କେରଳ ଓ ମହାରାଷ୍ଟ୍ରରେ ଦୈନିକ ୨୫ ହଜାର ଲୋକ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଦୈନିକ ମୃତ୍ୟୁ ସଂଖ୍ୟା ୨୦୦ ରୁ ୩୦୦ ରହୁଛି। ଯେତେବେଳେ ଓଡ଼ିଶାରେ ଦ୍ୱିତୀୟ ଲହର ପିକ୍‌ରେ ଥିଲା, ସେତେବେଳେ ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା



୧୨ ହଜାର ଅତିକ୍ରମ କରିଥିଲା ଏବଂ ୧୨ ରୁ ୧୫ଜଣ ଲୋକଙ୍କର ମୃତ୍ୟୁ ହେଉଥିଲା। ଆଇସିଏମ୍‌ଆର ଓ ଭାରତ ସରକାର, ମାନନ୍ତୁ କି ନ ମାନନ୍ତୁ ଆମେ ଏହାକୁ ତୃତୀୟ ଲହର ଚାଲିଛି ବୋଲି କହିବା। କୋଭିଡ୍ ଭୂତାଣୁ ବାୟୁ ମାଧ୍ୟମରେ ଆସି ପାରିବ ନାହିଁ। ତେଣୁ ରାଜସ୍ଥାନ, ମହାରାଷ୍ଟ୍ର, କେରଳରୁ ଯଦି ଲୋକ ବିମାନ, ରେଳ ବସ୍ ଯୋଗେ ଓଡ଼ିଶା ଆସିବେ ତାଙ୍କୁ ଆଇସୋଲେଟେଡ କରି ରଖାଯିବ ନାହିଁ ତେବେ ସଂକ୍ରମଣ ବ୍ୟାପକ ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ତୃତୀୟ ଲହର କେତେ ପ୍ରଭାବଶାଳୀ ହେବ, ତାହା ଆକଳନ ସମ୍ଭବ ନୁହେଁ। କେଉଁ ପ୍ରକାରର ଭାଇରସ ଅସିବ ଡେଲଟା ଆସିବ କି ଡେଲଟା+ ଆସିବ କି ଆଉ କିଛି ନୂଆ ମ୍ୟୁଟେସନ ଆସିବ ତାହା ଆମେ ଜାଣିନାହୁଁ। ତେଣୁ ଓଡ଼ିଶାରେ ତୃତୀୟ ଲହର ଆସିବା ପୂର୍ବରୁ ଯୁଦ୍ଧକାଳୀନ ସ୍ତରରେ ପ୍ରସ୍ତୁତ ହେବାକୁ ହେବ। ପ୍ରଥମ ଲହରର ମୁକାବିଲା ପାଇଁ ଆମେ ପ୍ରସ୍ତୁତ ଥିବା କଥା କୁହାଗଲା। କିନ୍ତୁ ଅବସ୍ଥା ଏମିତି ହେଲା ଲୋକଙ୍କୁ ଆମେ ଅକ୍ସିଜେନ ବି ଦେଇପାରିଲୁ ନାହିଁ।

# ଏ ବର୍ଷ ବଢ଼ିବନି ଯୁକ୍ତ ୨ ନାମଲେଖା ଫି'

**ଭୁବନେଶ୍ୱର :** କରୋନା ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ଯୁକ୍ତ୨ କଲେଜ ନାମଲେଖା ଫି' ବୃଦ୍ଧି କରାଯିବ ନାହିଁ। ସେଲ୍ଫ ଫାଇନାନ୍ସିଂ, ଅଣଅନୁଦାନପ୍ରାପ୍ତ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ପୂର୍ବବର୍ଷର ଫି' ଅନୁଯାୟୀ ଏଥର ବି ଛାତ୍ରଛାତ୍ରୀଙ୍କଠାରୁ ନାମଲେଖା ଫି' ଆଦାୟ କରିବେ। କରୋନା କାଳରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଅର୍ଥ ଚାପରୁ ମୁକ୍ତ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉଚ୍ଚକ୍ଷମତା ସଂପନ୍ନ କମିଟି ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି। କଲେଜ ଅଧ୍ୟକ୍ଷମାନେ ଏହାକୁ କାର୍ଯ୍ୟକରୀ କରିବା ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ କହିଛନ୍ତି। ସେପଟେ ନାମଲେଖା ପାଇଁ ଚୂଡ଼ାନ୍ତ ସିଟ୍ ତାଲିକା ପ୍ରକାଶ କରାଯାଇଛି। କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ସଂସ୍କୃତ ବିଭାଗର ମୋଟ ୪ଲକ୍ଷ ୯୯ ହଜାର ୧୨୩ ସିଟ୍ରେ ଚଳିତବର୍ଷ ନାମଲେଖା ହେବ। କଳା ବିଭାଗରେ ସର୍ବାଧିକ ୨ ଲକ୍ଷ ୭୬ ହଜାର ୨୭୪ ସିଟ୍‌ରେ ନାମଲେଖା ହେବାକୁ ଥିବା ବେଳେ ବିଜ୍ଞାନରେ ୧ ଲକ୍ଷ ୫୪ ହଜାର ୧୯୩, ବାଣିଜ୍ୟରେ ୪୫ହଜାର ୪୪, ସଂସ୍କୃତରେ ୧୩ ହଜାର ୨୦୪, ଧନ୍ଦାମୂଳକ ବିଭାଗର ୧୦ ହଜାର ୪୦୮ ସିଟ୍‌ରେ ସାମ୍ସ ମାଧ୍ୟମରେ ନାମଲେଖା କରାଯିବ। ଚଳିତବର୍ଷ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୪୧ହଜାର ୬୩୪ ସିଟ୍‌ରେ ନାମଲେଖା ହେବ। ସେଥିମଧ୍ୟରୁ କଳାରେ ୨୦ ହଜାର ୭୯୭, ବିଜ୍ଞାନରେ ୧୫ ହଜାର ୬୪୯, ବାଣିଜ୍ୟରେ ୪୨୦୮ ସିଟ୍ ରହିଛି। ଖୋର୍ଦ୍ଧା ଜିଲ୍ଲାରେ ନାମଲେଖା ହେବାକୁ ଥିବା ୪୦ ହଜାର ୧୫୨ ସିଟ୍ ମଧ୍ୟରେ କଳାରେ ୧୫ହଜାର ୮୨୦, ବିଜ୍ଞାନରେ ୧୮ ହଜାର ୫୪୪, ବାଣିଜ୍ୟରେ ୪ ହଜାର ୨୫୬ ସିଟ୍ ରହିଛି। ସେହିପରି କଟକରେ ୩୬ ହଜାର ୯୭୮, ବାଲେଶ୍ୱରରେ ୩୪ ହଜାର ୩୭୨, ମୟୂରଭଞ୍ଜରେ ୨୯ ହଜାର ୧୯୪, ପୁରୀରେ ୨୪ ହଜାର ୧୯୩, ସୁନ୍ଦରଗଡ଼ରେ ୨୨ ହଜାର ୨୨୬ ଓ କେନ୍ଦ୍ରାପଡ଼ା ଜିଲ୍ଲାର ୨୦ ହଜାର ୪୪୯ ସିଟ୍ରେ ନାମଲେଖା ହେବ। ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ଧନ୍ଦାମୂଳକ ପାଠ୍ୟକ୍ରମ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବେଳେ ମାଲକାନଗିରି ପରି ଉପାନ୍ତ ଅଞ୍ଚଳରେ ଧନ୍ଦାମୂଳକ ଶିକ୍ଷା ପାଇଁ ବ୍ୟବସ୍ଥା ନାହିଁ। ଜିଲ୍ଲାରେ ମୋଟ ୨୦ଟି କଲେଜ ରହିଥିଲେ ମଧ୍ୟ ଗୋଟିଏ ହେଲେ ବି ଶିକ୍ଷାନୁଷ୍ଠାନରେ ଧନ୍ଦାମୂଳକ ବିଭାଗ ଖୋଲାଯାଇ ନାହିଁ। ଦେବଗଡ଼ରେ ସର୍ବନିମ୍ନ ୨୬୪୦ ସିଟ୍‌ରେ ନାମଲେଖା ହେବ। ୯ଟି ଜିଲ୍ଲାରେ ଆଦେ ସଂସ୍କୃତ କଲେଜ ନ ଥିବା ସୂଚନା ମିଳିଛି। ଗଣଶିକ୍ଷା ବିଭାଗର ଏଭଳି ତଥ୍ୟରୁ ସ୍ପଷ୍ଟ ସୂଚନା ମିଳୁଛି ଯେ ସହରାଞ୍ଚଳରେ ପିବା ପାଇଁ ଛାତ୍ରଛାତ୍ରୀ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି। ଯେଉଁଥିପାଇଁ ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା ପରି ସହରର କଲେଜଗୁଡ଼ିକ ଚଳିତ ଶିକ୍ଷାବର୍ଷ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି କରିଛନ୍ତି। ଯୁକ୍ତ୨ ନାମଲେଖା ପାଇଁ ସେପ୍ଟେମ୍ବର ୫ରେ ଆବେଦନ ଶେଷ ହେବ।

# ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ

**ଭୁବନେଶ୍ୱର :** ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ। ନିର୍ବାଚନରେ ସଂରକ୍ଷଣ ନେଇ ବିଧାନସଭାରେ ଆସିବ ଆମେଣ୍ଡମେଣ୍ଟ। ଏନେଇ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ କରିଦେଲେଣି। ଏଥର ନିର୍ବାଚନରେ ପଚାଶ ପ୍ରତିଶତ ସଂରକ୍ଷଣ ରହିବ। ଓବିସି ସଂରକ୍ଷଣକୁ ନେଇ କେନ୍ଦ୍ର ନିକଟରେ ବିଜେଡି ଦାବି କରିଥିଲା। ବାରମ୍ବାର ଦାବି ସତ୍ତ୍ୱେ କେନ୍ଦ୍ର ସରକାର କୌଣସି ନିଷ୍ପତ୍ତି ନେଉନାହାଁନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ପଛୁଆବର୍ଗଙ୍କ ସଂରକ୍ଷଣ ନେଇ ସଂସଦରେ କୌଣସି ପଦକ୍ଷେପ ନିଆଯାଉନି। ଜାତିଭିତ୍ତିକ ଜନଗଣନା ନେଇ କେନ୍ଦ୍ର କିଛି ନିଷ୍ପତ୍ତି ନେଉନି। କେନ୍ଦ୍ର ସରକାର କୌଣସି ବ୍ୟବସ୍ଥା ନକଲେ ବି ଦଳୀୟ ଭିତ୍ତିରେ ୨୭ ପ୍ରତିଶତ ସଂରକ୍ଷଣ ଦେଇ ବିଜେଡି ନିର୍ବାଚନ ଲଢ଼ିବ। ଏଥିପାଇଁ ଯାହା ବ୍ୟବସ୍ଥା ଦରକାର ତାହା ବିଧାନସଭାରେ କରାଯିବ। ଏଥର ନିର୍ବାଚନରେ ପଞ୍ଚାୟତ ପୁନର୍ଗଠନ ହେବନାହିଁ ବୋଲି ପଞ୍ଚାୟତରାଜ ମନ୍ତ୍ରୀ କହିଛନ୍ତି।

# +୨ରେ କମିବ ୩୦% ସିଲାବସ୍

**ଭୁବନେଶ୍ୱର :** ଗତବର୍ଷ ଭଳି ଏ ବର୍ଷ +୨ରେ ସିଲାବସ ହ୍ରାସ କରାଯିବ। ଏ ବର୍ଷ ୩୦% ସିଲାବସ ହ୍ରାସ କରାଯିବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାଉନସିଲ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁସାରେ ମହାମାରୀ କରୋନା ଭଳି ସ୍ଥିତି ବଳବତ୍ତର ରହିଲେ ମୂଲ୍ୟାୟନ ପାଇଁ ବ୍ୟବସ୍ଥା କରାଯିବ। ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷରେ ହେବ ଟର୍ମିନାଲ ପରୀକ୍ଷା। ପ୍ରଥମ ବର୍ଷରେ ୩ଟି ଓ ଦ୍ୱିତୀୟ ବର୍ଷରେ ୩ଟି ଟର୍ମିନାଲ ପରୀକ୍ଷା ହେବ। ପ୍ରତି କ୍ୱାର୍ଟରରେ ୩୦ ନମ୍ବର ବିଶିଷ୍ଟ ଟର୍ମିନାଲ ପରୀକ୍ଷା ହେବ। ୩୦ ନମ୍ବରରୁ ୨୦ ନମ୍ବର ଥିଓରୀ ଓ ୧୦ ନମ୍ବର ପ୍ରାକ୍ଟିକାଲ ହେବ। ସମସ୍ତ ଟର୍ମିନାଲ ପରୀକ୍ଷା ସମ୍ପୃକ୍ତ କଲେଜ ପରିଚାଳନା କରିବ। ପ୍ରଥମବର୍ଷ ଶେଷରେ ଓ ୨ୟ ବର୍ଷ ଶେଷରେ ବାର୍ଷିକ ପରୀକ୍ଷା ହେବ। ମହାମାରୀ ସ୍ଥିତି ନଉପୁଜିଲେ ବାର୍ଷିକ ପରୀକ୍ଷା ଆଧାରରେ ରେଜଲ୍ଟ ପ୍ରକାଶ ପାଇବ। ମହାମାରୀ ପାଇଁ ପରୀକ୍ଷା ବନ୍ଦ ହେଲେ ଟର୍ମ ପରୀକ୍ଷା ଭିତ୍ତିରେ ରେଜଲ୍ଟ ପ୍ରକାଶ ପାଇବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପାଧ୍ୟକ୍ଷ ତୁଷାରକାନ୍ତ ତ୍ରିପାଠୀ ଏନେଇ ସୂଚନା ଦେଇଛନ୍ତି।

# ତୃତୀୟ ଲହରରେ ଓଡ଼ିଶାର ୯୧ ହଜାରରୁ ଊର୍ଦ୍ଧ୍ୱ ଶିଶୁ ଆକ୍ରାନ୍ତ ହେବା ଆଶଙ୍କା

**ଭୁବନେଶ୍ୱର :** କରୋନାର ସମ୍ଭାବ୍ୟ ତୃତୀୟ ଲହରରେ ଓଡ଼ିଶାର ପ୍ରାୟ ୯୧ ହଜାର ୯୫୩ ଶିଶୁ ଆକ୍ରାନ୍ତ ହେବା ଆଶଙ୍କା ରହିଛି। ଏଥିମଧ୍ୟରୁ ୪ ହଜାର ୫୯୮ ଶିଶୁ ଗୁରୁତର ହେବାର ଆଶଙ୍କା ରହିଛି। ଏଭଳି ଆକଳନ କରାଯାଇଛି। ଏଣୁ କରୋନାର ସମ୍ଭାବ୍ୟ ତୃତୀୟ ଲହରକୁ ନେଇ କେନ୍ଦ୍ର ସରକାର ସତର୍କ କରାଇଛନ୍ତି। ଦ୍ୱିତୀୟ ଲହର ଅପେକ୍ଷା ତୃତୀୟ ଲହରରେ ପ୍ରାୟ ଦେଢଗୁଣା ଅଧିକ ଦୈନିକ ସଂକ୍ରମଣ ଆସିପାରେ। କରୋନାର ତୃତୀୟ ଲହର ଶୀର୍ଷରେ ଛୁଇଁଲା ବେଳକୁ ଓଡ଼ିଶାରେ ଦୈନିକ ସଂକ୍ରମଣ ୧୯ ହଜାର ୨୭୮ ଛୁଇଁପାରେ ବୋଲି କେନ୍ଦ୍ର ସତର୍କ କରାଇ ଦେଇଛି। ସେହିପରି ଦୈନିକ ହାରାହାରି ୧୦ ହଜାର ୨୧୭ ମାମଲା ଆସିପାରେ ବୋଲି ରିପୋର୍ଟରେ କୁହାଯାଇଛି। କେନ୍ଦ୍ର ସରକାରଙ୍କ କୋଭିଡ ଏମର୍ଜେନ୍ସି ରେସପନ୍ସ ଆଣ୍ଡ ହେଲ୍ଥ ସିଷ୍ଟମ ପ୍ରିପେୟାର୍ଡନେସ- ଇସିପିଆର ଫେଜ- ଟୁ ଏହି ସମ୍ଭାବ୍ୟ ଚିତ୍ର ନେଇ ଆକଳନ କରିଛି। ଏପରିକି ତୃତୀୟ ଲହରରେ ୭୫ ଦିନ ମଧ୍ୟରେ ରାଜ୍ୟରେ ମୋଟ୍ ୭ ଲକ୍ଷ ୬୬ ହଜାର ୨୭୫ କରୋନା ମାମଲା ଆସିବ ବୋଲି ଆକଳନ କରାଯାଇଛି। କେନ୍ଦ୍ରର ଏଭଳି ସତର୍କବାଣୀ ପରେ ପ୍ରସ୍ତୁତ ରହିବାକୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମାହାପାତ୍ର। ଏହି ସମୟରେ ୨୩ ପ୍ରତିଶତ ଅର୍ଥାତ ୧ ଲକ୍ଷ ୭୬ ହଜାର ୨୪୩ ଜଣଙ୍କୁ ହସ୍ପିଟାଲ ଚିକିତ୍ସା ଆବଶ୍ୟକ ହେବ। ୩ ପ୍ରତିଶତଙ୍କ ପାଇଁ ଆଇସିୟୁ ବେଡ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଅର୍ଥାତ ୨୨ ହଜାର ୯୮୮ ଆଇସିୟୁ ବେଡ୍ ଏବଂ ୫ ପ୍ରତିଶତ ଅର୍ଥାତ ୩୮ ହଜାର ୩୧୪ ଜେନେରାଲ ବେଡ ଆବଶ୍ୟକ ହୋଇପାରେ ବୋଲି କୁହାଯାଇଛି। କରୋନାର ଦ୍ୱିତୀୟ ଲହର ବେଳେ ମେ ୨୨ ତାରିଖରେ ସର୍ବାଧିକ ୧୨ ହଜାର ୮୫୨ ସଂକ୍ରମଣ ମାମଲା ଆସିଥିଲା।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପ୍ରତି ଚାଷୀ ବିମୁଖ କାହିଁକି ?

**ଭୁବନେଶ୍ୱର :** ଲକ୍ଷ୍ୟ ଥିଲା ୨୦ ଲକ୍ଷ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ସାମିଲ କରିବା। କିନ୍ତୁ ଚଳିତ ବର୍ଷ ଖରିଫରେ ୧୦ ଲକ୍ଷ ୯ ହଜାର ହେକ୍ଟର ଜମି ପାଇଁ ମାତ୍ର ୧୧ ଲକ୍ଷ ୮୭ ହଜାର ଚାଷୀ ପ୍ରିମିୟମ ଦେଇ ବୀମା ଅନ୍ତର୍ଭୁକ୍ତ ହୋଇଛନ୍ତି। ଯାହାକି ଗତବର୍ଷଠାରୁ ମଧ୍ୟ କମ। ଗତବର୍ଷ ୧୫ ଲକ୍ଷ ୮୨ ହଜାର ଚାଷୀ ଏବଂ ୨୦୧୯ ମସିହାରେ ୧୭ ଲକ୍ଷ ଚାଷୀ ପ୍ରିମିୟମ ଦେଇଥିଲେ। ପୂର୍ବ ଭଳି ଋଣୀ ଚାଷୀଙ୍କ ପାଇଁ ବୀମା ବାଧ୍ୟତାମୂଳକ ନଥିବାରୁ ଅନେକ ଚାଷୀ ବୀମା କରୁ ନଥିବା କୁହାଯାଉଛି। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ପ୍ରତିବର୍ଷ ଅନେକ ସଂଖ୍ୟାରେ ଚାଷୀ ଲାଭାନ୍ୱିତ ହେଉଥିବା କୁହାଯାଉଛି। ଏହା ସତ୍ତ୍ୱେ କାହିଁକି ଏଥିପ୍ରତି ଚାଷୀଙ୍କ ଆଗ୍ରହ କମୁଛି ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମରୁଡ଼ି ବର୍ଷରେ କ୍ଷତିଗ୍ରସ୍ତ ଚାଷୀ କେଉଁଠୁ ସହାୟତା ପାଇବ ଏହା ବର୍ତ୍ତମାନ ଚିନ୍ତା ବଢ଼ାଉଛି। ୨୦୧୬ ଫେବ୍ରୁଆରି ୧୮ ତାରିଖରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆରମ୍ଭ କରିଥିଲେ। ମରୁଡ଼ି ସମେତ ବିଭିନ୍ନ କାରଣରୁ ଫସଲ ନଷ୍ଟ ହେଉଥିବା ଚାଷୀଙ୍କୁ ଏହି ବୀମାରେ ସାମିଲ କରାଯାଉଥିଲା। ପୂର୍ବରୁ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଥିବା ଜାତୀୟ କୃଷି ବୀମା ଯୋଜନା ଏବଂ ରୂପାନ୍ତରିତ କୃଷି ବୀମା ଯୋଜନା ଥିଲା। ଏଥିରେ ସମବାୟ ସମିତିରୁ ଋଣ ନେଉଥିବା ଚାଷୀଙ୍କୁ ଏହି ବୀମାରେ ସାମିଲ କରାଯାଉଥିଲା। ଏଥିରେ ଚାଷୀ, କେନ୍ଦ୍ର ଏବଂ ରାଜ୍ୟ ସରକାର ଅଂଶୀଦାର ଥିଲେ। ବ୍ଲକ୍‌କୁ ୟୁନିଟ ଭାବରେ ନିଆଯାଉଥିବାରୁ ଚାଷୀଙ୍କୁ ବୀମା ଟଙ୍କା ପାଇବା ପାଇଁ ସମସ୍ୟା ହେଉଥିଲା। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀ, କେନ୍ଦ୍ର ଓ ରାଜ୍ୟ ସରକାର ବୀମା କମ୍ପାନିକୁ ପ୍ରିମିୟମ ଦେଲେ; ଆଉ କମ୍ପାନି ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଟଙ୍କା ଦିଆଯିବାର ବ୍ୟବସ୍ଥା ରହିଲା। ଏଥିରେ ବ୍ଲକ୍ ବଦଳରେ ପଞ୍ଚାୟତକୁ ୟୁନିଟ କରାଯାଉଥିବାରୁ ଅଧିକ ସଂଖ୍ୟାରେ ଚାଷୀ ଲାଭନ୍ୱିତ ହେବେ ବୋଲି ଆଶା କରାଯାଉଥିଲା। ଚଳିତ ବର୍ଷ ରିଲାଏନ୍ସ, ଏଚ୍‌ଡିଏଫ୍‌ସି ଏଗ୍ରୋ, ଏଗ୍ରିକଲଚର ଇନସ୍ୟୁରେନ୍ସ କମ୍ପାନି ବୀମା ଦାୟିତ୍ୱରେ ଅଛନ୍ତି। ସୂଚନା ଅଧିକାର ଆଇନ ବଳରେ



ମିଳିଥିବା ତଥ୍ୟ ଅନୁସାରେ, ବୀମା କମ୍ପାନିଗୁଡ଼ିକୁ ୨୦୧୬ ମସିହା ଖରିଫରେ ୧୩୭୬୯.୮୯ ଲକ୍ଷ, ରବିରେ ୪୭୬.୬୨ ଲକ୍ଷ, ୨୦୧୭ ମସିହାରେ ଖରିଫରେ ୧୪୪୮୮.୩୨ ଲକ୍ଷ, ରବିରେ ୬୧୦.୯୭ ଲକ୍ଷ, ୨୦୧୮ ମସିହା ଖରିଫରେ ୧୬୭୪୯.୫୦ ଲକ୍ଷ, ରବିରେ ୬୩୮.୭୭ ଲକ୍ଷ ଟଙ୍କା ଚାଷୀ ଦାଖଲ କରିଥିଲେ। ଏଥି ଅନ୍ତର୍ଗତରେ ୪୫ ଦିନରେ ଚାଷୀକୁ ବୀମା ଟଙ୍କା ପ୍ରଦାନର ବ୍ୟବସ୍ଥା ରହିଥିଲା। ପ୍ରଥମ କିଛି ବର୍ଷ ଲାଭ ମଧ୍ୟ ଚାଷୀଙ୍କୁ ମିଳିଲା। ମାତ୍ର କିଛି ବର୍ଷ ହେଲା, ବୀମା ଲାଭ ଆଉ ଚାଷୀଙ୍କୁ ମିଳୁ ନାହିଁ ବୋଲି ଅଭିଯୋଗ ହେଉଛି। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟର ଆବାହକ ଅଶୋକ ପ୍ରଧାନଙ୍କ କହିବା ଅନୁସାରେ, ଯେଉଁ ସ୍ଥାନରେ ଚାଷୀ ଆନ୍ଦୋଳନ କରୁଛି କିମ୍ବା ଚାଷୀ ସଚେତନ ଅଛନ୍ତି ସେଠି ଲୋକଙ୍କୁ ବୀମା ଲାଭ ମିଳୁଛି। ତେବେ କ୍ଷୁଦ୍ର ଚାଷୀ ଏଥିରୁ ବଞ୍ଚିତ ହେଉଛନ୍ତି। ଅଧିକାଂଶ ସ୍ଥାନରେ କ୍ଷତିଗ୍ରସ୍ତ ହେବା ସତ୍ତ୍ୱେ ଜଳସେଚିତ ଅଞ୍ଚଳର ଚାଷୀ ବୀମାରୁ ବଞ୍ଚିତ ରହୁଛନ୍ତି। ଏଥିଯୋଗୁଁ ବୀମା ବାଧ୍ୟତାମୂଳକ ନକରିବା ପାଇଁ କେନ୍ଦ୍ର ସରକାରଙ୍କୁ ଚାଷୀ ସଙ୍ଗଠନ ଦାବି କରିଥିଲା। ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଆକଳନ କ୍ଷୟକ୍ଷତି ରିପୋର୍ଟ ଅନୁସାରେ ବୀମା ଟଙ୍କା ଦିଆଯାଉ ନାହିଁ। କମ୍ପାନି ନିଜ ପକ୍ଷରୁ ସାଟେଲାଇଟ୍ ସର୍ଭେ କରି ଟଙ୍କା ଦେଉଛନ୍ତି। ଏହା ପ୍ରାୟ ତ୍ରୁଟିପୂର୍ଣ୍ଣ ହେଉଥିବା ସେ ଅଭିଯୋଗ କରିଛନ୍ତି। ଏଥିଯୋଗୁଁ ବୀମା ପ୍ରତି ଚାଷୀଙ୍କ ଆଗ୍ରହ କମିଛି। ମରୁଡ଼ି ବର୍ଷରେ ଚାଷୀ ପାଇଁ ଜଟିଳ ଅବସ୍ଥା ଉତ୍ପନ୍ନ ହେଲାଣି। ବୀମା ଦାୟିତ୍ୱରେ କୃଷି ବିଭାଗ ପକ୍ଷରୁ କୁହାଯାଇଛି, ଅଣସର୍ଭେ ଗାଁ, ଜଙ୍ଗଲ ଜମି ଅଞ୍ଚଳରେ କରାଯାଇଥିବା ବୀମାର ତଥ୍ୟ ସାମିଲ କରାଯାଇ ନାହିଁ। ଏହାପରେ ବୀମାଧାରୀ ଚାଷୀଙ୍କ ସଂଖ୍ୟା ବିବ ବୋଲି ଆଶା କରାଯାଉଛି।

# ପଛୁଆ ବର୍ଗଙ୍କୁ ନ୍ୟାୟ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ବଦ୍ଧପରିକର : ବିଜେଡି

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡିଶା ସରକାର ପଛୁଆବର୍ଗଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ବଦ୍ଧ ପରିକର। ହେଲେ ସଂଘୀୟ ଢାଞ୍ଚା ଓ ଆଇନଗତ କଟକଣା ଏଥିରେ ବାଧା ହୋଇଥିବା କହିଛନ୍ତି ବିଜେଡିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଡକ୍ଟର ଅରୁଣ ସାହୁ। ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସ୍ୱାଇଁ ଓ ଡକ୍ଟର ସାହୁ କହିଛନ୍ତି ଯେ ପଛୁଆବର୍ଗଙ୍କ ପାଇଁ ଯୋଜନା ପ୍ରସ୍ତୁତ ପୂର୍ବରୁ ସେମାନଙ୍କ ସଂଖ୍ୟା ଜାଣିବା ନିହାତି ଆବଶ୍ୟକ। ଏଥିପାଇଁ କେନ୍ଦ୍ର ନିକଟରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାର ଜାତିଭିତିକ ଜନଗଣନା ଦାବି ଉଠାଇଥିଲେ। ଏହାଦ୍ୱାରା କେବଳ ରାଜ୍ୟ ନୁହେଁ, ସାରା ଦେଶର ପଛୁଆବର୍ଗଙ୍କ ପ୍ରକୃତ ସଂଖ୍ୟା ଜାଣିବାକୁ ମିଳିପାରିବ। କେନ୍ଦ୍ର ମନା କରିବା ପରେ ରାଜ୍ୟ ସରକାର ୨୦୨୦ ମସିହା ଜାନୁଆରୀ ୧୧ ତାରିଖରେ କ୍ୟାବିନେଟ ବୈଠକ ଡକାଇଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ଜାତି ଭିତ୍ତିକ ଜନଗଣନା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ଏହାର କିଛି ଦିନ ପରେ ରାଜ୍ୟ ସରକାର ୨୦୨୦ ମସିହା ଫେବୃୟାରୀ ୧୨ ତାରିଖରେ



ଓବିସି କମିଶନ ଗଠନ କରିଥିଲେ। ଏହାର ୫ ଦିନ ପରେ ଫେବୃୟାରୀ ୧୭ ତାରିଖରେ କ୍ୟାବିନେଟ୍ ବୈଠକରେ ପଛୁଆବର୍ଗ କମିସନ (ସଂଶୋଧନ) ବିଧେୟକ ଗୃହିତ କରାଯାଇଥିଲା। ସେହିଦିନ ହିଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଧାନସଭାରେ ନିଜେ ପ୍ରସ୍ତାବ ଆଗତ କରିଥିଲେ। ଇତି ମଧ୍ୟରେ କମିଶନ କାର୍ଯ୍ୟକ୍ଷମ ହୋଇସାରିଛି। ଓଡିଶାରେ ଅନ୍ୟ ପଛୁଆ ବର୍ଗ (ଓବିସି) ସାମାଜିକ ଆର୍ଥିକ ପଛୁଆବର୍ଗ (ଏସ୍‌ଇବିସି) ସଂଖ୍ୟା ରାଜ୍ୟରେ ମୋଟ ଜନସଂଖ୍ୟା ଅଧାରୁ ଅଧିକ। ସେମାନଙ୍କ ସଂଖ୍ୟାର ଅଧା ସଂରକ୍ଷଣ ବି ସେମାନଙ୍କୁ ଦିଆଯାଇପାରି ନାହିଁ। ଏହାର କାରଣ ହେଉଛି- ସଂରକ୍ଷଣ ନେଇ ନ୍ୟାୟାଳୟ ଦ୍ୱାରା ରଖାଯାଇଥିବା ୫୦% ସୀମା। ଓଡିଶାକୁ ଅନ୍ୟ କୌଣସି ରାଜ୍ୟ ସହିତ ତୁଳନା କରାଯାଇପାରିବ ନାହିଁ। ତେଣୁ ଭାରତବର୍ଷରେ ଅନ୍ୟ ରାଜ୍ୟ ତୁଳନାରେ ଓଡିଶାରେ ପଛୁଆବର୍ଗ କ୍ଷେତ୍ରରେ ସଂରକ୍ଷଣ ପ୍ରସଙ୍ଗ ସେତେବେଳେ ସାଧିତ ହୋଇପାରିବ ଯେତେବେଳେ ୫୦% ଆଇନଗତ ସଂରକ୍ଷଣ କଟକଣା ଉଠିଯିବ। ତେଣୁ ଜାତିଭିତିକ ଜନଗଣନା ଓ ୫୦% ସଂରକ୍ଷଣ ସୀମା ଉଠାଯିବା ସମୟର ଏକ ଆହ୍ୱାନ ହୋଇଛି। ନିକଟରେ ଏହି ଦାବି ନେଇ ବିଜେଡି ସଂସଦୀୟ ପ୍ରତିନିଧି ଦଳ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିସାରିଛନ୍ତି। ଦେଢ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନବୀନ ପଟ୍ଟନାୟକ ଏହି ଦାବି ଉଠାଇ ଆସୁଛନ୍ତି। ନବୀନ ପଟ୍ଟନାୟକଙ୍କ ଏହି ଦାବିକୁ ଭାରତବର୍ଷର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ରାଜନୈତିକ ଦଳ ବି ସମର୍ଥନ ଜଣାଇ ଆସୁଛନ୍ତି। ଇତିମଧ୍ୟରେ ନବୀନ ପଟ୍ଟନାୟକଙ୍କୁ ଅନୁସରଣ କରି ଜାତିଭିତିକ ଜନଗଣନା ଏବଂ ୫୦% ସଂରକ୍ଷଣ କଟକଣା ଉଠାଇବା ସପକ୍ଷରେ ବିଜେପିର ସହଯୋଗୀ ଦଳମାନେ ମଧ୍ୟ ମତ ପ୍ରକାଶ କଲେଣି। ଏମାନଙ୍କ ମଧ୍ୟରେ ଜେଡି(ୟୁ)ର ନୀତିଶ କୁମାରଙ୍କ ନେତୃତ୍ୱରେ ଅପ୍‌ନା ଦଳର ଅନୁପ୍ରିୟା ପଟେଲ, ହାମ୍‌ର ଜୀତନରାମ ମାଝି, ଭିଆଇପି ଦଳର ମୁକେଶ ଶୈନୀ, ନିଷାଦ ପାଟିର ସଞ୍ଜୟ ନିଷାଦ, ସୁହେଲଦେବ ଭାରତୀୟ ସମାଜ ପାର୍ଟିର ଓମ୍ ପ୍ରକାଶ ରାଜଭର, ଆରପିଆଇ(ଏ)ର ରାମଦାସ ଅଠାୱାଲେ, ଏଲ୍‌ଜେପିର ପଶୁପତି ପାରସ ଆଦି ରହିଛନ୍ତି। ବିହାରର ବିଭିନ୍ନ ରାଜନୈତିକ ଦଳର ୧୦ ଜଣିଆ ପ୍ରତିନିଧି ଦଳ ନିତିଶ କୁମାରଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଏହି ଦାବି ରଖି ସାରିଛନ୍ତି। ଏହି ପ୍ରତିନିଧି ଦଳରେ ବିହାର ବିଜେପି ନେତା ମଧ୍ୟ ସାମିଲ ଅଛନ୍ତି। ଜନଗଣନା ସମ୍ପୂର୍ଣ୍ଣ କେନ୍ଦ୍ର ସରକାରଙ୍କ ବ୍ୟାପାର ଏବଂ ୫୦% ସରଂକ୍ଷଣ ସୀମା କଟକଣା ଉଠାଇବା ମଧ୍ୟ କେନ୍ଦ୍ରୀୟ କ୍ଷମତା ପରିସର ଭୁକ୍ତ। ପଛୁଆବର୍ଗର ସାମାଜିକ, ଆର୍ଥିକ ବିକାଶ ଓ ସେମାନଙ୍କୁ ଦୀର୍ଘମିଆଦୀ ସୁବିଧା ଦେବା ପାଇଁ ରାଜ୍ୟ ସରକାର ତତ୍ପର।

## ପୌର ନିର୍ବାଚନ ବିଳମ୍ବ ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ


# ୪ ସପ୍ତାହ ମଧ୍ୟରେ ଜବାବ ଦିଅ

**କଟକ :** ରାଜ୍ୟରେ ବିଭିନ୍ନ ପୌର ନିର୍ବାଚନକୁ ନେଇ ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ। ୪ ସପ୍ତାହ ମଧ୍ୟରେ ମୁଖ୍ୟ ଶାସନ ସଚିବ, ରାଜ୍ୟ ନିର୍ବାଚନ କମିଶନଙ୍କୁ ଜବାବ ଦାଖଲ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଭୁବନେଶ୍ୱର, ପୁରୀ ଓ କଟକରେ ପୌର ନିର୍ବାଚନ ପାଇଁ ତିନୋଟି ପୃଥକ ପୃଥକ ମାମଲା ହୋଇଥିଲା। କଟକରୁ ବିଜେପି ନେତା ସମୀର ଦେ, ପୁରୀ ପାଇଁ ସ୍ଥାନୀୟ ବିଧାୟକ ଜୟନ୍ତ ଷଡଙ୍ଗୀ ଏବଂ ଭୁବେନଶ୍ୱର ମହାନଗର ନିଗମ ପାଇଁ ଅବସରପ୍ରାପ୍ତ ପ୍ରଶାସକ ପ୍ରସନ୍ନ ମିଶ୍ରଙ୍କ ପକ୍ଷରୁ ଏହି ମାମଲା ରୁଜୁ ହୋଇଥିଲା। କଟକ, ପୁରୀ ଓ ଭୁବନେଶ୍ୱରରେ ପେରାଞ୍ଚଳ ନିର୍ବାଚନ ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଉ ବୋଲି ଆବେଦନରେ ଦର୍ଶାଯାଇଥିଲା। ପୌରାଞ୍ଚଳ ନିର୍ବାଚନର କାର୍ଯ୍ୟକାଳ ୨୦୧୯ରୁ ଶେଷ ହୋଇଛି। ଜନପ୍ରତିନିଧିତ୍ୱ ଅନୁସାରେ ଯେଉଁ ସଂସ୍ଥା ପରିଚାଳିତ ହେବା କଥା ତାକୁ ଏବେ ସରକାରୀ ଅଧିକାରୀମାନ ଚଳାଉଛନ୍ତି। ପେର



ପରିଷଦର ନିର୍ବାଚିତ ସଦସ୍ୟଙ୍କ ୫ ବର୍ଷିଆ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ନିର୍ବାଚନ ହେବା କଥା। କିନ୍ତୁ ଇତି ମଧ୍ୟରେ ତିନି ବର୍ଷ ବିତିବାକୁ ବସିଥିବା ବେଳେ ପେର ନିର୍ବାଚନ କରାଯାଉ ନାହିଁ। ଆଜି ଏହି ମାମଲାର ପ୍ରାଥମିକ ଶୁଣାଣି ହୋଇଛି। ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଏହି ମାମଲାକୁ ଗ୍ରହଣ କରିଛନ୍ତି। ସେ ଅନୁଯାୟୀ ରାଜ୍ୟ ସରକାରଙ୍କୁ ନୋଟିସ ମଧ୍ୟ ଜାରି କରିଛନ୍ତି। କେଉଁ ପରିସ୍ଥିତିରେ ବର୍ତ୍ତମାନ ସୁଦ୍ଧା ନିର୍ବାଚନ କରାଯାଇ ନାହିଁ ଏବଂ କେବେ ସୁଦ୍ଧା ନିର୍ବାଚନ ହେବ ଏହାର ସ୍ପଷ୍ଟୀକରଣ ମାଗିଛନ୍ତି ହାଇକୋର୍ଟ। ଜବାବ ଦାଖଲ ପରେ ଏହା ଉପରେ ଚୂଡାନ୍ତ ଶୁଣାଣି ହେବ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩୦ ଅଗଷ୍ଟ - ୦୫ ସେପ୍ଟେମ୍ବର, ୨୦୨୧

# ତାଲିବାନୀ ବର୍ବରତା, ସମ୍ଭାବ୍ୟ ତୃତୀୟ ଲହର

ଏବେ ଆଶା ଅପେକ୍ଷା ଆଶଙ୍କା ଅଧିକ। କାରଣ ମହାମାରୀ କରୋନାର ଭୟ ସହିତ ଏବେ ଆଫଗାନ ତାଲିବାନ କବଜାରେ। ଯଦିଓ ବିଶ୍ୱ ସମୁଦାୟ ଆଫଗାନିସ୍ତାନ ଉପରେ ନଜର ରଖିଛନ୍ତି ତଥାପି ସେଠାରେ ସାଧାରଣ ନାଗରିକଙ୍କ ଉପରେ ହେଉଥିବା ଅତ୍ୟାଚାର ରୋକିବା ଦିଗରେ କେହି କିଛି ପଦକ୍ଷେପ ନେଇନାହାନ୍ତି। ତାଲିବାନ ବାହିନୀ ଆଫଗାନିସ୍ତାନ ଦଖଲ କରିବା ପରଠାରୁ ମହିଳାମାନେ ସେଠାରେ ଆଦୌ ସୁରକ୍ଷିତ ନାହାନ୍ତି। ଅତି ବିପଜ୍ଜନକ ସ୍ଥିତିରେ ଆଫଗାନ ମହିଳାମାନେ ଜୀବନ ବଞ୍ଚାଇବାକୁ ଉଦ୍ୟମ କରୁଛନ୍ତି। ବୟସ୍କ ଓ ଶିଶୁମାନେ ମଧ୍ୟ ଆଫଗାନିସ୍ତାନରେ ଅସୁରକ୍ଷିତ ବୋଲି ଆମେରିକାର ମହିଳା ସାମ୍ବାଦିକ ହୋଲି ମ୍ୟାକେ ପ୍ରକାଶ କରିଛନ୍ତି। ହୋଲ ଆଫଗାନିସ୍ତାନରେ ଛାଡି ଆମେରିକାରେ ପହଞ୍ଚିବା ପରେ ହିଁ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ କରିଛନ୍ତି। ଯେଉଁଥିରେ କୁହାଯାଇଛି, ତାଲିବାନ ଆତଙ୍କବାଦୀ ଏବେ ଆଫଗାନିସ୍ତାନରେ ଘରକୁ ଘର ବୁଲି ୧୫ ବର୍ଷରୁ ଉର୍ଦ୍ଧ୍ୱ ବାଳିକା ଓ ମହିଳାମାନଙ୍କୁ ଟେକି ନେଉଛନ୍ତି। ସେମାନଙ୍କ ସହ ଦୁଷ୍କର୍ମ କରିବା ଏବଂ ତାଲିବାନ ଆତଙ୍କବାଦୀମାନେ ବାଳିକା ମାନଙ୍କୁ ବଳପୂର୍ବକ ବିବାହ କରୁଛନ୍ତି। ମହିଳାମାନଙ୍କ ପ୍ରତି ଅତ୍ୟାଚାର ସେଠାରେ ସୀମା ଲଙ୍ଘନ କରିଛି। ତାଲିବାନ କ୍ଷମତାକୁ ଆସିବା ପରେ ଆଫଗାନ ବାଳିକା ମାନଙ୍କ ଶିକ୍ଷା ଅଧିକାରକୁ ଉଠାଇ ନେଇଛନ୍ତି। ଅକଥନୀୟ ଅତ୍ୟାଚାର କରୁଥିବା ତାଲିବାନୀ ମହିଳା ମାନଙ୍କ ଅଧିକାର ଛଡାଇ ନେବା ସହିତ ସେମାନଙ୍କୁ ଘର କୋଣରେ ରହିବାକୁ ବାଧ୍ୟ କରୁଛନ୍ତି। ସାରିଆ ଆଇନ ଉଲ୍ଲଘଂନ ଦର୍ଶାଇ ଆଫଗାନ ମହିଳା ଓ ବାଳିକାଙ୍କ ଉପରେ ଅତ୍ୟାଚାର କରାଯାଉଛି। ତାଲିବାନ ବର୍ବରତା ଭୟରେ ଦେଶ ଛାଡିଥିବା ଜଣେ ଆଫଗାନ ପୂର୍ବତନ ମନ୍ତ୍ରୀ ଜର୍ମାନରେ ସପରିବାର ଶରଣାର୍ଥୀ ଭାବେ ରହିବା ସହ ସେଠାରେ ପିଜା ବିକି ପରିବାର ଚଳାଉଥିବା ଜଣାପଡିଛି। ଅନ୍ୟପକ୍ଷରେ ଆଫଗାନିସ୍ତାନରେ ଆତଙ୍କବାଦୀମାନେ ସେମାନଙ୍କ ଅସଲ ଖେଳ ଆରମ୍ଭ କରିଛନ୍ତି। ନରସଂହାର ଭଳି ଘଟଣାର ପୁନରାବୃତ୍ତି ଫଳରେ କାବୁଲରେ ଆଇଏସ୍ ବିସ୍ଫୋରଣ କରିଛି। ଶହେ ପାଖାପାଖି ଲୋକଙ୍କ ଜୀବନ ଏଥିରେ ଚାଲିଯାଇଛି। ସେମାନଙ୍କ ମଧ୍ୟରେ କିଛି ଆମେରିକାର ସୈନିକ ମୃତ୍ୟୁବରଣ କରିଛନ୍ତି। ଏଥିରେ ସ୍ପଷ୍ଟ ସଙ୍କେତ ମିଳୁଛି ଯେ, ଆଗକୁ ବଡ ହମଲା ହୋଇପାରେ।

ଦିଲ୍ଲୀ ଆସିବାକୁ ଚାହୁଁଥିବା ୧୪୦ ହିନ୍ଦୁ ଶିଖ ତୀର୍ଥଯାତ୍ରୀଙ୍କୁ ଭାରତ ନଛାଡି ଅଟକ ରଖିଛି ତାଲିବାନ। ଏବେ ଆଫଗାନିସ୍ତାନରେ ସରକାର ଗଠନ ନେଇ ନନା କଳ୍ପନା ଜଳ୍ପନା ଚାଲିଥିଲା ବେଳେ ପାକିସ୍ତାନକୁ ନିଜର ଦ୍ୱିତୀୟ ଘର କହିଛନ୍ତି ତାଲିବାନ ମୁଖପାତ୍ର ଜାବିନୁଲ୍ଲା ମୁଜାହିଦ। ସେ କହିଛନ୍ତି ଯେ, ଦ୍ୱିତୀୟ ଘର ପରି ହୋଇଥିବାରୁ ପାକିସ୍ତାନ ସହ ତାଲିବାନର ସମ୍ପର୍କ ଅତି ନିବିଡ। ଆଫଗାନ ସୀମାକୁ ତାଲିବାନ ଏବଂ ଧର୍ମ ବିଷୟକୁ ନେଇ ଦୁଇଦେଶ ପାରସ୍ପରିକ ସମ୍ପର୍କ ରହିଛି। ଅନ୍ୟପଟେ ଆଫଗାନ ସଙ୍କଟକୁ ନେଇ ସ୍ଥିତି ସମ୍ପର୍କରେ ନୂଆଦିଲ୍ଲୀରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ସେପଟେ ପଞ୍ଜଶୀରରେ ତାଲିବାନ ବିରୋଧୀ ଗୋଷ୍ଠୀ କେବଳ ପଞ୍ଜଶୀର ପାଇଁ ନୁହେଁ ବରଂ ସମଗ୍ର ଆଫଗାନିସ୍ତାନ ପାଇଁ ଲଢୁଛି ବୋଲି ବିଦ୍ରୋହୀ ନେତା ଅହମ୍ମଦ ମସୋଦଙ୍କ ମୁଖପାତ୍ର କହିଛନ୍ତି। କାବୁଲ ବିମାନବନ୍ଦରରେ ପାଣି ବୋତଲ ଦାମ ତିନି ହଜାର ଓ ଭାତ ପ୍ଲେଟ ଦାମ ସାତ ହଜାର ଟଙ୍କାରେ ବିକ୍ରି ନେଇ ଖବର ସାମ୍ନାକୁ ଆସିଛି। କାବୁଲ ବିମାନ ବନ୍ଦରରେ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଉଦ୍ଧାର ଅପେକ୍ଷାରେ ରହିଛନ୍ତି। କିଛିଲୋକ ବିନା ପାଣି ଓ ଖାଦ୍ୟରେ ସାହାଯ୍ୟ ଅପେକ୍ଷାରେ ଅଛନ୍ତି। ଲୋକଙ୍କ ନିକଟରେ ଖାଦ୍ୟ ଓ ପାଣି ପାଇଁ ଟଙ୍କାର ଅଭାବ ଦେଖାଦେଇଛି। ସୂଚନା ଅନୁଯାୟୀ ବିମାନବନ୍ଦର ବାହାରେ ମିଳୁଥିବା ଖାଦ୍ୟ ଓ ପାଣିର ଦର ମାତ୍ରାଧିକ ଥିବାରୁ ଲୋକ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ବିମାନବନ୍ଦରର ଭିତରକୁ ଯିବାକୁ ଚାହୁଁଥିବା ଲୋକଙ୍କୁ ଯାଞ୍ଚ ଆଳରେ ନିର୍ଯାତନା ଦେଉଛି ତାଲିବାନ। ବିମାନବନ୍ଦର ଭିତରେ ଥିବା ଲୋକ ଜୀବନକୁ ନେଇ ଆଶାବାଦୀ ଥିଲା ବେଳେ ବିମାନବନ୍ଦର ବାହାରେ ନୈରାଶ୍ୟ ଓ ହତାଶା ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ ଭାରତର ଆଭିମୁଖ୍ୟ କିଭଳି ରହିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଉଭୟ ପାକିସ୍ତାନ ଓ ତାଲିବାନ ଭାରତ ପାଇଁ ବିପଦ ସୃଷ୍ଟି କରିପାରନ୍ତି। କାରଣ କାଶ୍ମୀରକୁ ନେଇ ତାଲିବାନ ପ୍ରସଙ୍ଗ ଉଠାଇବା ଆରମ୍ଭ କଲାଣି। ତେଣୁ ଭବିଷ୍ୟତରେ ଆତଙ୍କବାଦୀ ଗୋଷ୍ଠୀ କାଶ୍ମୀର ଉପତ୍ୟକାରେ ନାନାଦି ବିଶୃଙ୍ଖଳା ସୃଷ୍ଟି କରିବା ଆଶଙ୍କା ବଢୁଛି। ଆମେରିକା ଓ ବ୍ରିଟେନ କାବୁଲ ସିରିଜ ବିସ୍ଫୋରଣ ନେଇ ଜରୁରୀ ବୈଠକ କରିଛନ୍ତି। ଅଗଷ୍ଟ ୧୫ରେ ତାଲିବାନ ଆତଙ୍କବାଦୀ ସଂଗଠନ ଆଫଗାନିସ୍ତାନ ଅକ୍ତିଆର କରିବା ପରଠାରୁ ଆଫଗାନ ନାଗରିକ ଦେଶ ଛାଡି ପଳାଇବାକୁ କାବୁଲ ବିମାନବନ୍ଦରରେ ଭିଡ ଲଗାଇଛନ୍ତି। ଅପରପକ୍ଷେ ଆମେରିକା ସମେତ ଏକାଧିକ ରାଷ୍ଟ୍ର କାବୁଲରୁ ନିଜ ନାଗରିକଙ୍କୁ ସୁରକ୍ଷିତ ଅବସ୍ଥାରେ ସ୍ୱଦେଶ ଫେରାଇନେବାକୁ ଉଦ୍ୟମ ଜାରି ରଖିଥିଲା ବେଳେ ବିମାନ ବନ୍ଦରରେ ଭିନ୍ନ ପରିସ୍ଥିତି ଭିତରେ କାବୁଲ ଏୟାରପୋର୍ଟ ବାହାରେ ଇସଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀର ଆତ୍ମଘାତୀ ଆକ୍ରମଣରେ ୧୮୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଏଥିରେ ଶତାଧିକ ଆଫଗାନ ନାଗରିକ ଥିବା ବେଳେ ୧୩ଜଣ ଆମେରିକୀୟ ସୈନିକ ରହିଛନ୍ତି। ଘଟଣା ପରେ ଅଷ୍ଟ୍ରେଲିଆ ସମେତ ୫ ରାଷ୍ଟ୍ର ଉଦ୍ଧାର କାର୍ଯ୍ୟ ବନ୍ଦ ରଖିଛନ୍ତି। ଆଗକୁ ଆଇଏସ୍ ଦ୍ୱାରା ଅଧିକ ଆକ୍ରମଣ ଆଶଙ୍କା ରହିଥିଲା ବେଳେ ଶନିବାର ସକାଳୁ ଆମେରିକା ଆଇଏସ୍ ଆଡ୍ଡା ଉପରେ ଏୟାର ଷ୍ଟ୍ରାଇକ୍ କରିଛି। କାବୁଲରେ ଏହି ଭୟାନକ ଆତଙ୍କବାଦୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିବା ଆଇଏସ୍-କେ ସଙ୍ଗଠନକୁ ନେଇ ବିଶ୍ୱବ୍ୟାପୀ ଉଦ୍‌ବେଗ ବଢ଼ିଛି। ଏଭଳି ସମୟରେ ଆଫଗାନ ସ୍ଥିତି ଉପରେ ଅହରହ ନଜର ରଖିଛି ଭାରତ। ସାମ୍ପ୍ରତିକ ପରିସ୍ଥିତିରେ ଭାରତ ଉଦ୍ଧାର କାର୍ଯ୍ୟ ସୁରକ୍ଷା ସ୍ଥିତି ତଦାରଖ କରୁଛି ବୋଲି ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଏହାରି ମଧ୍ୟରେ କରୋନା ପୁଣି ତାର ନୂଆ ଅବତାର ଦେଖାଇବା ଆରମ୍ଭ କରିଛି। ଆଗକୁ ପାର୍ବଣ ଋତୁ ଆସୁଥିବାରୁ କରୋନାର ସମ୍ଭାବ୍ୟ ତୃତୀୟ ଲହର ଭୟ ଦେଖା ଦେଇଛି। ଯଦିଓ ସମ୍ପ୍ରତି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ଏବେ ନିୟନ୍ତ୍ରଣରେ ଅଛି ଆଗକୁ ସ୍ଥିତି ବିଗିଡିଯିବାର ଆଶଙ୍କା ମଧ୍ୟ ରହିଛି। ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ଭିନ୍ନ ଭିନ୍ନ ଆକଳନ କରାଯାଉଛି। ଆଇଆଇଟି କାନପୁର ମଡେଲ ରାଜ୍ୟରେ କରୋନାର ନୂଆ ଭାରିଆଣ୍ଟ ନ ଆସିଲେ, ସଂକ୍ରମଣର ବିଶେଷ ପ୍ରଭାବ ପଡିବ ନାହିଁ ବୋଲି ଆକଳନ କରାଯାଇଛି। ଏପରିକି ଦୈନିକ ସଂକ୍ରମଣ ୨ ହଜାର ପାର କରିପାରେ ବୋଲି ମଧ୍ୟ ପୂର୍ବାନୁମାନ କରାଯାଉଛି। ହେଲେ କେନ୍ଦ୍ର ସରକାରଙ୍କ ଆକଳନ କହୁଛି, ସମ୍ଭାବ୍ୟ ତୃତୀୟ ଲହରରେ ଓଡ଼ିଶାରେ ଦ୍ୱିତୀୟ ତୁଳନାରେ ଦେଢ଼ଗୁଣା ଅଧିକ ସଂକ୍ରମଣ ହୋଇପାରେ। ଏପରିକି ୯୨ ହଜାର ପର୍ଯ୍ୟନ୍ତ ଶିଶୁ ସଂକ୍ରମିତ ହୋଇପାରନ୍ତି। ତେଣୁ ଗୋଟେ ପଟେ ଆତଙ୍କବାଦୀଙ୍କ ଭୟ ବଢୁଥିଲା ବେଳେ କରୋନା ଲୋକଙ୍କ ଭିତରେ ଅଧିକ ଭୟ ସୃଷ୍ଟି କରୁଛି।


ସମ୍ପାଦକୀୟ



ତାରକ ମହାନ୍ତି

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# କଥାରେ ଆଲ୍ଲା-ମୁହଁରେ ତାଲା



ସୌମେନ୍ଦ୍ର ଜେନା

ଆତଙ୍କବାଦୀ ଗୋଷ୍ଠୀ ତାଲିବାନର ଦଖଲରେ ଏବେ ଆଫଗାନିସ୍ଥାନ । ଏହି ଦଖଲ ପଛରେ ଯେଉଁଦେଶମାନେ ପ୍ରଚ୍ଛନ୍ନରେ ରହି କାର୍ଯ୍ୟ କରୁଥିଲେ ସେମାନେ ଏବେ ସାମ୍ନାକୁ ଆସି ସମର୍ଥନ ଦେବାକୁ ଘୋଷଣା କରିସାରିଲେଣି । କହିବାକୁ ଗଲେ ଏହିସବୁ ଦେଶ ଅର୍ଥ, ଅସ୍ତ୍ରଶସ୍ତ୍ର ଏବଂ ସାମରିକ ଯୋଜନା ଯୋଗାଣର କାର୍ଯ୍ୟରେ ଆଜିଯାଏ ତାଲିବାନର ପଛରେ ରହିଆସିଛନ୍ତି । କିଏ ସେନାଧିକାରୀ, କିଏ ସନ୍ତ୍ରାସବାଦୀ, ଆଉ କିଏ ଅସ୍ତ୍ରଶସ୍ତ୍ର ଯୋଗାଇ ତାଲିବାନକୁ କୋଡିଏ ବର୍ଷ ଧରି ବଞ୍ଚାଇ ରଖି ଆସିଥିଲେ । ଏବେ ସେମାନେ ଆତ୍ମପ୍ରକାଶ କଲେଣି । ସେମାନେ ସମସ୍ତେ ମାନବଜାତିର ସଇତାନ । ସେମାନଙ୍କ ଅର୍ଥରେ ପରିଚାଳିତ ଭାରତର କିଛି ତଥାକଥିତ ଭଦ୍ରମୁଖା ପରିହିତ ତାଲିବାନୀ ହିତାକାଙ୍କ୍ଷୀ ମଧ୍ୟ ଇତି ମଧ୍ୟରେ ତାଲିବାନକୁ ସନ୍ତ୍ରାସବାଦୀ କହିବାକୁ ବିରୋଧ କରିବାକୁ ବାହାରିଲେଣି । ସେମାନଙ୍କ ଯୁକ୍ତି ହେଉଛି ଆଫଗାନିସ୍ଥାନରେ କ୍ଷମତା ଦଖଲ ପରେ ତାଲିବାନକୁ ସମ୍ମାନ ଦେବାର କଥା, ପ୍ରଶଂସା କରାଯିବାର କଥା । ତାଲିବାନର ବର୍ତ୍ତମାନ ଅତୀତର ମୋଗଲ ଶାସନକୁ ମନେପକାଇଦିଏ । ଅଥଚ ପୃଥିବୀରେ ଥିବା ପଚାଶରୁ ଅଧିକ ମୁସଲିମ ଦେଶ ଏବେ ତାଲିବାନର ରକ୍ତପାତ ଓ ବର୍ବରତାକୁ ଯେପରି ନିରବରେ ସମର୍ଥନ ଜଣାଉଛନ୍ତି, ତାହା ସେମାନଙ୍କ ଜିହାଦି ଚରିତ୍ରକୁ ଦର୍ଶାଉଛି ସିନା ଅନ୍ୟ କିଛି ନୁହେଁ ।

ପୃଥିବୀରେ ଅସ୍ତ୍ରବଜାରକୁ ଆଧାରକରି ବଞ୍ଚିଥିବା ରୁଷିଆ, ସନ୍ତ୍ରାସର ବଜାରକୁ ଆଧାର କରି ଚାଲିଥିବା ପାକିସ୍ଥାନ, ବିସ୍ତାରବାଦକୁ ଆଧାର କରି କାର୍ଯ୍ୟରତ ଚୀନ ଏବଂ ଇସଲାମିକ ସୁବିଧାବାଦର ଆଧାରରେ ବଞ୍ଚିଥିବା ତୁର୍କୀ ଏବେ ତାଲିବାନର ମୁଖ୍ୟ କାର୍ପେଟଦାର ହୋଇ ଉଭା ହୋଇଛନ୍ତି । ଏକଥା ସତ ଯେ ତାଲିବାନର ସଂଘର୍ଷକୁ ସମର୍ଥନ ଦେବାପାଇଁ ନିକଟରେ ରୁଷିଆ ପକ୍ଷରୁ ସାମରିକ ଅଭ୍ୟାସର ଯେଉଁ ନାଟକବାଜି କରାଯାଇଥିଲା ତାସ୍‌କେଣ୍ଟ ବୈଠକରୁ ତାହାର ସୁରାକ ମିଳିଯାଇଥିଲା । ବରଂ ଯଦି ତାଲିବାନ ଦୁର୍ବଳ ହୋଇଥାନ୍ତା ତେବେ ରୁଷିଆପକ୍ଷରୁ ଖୋଲା ସମର୍ଥନ ଘୋଷଣା କରାଯିବାର ସମ୍ଭାବନା ରହିଥିଲା । ଏବେ ଆର୍ଥିକ ସଂକଟରେ ଗତି କରୁଥିବା ରୁଷିଆ ପାଇଁ କୌଣସି ନା କୌଣସି ଦ୍ୱନ୍ଦ୍ୱ ହିଁ ରୋଜଗାରର ରାହା ପ୍ରାୟ ହୋଇଛି । ସିରିଆର ବିଧ୍ୱଂସଠାରୁ ଆଫଗାନିସ୍ଥାନ ପର୍ଯ୍ୟନ୍ତ ଏହାର ପ୍ରମାଣ । ଗୋଟିଏ ସମୟରେ ନଜିବୁଲ୍ଲାଙ୍କ ମାଧ୍ୟମରେ ଦୀର୍ଘଦିନ ଯାଏ ଆଫଗାନିସ୍ଥାନକୁ ରୁଷିଆ ନିଜର ନିୟନ୍ତ୍ରଣରେ ରଖି ଆସିଥିଲା । ଏବେ ସେମିତି କରିବାକୁ କାବୁଲର ରୁଷିଆ ଦୂତାବାସ କାର୍ଯ୍ୟାରମ୍ଭ କରିଛି । ଆଫଗାନ ରାଷ୍ଟ୍ରପତି ଅସ୍ରଫ ଘନି ଦେଶରୁ ଯିବାବେଳେ ବହୁ ଅର୍ଥ ସାଙ୍ଗରେ ନେଇଯିବା ପରି ଅଭିଯୋଗ ଆଣିଛି । କୌଣସି ଏକ ବିଦେଶୀ ଦୂତାବାସ ସେ ଦେଶର ରାଷ୍ଟ୍ରପତିଙ୍କୁ ବଦନାମ କରିବାର ତଳସ୍ତରକୁ ଖସିଯିବାର ଏହା ନଗ୍ନ ଉଦାହରଣ । ଏହା ଯଦି ସତ ହୋଇଥାଏ ଆଫଗାନ ମିଡିଆ କିମ୍ବା ସ୍ଥାନୀୟ ରାଜନେତାମାନେ ପ୍ରଥମେ ଅଭିଯୋଗ କରିବା କଥା । ଏହା ଲୁଚିଛି ନା ଗୋଡ ଦୋଟି ଦିଶୁଛି ପରି କଥା । ରୁଷିଆ ପକ୍ଷରୁ ଏହି ଅଭିଯୋଗ ଉଠାଯାଇ ତାଲିବାନ ଗୋଷ୍ଠୀକୁ ସମର୍ଥନ ଦେବାର ଯୁକ୍ତିଯୁକ୍ତତା ଦର୍ଶାଇବା ଲାଗି ଚେଷ୍ଟା କରାଯାଇଛି । ଠିକ୍ ସେମିତି ଚୀନ ପକ୍ଷରୁ ତାଲିବାନ ଗୋଷ୍ଠୀ ସହ ମିଳିମିଶି କାର୍ଯ୍ୟକରିବା ଘୋଷଣା କରାଯିବା ପ୍ରକୃତରେ ସନ୍ତ୍ରାସବାଦ ପ୍ରତି ଥିବା ଭକ୍ତିରୁ ହିଁ ଜାତ । ତାଲିବାନୀ ସନ୍ତ୍ରାସ ପରି ଚୀନ ସରକାର ଭାରତ ସମେତ ପୃଥିବୀର ଅନେକ ଦେଶରେ ରାଜନୀତିକ ଅସ୍ଥିରତା ସୃଷ୍ଟିକରିବା ଲକ୍ଷ୍ୟରେ ବାମପନ୍ଥୀ ଗରିଲା ଯୁଦ୍ଧକୁ ସମର୍ଥନ କରି ଆସିଛନ୍ତି । ଏହା ଆଜିର ନୁହେଁ ପଚାଶବର୍ଷରୁ ଅଧିକ କାଳର ଏକ ବିସ୍ତାରିତ ଯୋଜନା । ସେମିତି ପାକିସ୍ତାନ ବିଗତ ଚାରିଦଶନ୍ଧିରୁ ଅଧିକକାଳ ହେଲା ବିଶ୍ୱର ସର୍ବବୃହତ ଇସଲାମିକ ଜିହାଦି ସୃଷ୍ଟି କେନ୍ଦ୍ର ହୋଇଛି । ସେହିପରି ମଧ୍ୟକାଳୀନ ରକ୍ତପିପାସୁ ଅଟୋମନ ସାମ୍ରାଜ୍ୟ ପୁନର୍ବାର ପୃଥିବୀରେ ପ୍ରତିଷ୍ଠା କରିବାକୁ ତୁର୍କୀ ଏବେ ସୁବିଧାବାଦର ରାସ୍ତାକୁ ଆପଣାଇଛି । ତେଣୁ ଯେଉଁଠି ମୁଣ୍ଡ ଭର୍ତ୍ତି କରିବାର ସୁଯୋଗ ମିଳୁଛି ସେଠାରେ ପହଞ୍ଚିଯାଉଛି । ଇସଲାମ ନାମରେ ସଡକ ଉପରେ ମହିଳାଙ୍କୁ ଗୁଳିକରି ହତ୍ୟା କରିବା ପରେ ତାଲିବାନ ଗୋଷ୍ଠୀ ଭିଡିଓ ଉଠାଇ ପୋଷ୍ଟ କରୁଛନ୍ତି । ଗ୍ରାମାଞ୍ଚଳରେ ଲୋକଙ୍କ ଘରୁ ଯୁବତୀ ଓ ମହିଳାଙ୍କୁ ଉଠାଇ ଆଣୁଛନ୍ତି ତ କେଉଁଠି ବଜାରରେ ନିଲାମ ମଧ୍ୟ କରୁଥିବାର ଦେଖାଯାଉଛି । ଅଥଚ କେଉଁଠି ଜଣେ ପାଲେଷ୍ଟାଇନ ପିଲା ଇସ୍ରାଏଲୀ ସେନାର ଗୁଳିରେ ମୃତ୍ୟୁବରଣ କଲାବୋଲି ସାରା ବିଶ୍ୱରେ ଛାଡି ବାଡେଇ ଚିତ୍କାର କରୁଥିବା ମୁସଲିମ ଜନତା ଆଜି ଖୁବଶାନ୍ତିରେ ମୁହଁରେ ତୁଣ୍ଡି ବାନ୍ଧି ଚୁପ ରହିଛି । ଜିହାଦକୁ, ବର୍ବରତାକୁ, ଗଣହତ୍ୟାକୁ ଯେ ଇସଲାମପନ୍ଥୀମାନେ ନିରବରେ ସମର୍ଥନ କରୁଛନ୍ତି, ଏହା ତାର ସ୍ପଷ୍ଟ ପ୍ରମାଣ । ଏମାନେ ଗଣତନ୍ତ୍ରର ବିରୋଧୀ, ମାନବଜାତିର ବିରୋଧୀ, ଶିକ୍ଷା ଓ ମହିଳାଙ୍କ ଅଧିକାରର ବିରୋଧୀ, ତାହା ସେମାନଙ୍କ ନିରବତାରୁ ଜଣାପଡୁଛି । ଏମାନେ ସଂଖ୍ୟାଧିକ ଆତଙ୍କର ସମର୍ଥକ, ବର୍ବରତାର ପ୍ରଶଂସକ ।

ଅତୀତ ଦିନମାନଙ୍କରେ ଆଫଗାନୀ ମୁସଲିମମାନଙ୍କ ପ୍ରତି ଇସଲାମିକ ରାଷ୍ଟ୍ରଗୁଡିକର ସହାୟତା ତୁଳନାରେ ଅଣ ଇସଲାମିକ ରାଷ୍ଟ୍ର ଆମେରିକା ଓ ଭାରତର ସହାୟତା ଅଧିକ ରହିଛି । ଆଫଗାନ ଲୋକଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ସଡକ ଯୋଗାଯୋଗ, ବିଦ୍ୟୁତ,ଜଳସେଚନ ପରି ମୌଳିକ ସୁବିଧାଗୁଡିକ ଯୋଗାଇ ଦେବାରେ ଇସଲାମିକ ରାଷ୍ଟ୍ରଗୁଡିକର ସେପରି ଆଖି ଦୃଶିଆ ପ୍ରକଳ୍ପ ଅଧିକ ଦେଖିବାକୁ ମିଳିବ ନାହିଁ । ଇସଲାମିକ ରାଷ୍ଟ୍ରଗୁଡିକର କୁକୃତ୍ୟକୁ ଦେଖି ନିରବ ରହନ୍ତି, କିନ୍ତୁ ଅଣଇସଲାମିକ ଟେକାମାଡକୁ ବୋମାମାଡ କହି ଦର୍ଶାଇବାକୁ ପଛାନ୍ତି ନାହିଁ । ତେଣୁ ପୃଥିବୀରେ ଇସଲାମିକ ଜଗତର ଲୋକସଂଖ୍ୟା ଯଥେଷ୍ଟ ଥିଲେ ମଧ୍ୟ ୨୧% ବିଶ୍ୱର ଜିଡିପିରେ ଏମାନଙ୍କ ଅବଦାନ ୫ ପ୍ରତିଶତ । ବିଶ୍ୱର ଗବେଷଣା,ବିଜ୍ଞାନ, ଜନଜୀବନରେ ଉନ୍ନତି ଆନ୍ତର୍ଜାତିକ ବନ୍ଧୁତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ କ୍ଷେତ୍ରରେ ଇସଲାମିକ ଜଗତର ଭୂମିକା ଆଦୌ ଭଲ ନାହିଁ । ଆଫ୍ରିକାଠାରୁ ଲେବାନନ ପର୍ଯ୍ୟନ୍ତ ଅନେକ ମୁସଲିମ ରାଷ୍ଟ୍ରରେ ଆଜି ଖାଦ୍ୟପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି । ଖାଦ୍ୟାଭାବ ଦୂର କରିବାରୁ ଇସଲାମିକ ରାଷ୍ଟ୍ର ସମୂହ ସଂଗଠନ ବିଶେଷ କିଛି କାର୍ଯ୍ୟ କରୁନାହିଁ । ଏପରିକି ଆଫଗାନ ଶରଣାର୍ଥୀ ଗ୍ରହଣ କରିବାକୁ ଇସଲାମିକ ରାଷ୍ଟ୍ରଗୁଡିକ ଆଦୌ ପ୍ରସ୍ତୁତ ନୁହନ୍ତି । ଅପରପକ୍ଷେ ମହିଳା ଓ ଶିଶୁଙ୍କ ବିରୋଧରେ ତାଲିବାନ ହିଂସାକାଣ୍ଡ ଜାରି ରଖିଛି । ରାଜରାସ୍ତାରେ ଗାଡି ଅଟକାଇ ମହିଳାଙ୍କୁ ହତ୍ୟା କରୁଛି । ବିକ୍ଷୋଭକାରୀଙ୍କୁ ଗୁଳିକରି ହତ୍ୟାକରୁଛି । ପୂର୍ବତନ ସୁରକ୍ଷାକର୍ମୀଙ୍କ ହାତଗୋଡ ବାନ୍ଧି ହତ୍ୟା କରୁଛି । ଅଥଚ ଏସବୁକୁ ଅନ୍ୟାୟରୁ ମୁକ୍ତି ବୋଲି ପାକିସ୍ଥାନ କହୁଛି ।

ଗୋଟିଏ ପଟେ ଆଲ୍ଲାଙ୍କ ନାମକୁ ନେଇ ରାଜନୀତି କରୁଥିବା ଇସଲାମିକ ରାଷ୍ଟ୍ରଗୁଡିକ ଆଫାଗାନ ଲୋକମାନଙ୍କ ଅସହାୟତା ଦେଖି ନିରବ ରହୁଥିଲା ବେଳେ ଅନ୍ୟପଟେ ଜାତିସଂଘ ଆଲୋଚନା ପରେ ଆଲୋଚନା କରୁଥିଲେ ମଧ୍ୟ ଫଳକିଛି ଲାଭଜନକ ହୋଇନାହିଁ । ଆମେରିକାର ଦୋମୁହାଁ ନୀତି ଯୋଗୁ ବାଇଡେନ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ସନ୍ତ୍ରାସବାଦୀଙ୍କ ନିକଟରେ ଏକପ୍ରକାର ଆତ୍ମସମର୍ପଣ କରିଛନ୍ତି । ପୂର୍ବତନ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ବର୍ତ୍ତମାନର ବାଇଡେନ ସରକାର ବିରୋଧରେ ରଣହୁଙ୍କାର ଦେବାକୁ ଆରମ୍ଭ କଲେଣି । ଏଣେ ପଞ୍ଜାଶିରଘାଟୀରେ ପୂର୍ବତନ ଉପରାଷ୍ଟ୍ରପତି ଅମରୁଲ୍ଲା ସାଲେହ କେବଳ ଏକମାତ୍ର ଶକ୍ତିଶାଳୀ ନେତାଭାବେ ନିଜକୁ ଦେଶର କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ଘୋଷଣା ପୂର୍ବକ ପୁରୁଣା ନଦର୍ଣ୍ଣ ଏଲାଏନ୍ସକୁ ସଂଗଠିତ କରି ତାଲିବାନ ବିରୋଧୀ ରଣହୁଙ୍କାର ଦେଇଛନ୍ତି । ତାଜିକସ୍ଥାନରେ ଥିବା ଆଫଗାନ ଦୂତାବାସରେ ସାଲେହଙ୍କ ଫଟୋ ରାଷ୍ଟ୍ରପତି ଭାବେ ଲଗାଯାଇଛି । ଅନେକ ବିଦେଶୀ ରାଷ୍ଟ୍ର ତାଲିବାନ ସରକାରକୁ ସ୍ୱୀକୃତି ଦେବେ ନାହିଁ ବୋଲି ଘୋଷଣା କରିସାରିଲେଣି । ଆମେରିକାରେ ଥିବା ଆଫଗାନିସ୍ଥାନର ଜମାକୁ ଅଚଳ କରାଯିବାପରେ ତତ୍‌କାଳ ଅର୍ଥ ଉଠାଣ ସମ୍ଭବ ହେବନାହିଁ । ବାହାରୁ ଆଫଗାନିସ୍ଥାନକୁ ଯୋଗାଣ ସବୁ ବନ୍ଦ ହେବା ଯୋଗୁ ଏକପ୍ରକାର ସିରିଆ ପରି ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । ତାଲିବାନର ସଫଳତା ଦେଖି ଭିନ୍ନ ଭିନ୍ନ ଦେଶରେ ସକ୍ରୀୟ ଥିବା ଇସଲାମିକ ଆତଙ୍କବାଦୀ ଗୋଷ୍ଠୀଗୁଡିକ ଅଧିକ ସକ୍ରୀୟ ହେବାର ସମ୍ଭାବନା ଦେଖାଦେଲାଣି । ହେଜବୋଲ୍ଲା ଅଲ-ଶବାବ, ଅଲକାୟଦା, ଆଇଏସ୍ ଆଦି ଗୋଷ୍ଠୀଗୁଡିକ ତାଲିବାନର ସଫଳତାରେ ଅଧିକ ଉତ୍ସାହୀ ହୋଇଉଠିଛନ୍ତି । ଆଗାମୀ ଦିନରେ ଏମାନଙ୍କ ସନ୍ତ୍ରାସ ଅଧିକ ବଢିପାରେ ।

ଏପରି ସ୍ଥିତିରେ ଆଫଗାନିସ୍ଥାନରେ ଅଧିକ ମାନବିକ ସଙ୍କଟ ଦେଖାଯିବ । ଏହାର ସୁଯୋଗରେ ପାକ୍,ଚୀନ ଓ ତୁର୍କୀ, ରୁଷିଆ ପରି କିଛି ଦେଶ ଏଥିରୁ ସୁବିଧା ଉଠାଇବେ ନିଶ୍ଚୟ । ଯେଉଁଥିପାଇଁ ଏମାନେ ଏବେଠୁ ତାଲିବାନକୁ ପ୍ରଶଂସା କରିବା କାର୍ଯ୍ୟରେ ଲାଗିପଡିଛନ୍ତି । ଇସଲାମିକ ରାଷ୍ଟ୍ର ସମୂହ ଆଫଗାନଙ୍କ ସମସ୍ୟା ଦୂର କରିବା ପରିବର୍ତ୍ତେ ମୂକଦର୍ଶକ ପାଲଟିଛନ୍ତି । ଯାହା ଆଦୌ ଗ୍ରହଣୀୟ ନୁହେଁ । ସନ୍ତ୍ରାସବାଦୀଙ୍କ ସରକାର ଶାସନକୁ ଆସିଲେ ଅସ୍ଥିରତା ଦେଖାଯିବ ନିଶ୍ଚୟ । ଜାତିସଂଘ ଏହି ମାମଲାରେ ନିରୀକ୍ଷକ ଦୃଷ୍ଟିରେ ନବସି ସମାଧାନକାରୀ ସ୍ଥିତିକୁ ଆସିବା ଦରକାର । ଲୋକଙ୍କ ସୁରକ୍ଷା ପାଇଁ ମିଳିତ ଶାନ୍ତିସେନା ପଠାଇବା ପାଇଁ ପୂର୍ବରୁ ଯେଉଁ ସୁଯୋଗ ଥିଲା ଜାତିସଂଘ ତାକୁ ଉପଯୋଗ କଲାନାହିଁ । ଫଳରେ ଏବେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହା ଅନ୍ୟାନ୍ୟ ଅନେକ ରାଷ୍ଟ୍ରଗୁଡିକୁ ପ୍ରଭାବିତ କରିବ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଆମ ସଂସ୍କୃତିରେ 'ଭଦ୍ର'




ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଉତ୍କଳର ଖାଲି କ୍ଷେତ୍ର ନୁହଁ ସେ ଶ୍ରୀକ୍ଷେତ୍ର ବ୍ରାହ୍ମଣ୍ଡରେ ଏପରି ନାମ ଥିବା କୌଣସି କ୍ଷେତ୍ର ଭୂମି ଏନାମରେ ନାହିଁ। ଏ କ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତି ହିଁ ଦର୍ଶନର କେନ୍ଦ୍ରବିନ୍ଦୁ। ଏଥିରେ ଯେଉଁ ରତ୍ନସିଂହାସନ ବୋଲି ସ୍ଥାନଟି ଏଥିରେ ଡାହାଣ ପଟକୁ ଅଛନ୍ତି ସେ ବଡ଼ ଠାକୁର ବଳଭଦ୍ର ତାଙ୍କର ବାମକୁ ଅଛନ୍ତି ସୁଭଦ୍ରା ଆଉ ତାଙ୍କ ବାମକୁ ଜଗନ୍ନାଥ। ତାଙ୍କ ବାମକୁ ଏକ ଦଣ୍ଡ ପରି ସୁଦର୍ଶନ। ଲେଖାଗୁଡ଼ିକ ପୂର୍ଣ୍ଣଚ୍ଛେଦ ବେଳେ ଏକ ଶକ୍ତ ଉପର ତଳକୁ ଲମ୍ବ ରେଖାଟିଏ ଲେଖା ଯିବା ଧାଡ଼ିର ଅକ୍ଷର ମାପରେ ପକାଯାଏ। ଏହାକୁ ଉର୍ଦ୍ଦୁଭାଷାରେ କୁହାଯାଏ ଲାଠିଖାଡ୍ଡା ତକ ଏହାକୁ ମର୍ମ ମନନ କଲେ ଏଇ ତିନି ମୂର୍ତ୍ତିପରେ ଆଉ ମୂର୍ତ୍ତି ନାହିଁ। ଭାରତୀୟ ଭାଷା ବାମର ଡାହାଣକୁ ଉର୍ଦ୍ଦୁଭାଷା ଡାହାଣରୁ ବାମକୁ ଲେଖାଯାଏ। ବଳରାମ ଶେଷ ଦେବତା ଅର୍ଥାତ୍ ତାଙ୍କ ପରେ ଦେବତା ନାହାଁନ୍ତି। ବଳଭଦ୍ର ଜଗନ୍ନାଥ ମଧ୍ୟ ଦେବୀ ସେ ଭାତୃପରି ପୁରୁଷଙ୍କ ଦ୍ୱାରା ସଂରକ୍ଷିତ ନାରୀଙ୍କ ପ୍ରତିନିଧି କେବଳ ମୁଖ୍ୟ ଦର୍ଶନରେ ପରିଚିତା ସୁଭଦ୍ରା। ଭଦ୍ର ଓ ଭଦ୍ରା ଏହି ଦୁଇଟି ଓଡ଼ିଆଙ୍କ ଜୀବନରେ ସଦା ଅଙ୍ଗାଅଙ୍ଗୀ ଜଡ଼ିତ। ମନ୍ଦିରରେ ବଡ଼ଭାଇ ଥାଉ ଥାଉ ସାନ ଭାଇଙ୍କ ମନ୍ଦିର ମାଲିକାନା କେମିତି ପ୍ରଚାର ହେଲା। ଏ ଏକ ତାଜୁବ ବିଷୟ ? ସେ ବେଳରେ ଦ୍ୱାରକା ବଳରାମ ଶ୍ରୀକୃଷ୍ଣଙ୍କ ଯଦୁବଂଶକୁ ନେଇ ରାଜୁତ ତାଙ୍କର ମୂଳ ଆବାସ ମଥୁରା, ସେଠାରୁ ଗୋପ ପୁଣି ମଥୁରା। ମଥୁରାରୁ ଏକାବେଳକେ ଦ୍ୱାରକା। ଦ୍ୱାରକାରେ ପଶ୍ଚିମରେ ସମୁଦ୍ର ଏକବାରେ ପଶ୍ଚିମ ନିରାପଦ ଚିନ୍ତନ ସେତେବେଳେ ଥିଲା, ଅନ୍ୟ ତିନି ଦିଗ ଓ ଚାରି କୋଣରେ ବହୁ ଦୂରରେ ନୈରିତ ଓ ବାୟୁ ଏପରିକି ଅଗ୍ନି ଓ ଇଶାନ। ପୂର୍ବ ଉତ୍ତର ଦକ୍ଷିଣ ଏସବୁ ଦିଗର ପ୍ରଶାସକ ବା ଏମାନଙ୍କର ସମ୍ବନ୍ଧ ରାଜ ପରିବାରକୁ ଜରାସନ୍ଧ ବନ୍ଦୀଶାଳରୁ ଶ୍ରୀକୃଷ୍ଣ ବଳରାମ ଉଦ୍ଧାର କରି ରାଜ କ୍ଷମତା ଅର୍ପଣ କରିଛନ୍ତି। ଅତଏବ ଦ୍ୱାରକା ସମସ୍ତେ ଆନୁଗତ୍ୟ। ଶତ୍ରୁଭାବରେ ଆକ୍ରମଣ ଆଶଙ୍କା ଏକଦମ ଲୁପ୍ତ। ଏପରିକି କାହାରି ସାହାସ ମଧ୍ୟ କୁଳେଇବ ନାହିଁ। ଚନ୍ଦ୍ରବଂଶୀ ଶାସକରେ କୌରବ ପାଣ୍ଡବ ବଂଶ ଏଥିରେ ଏମାନେ ଶ୍ରୀକୃଷ୍ଣ ବଳରାମଙ୍କର ପିତୃମାତୃ ବଂଶର ସମ୍ପର୍କ। ଶ୍ରୀକୃଷ୍ଣଙ୍କର ଅପ୍ରମିତ ବଳ ନାରାୟଣୀ ସେନାଙ୍କୁ ସମସ୍ତଙ୍କର ଡର ଖାତିର। ଯୁଗଶେଷ ଆଡ଼କୁ ଆସିଲା ବଂଶରେ କଳହ ରାଜସିଂହାସନ ପାଇଁ ଝାମେଲା ଶେଷରେ କୌଣସି ସମାଧାନ ନହେବାରୁ ଓ୍ୱାର (ରଙ୍ଗ ଆଣ୍ଡ ରାଇଟ) ଏ କହିଲେ ଆମର ଦାବୀ ଠିକ୍ ସେ କହିଲେ ଆମ ଦାବୀ ଠିକ୍। ନ୍ୟାୟରେ କେହି ଏହା ସ୍ୱୀକାର କରିବାରେ ଅରାଜୀ ତେବେ ସର୍ବନିମ୍ନ ସୁବିଧା ଯେ ରାଜ କରୁଛନ୍ତି ତାହା କଲେ ନାହିଁ। କ୍ଷଣ ପରିଣତି ଯୁଦ୍ଧ ସମର ଅନେକଙ୍କୁ ମରଣ ଡାକିବା ଉପାୟ।

ଯୁଦ୍ଧରେ ଶ୍ରୀକୃଷ୍ଣ ଯୁଦ୍ଧାସ୍ତ୍ର ଧରିବେ ନାହିଁ ଯିଏ ନବ ତାଙ୍କ ସେନାଙ୍କୁ ନେଉ। ବଳରାମ ରକ୍ତପାତ ଯୁଦ୍ଧର ସପକ୍ଷରେ ସାନଭାଇର ଯିଦ୍ ଯୋଗୁଁ ଗଲେନାହିଁ। ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ସୈନ୍ୟବଳ ଅସ୍ତ୍ର ମାଗି ନାହାଁନ୍ତି। ସାରଥି ଦେବ ପାଇଁ ଅନୁରୋଧ କରି ସଫଳ ହେଲେ। ସାରଥି ଏଯୁଗରେ ଡ୍ରାଇଭର। ଡ୍ରାଇଭର ପ୍ରାଣ ସଂକଟରୁ ବିପଦରେ ବଡ଼ ସହାୟକ ପ୍ରମାଣ ଏବେ ବି ହେଉଛି। ବଳରାମ ତୀର୍ଥ ଭ୍ରମଣରେ ବାହାରି ବିଭିନ୍ନ ଦେଶର ପ୍ରାନ୍ତ ଭ୍ରମଣ କରିବା ପାଇଁ ଚାଲିଲେ। ଏମିତିବେଳେ ଏହି ରାଜ୍ୟର ଖଣ୍ଡାୟତମାନେ ମହାଭାରତ ଯୁଦ୍ଧକୁ ସ୍ୱ ଭିଟାମାଟିରୁ ସ୍ଥାନୀୟ ରାଜ ଆଦେଶରେ ରାଜ କର୍ମଚାରୀ ସେନାପତି ଯୁଥପତିଙ୍କ ସହିତ ରଣାଙ୍ଗନକୁ ହାତ ବାହିନୀ ସହିତ ପଦାତିକମାନେ ଚାଲି ଯାଇଛନ୍ତି। ଯାହା ରହିଲେ ବୃଥା ଶିଶୁ କିଶୋର ଯୁବତୀ ପୌଢ଼ା ବୃଦ୍ଧା ଅଙ୍ଗ କ୍ଷୁଣ ବ୍ୟକ୍ତି। କନ୍ଦର ପାହାଡ଼ ଖୋଲରେ ଦସ୍ୟୁଗିରି କରି ଜୀବିକା ଚଳାଉଥିବା କିଛି ବ୍ୟକ୍ତି ଏହାଙ୍କର ସଂଗଠକ କର୍ତ୍ତା। ପୁରୁଷବଳ ଅଭାବ ବେଳେ ନାରୀ ଧନ ଦୌଲତ ଖାଦ୍ୟ ପଦାର୍ଥ ଉପରେ ଲୁଟପାଟ ଆରମ୍ଭ କରିଥିଲେ। ଦୂରାଗତ ବଳରାମଙ୍କ ଯାଏ ଏକଥା ଗଲା। କନ୍ଦରାର ସେହି ଅଲ୍ୟଳ କୁମାରୀ କନ୍ୟା ମହାବିଦୁଷୀ ତୁଳସୀ, ସେ ବଳରାମଙ୍କୁ ତାଙ୍କର ଥଇଥାନ କଥା କହିଛନ୍ତି ଓ ତାଙ୍କର ନିବେଦନ ଯେ ଆପଣ ହିଁ ମୋର ଏହି ଜନ୍ମ ଅପରଜନ୍ମର ସ୍ୱାମୀ ହୁଅନ୍ତୁ। ଅନେକ ନିବେଦନ ଓ ତୁଳସୀ ଆବେଦନ ବଳରାମ ରକ୍ଷା କଲେ ସେ ଏଇ କେନ୍ଦ୍ରାପଡ଼ାରେ ହିଁ ତୁଳସୀ ମାଆଙ୍କ ପାଣିଗ୍ରହଣ କରି ବସତି କଲେ ଏହା ଲୋକକଥା ରହିଲେ ବି ଯେ ଏହା ଦ୍ୱାପର ଯୁଗର ସେହି ମହାଭାରତ ଯୁଦ୍ଧ କାଳର ଏହା ଏକ ଯୁକ୍ତି ଯୁକ୍ତ ସମୟ ନିର୍ଘଣ୍ଟ ବଳରାମଙ୍କ ଆୟୁଧ ଲଙ୍ଗଳ ଓ ମୂଷଳ। ଏହି ଦୁଇ କାଷ୍ଠ ଯନ୍ତ୍ର ଏହାର ଅବଲମ୍ବନ କୃଷକ ତୈଳକାର, ବଢ଼େଇ, କମାର ପରି ଗ୍ରାମ୍ୟ ବାସିନ୍ଦାଙ୍କର ବୃତ୍ତି ସମ୍ବନ୍ଧ। ଶରୀର ସୁସ୍ଥ ରଖିବା ପାଇଁ ମୁଦଗର ବୁଲାଇବା ଏକ କାର୍ଯ୍ୟ। ବୃତ୍ତି ଓ ଶରୀର ଚର୍ଯ୍ୟା ବଳରାଙ୍କ ଠାରୁ ସମସ୍ତେ ଶିକ୍ଷା କରିବା ଦରକାର। ଏ ପାଇଁ କେନ୍ଦ୍ରାପଡ଼ା ବଳଦେବଙ୍କର ତୁଳସୀ କ୍ଷେତ୍ର ଆଉ ପୁରୀ ପ୍ରଭୁ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ର। ଓଡ଼ିଶାରେ କୃଷି ବହୁଳ ଜୀବିକାଧାରୀ ସଂଖ୍ୟାଧାରୀ ଅନେକ ବ୍ରାହ୍ମଣ ଚାଷ ଜମିରେ ଚାଷ କରିବାକୁ ବାଧ ପୂର୍ବେ ହେଉଥିଲେ ଏବେ ମଧ୍ୟ ହେଲେଣି। ବୈଦିକ ଶାସ୍ତ୍ର ବ୍ୟବସ୍ଥାରେ ବ୍ରାହ୍ମଣ କୃଷି କଲେ ହୀନ ବ୍ରାହ୍ମଣ ହୋଇପାରନ୍ତି। ମାତ୍ର ଏହାର ବଡ଼ ସଂସ୍କାରକ ଖୋଦ ବଳରାମ। ଏବେ ବି ଗହ୍ମା ପୂର୍ଣ୍ଣିମାରେ ବ୍ରାହ୍ମଣମାନେ ଗହ୍ମାପଇତା ତାଙ୍କାର ଯେକୌଣସି ଯେଜମାନଙ୍କୁ ପିନ୍ଧାଇ ବଳରାମଙ୍କ ସ୍ମୃତି ମନେ ପକାଇ ଦେଉଛନ୍ତି। ଜଗନ୍ନାଥଙ୍କ ପ୍ରତିମା ସଦୃଶ ଦଧି ବାମନ ପ୍ରତିମା ବହୁ ସ୍ଥାନରେ ପୂଜା ସେପରି ହେଉଛନ୍ତି। ସବୁ ଜଗନ୍ନାଥ ମନ୍ଦିରରେ ଅଲଗା ଭାବରେ ଦଧି ବାମନ ପୂଜା ବ୍ୟବସ୍ଥା ରହିଛି। କଳାପାହାଡ଼ଙ୍କ ପିଛାକରି ବିସର ମହାନ୍ତି ପ୍ରଭୁଙ୍କର ବ୍ରହ୍ମ ଉଧାର କରି ଆଣି ବଙ୍ଗ ଦେଶରୁ ସମୁଦ୍ର କୂଳେ କୂଳେ ଆସି କୁଜଙ୍ଗରେ ପହଞ୍ଚି ରାଜ ଆଶ୍ରିତରେ ଦିଅଁଙ୍କର ପୂଜା ବ୍ୟବସ୍ଥା କରାଇଥିଲେ। ପରେ ଶ୍ରୀକ୍ଷେତ୍ରକୁ ଦିଅଁ ଆସିଲେ ହେଲେ କୁଜଙ୍ଗକୁ କୁଞ୍ଜାଙ୍ଗ ଓ ସୁଭଦ୍ରାଙ୍କ କ୍ଷେତ୍ର ଏବେ ବି ଜନ ସ୍ମରଣରେ ଅଛି। ବୀର ଅନେକ ପ୍ରକାରର ହୋଇପାରନ୍ତି। ହେଲେ ବୀରଭଦ୍ର ଶିବ ଅନୁଚର ଶିବଙ୍କପରି ହଟିବା ବ୍ୟକ୍ତି ନୁହଁନ୍ତି। ନିଜର ପରିବେଶ ବିପନ୍ନ ଚିନ୍ତା ନକରି ସେ ଏକାକି ପ୍ରତିବାଦ ଯୁଦ୍ଧ ଅନ୍ୟାୟ ବିରୁଦ୍ଧରେ କରନ୍ତି। କରଥିଲେ ମାଆ ସତିଙ୍କର ତାଙ୍କ ପିତା 'ଦକ୍ଷ'ଙ୍କ ଯଜ୍ଞକୁଣ୍ଡରେ ଝାସ ଦେବା ବେଳେ ବୀରଭଦ୍ରଙ୍କ ବୀରତ୍ୱ ପ୍ରକାଶ ଜଣାପଡ଼ିଥିଲା। ବଳଭଦ୍ର ଏମିତି ସେ ବଳବାନ ଭଦ୍ର ଅନ୍ୟାୟ ଟାଳିବାରେ ସେ 'ମହାଦକ୍ଷ'। 'ସବ୍‌ସେଚୁର ଭଲା'ର ସେ କେବେ ପକ୍ଷପାତି ନୁହଁନ୍ତି। ସେ ତାଙ୍କରି ପରି ଭଦ୍ର ମାନଙ୍କୁ ଆହ୍ୱାନ କରନ୍ତି। ଅନ୍ୟାୟ ଅସତ୍ୟ ବିରୁଦ୍ଧରେ ସତ୍ୟ ଉଚ୍ଚାରଣ ପଥ ଖୋଜି ପ୍ରତିବାଦ ପାଇଁ ସେ ଆଦ୍ୟନେତା। ସେ ସଦା ଜାଗ୍ରତ। ତାଙ୍କର ଉପାସକମାନେ ନିଶ୍ଚେ ସତ୍ୟାନୁସନ୍ଧାନୀ ଦୁର୍ବଳର ଭରସା। ମାଆ ସୁଭଦ୍ରା ଚିହ୍ନଟ ମୁହଁରୁ ତାଙ୍କର ସମସ୍ତ ଅଙ୍ଗ ଛପାଇଛନ୍ତି। ସେ ତାଙ୍କରି ପରି ନାରୀ ମାନଙ୍କୁ ଏହି ଆହ୍ୱାନ ଦେଇ ଆସୁଛନ୍ତି। ଭଦ୍ର ପୋଷାକ ପିନ୍ଧ, ଭଦ୍ର ବାକ୍ କହି ସଂସାର ଭାତୃମୟ ସୃଷ୍ଟିକର। ଦେବତା ପୂଜାରେ ଅନେକ ଇଙ୍ଗିତ ଅଛି ତାକୁ ବୁଝି କାର୍ଯ୍ୟରେ ଆଗେଇଲେ ସମସ୍ତ ମଙ୍ଗଳ ସର୍ବ ମଙ୍ଗଳ ହୋଇପାରିବ।

*ସମ୍ପାଦକ 'ନିୟତି'*
*ଅରୁଣୋଦୟ ନଗର, କଟକ*
*ଦୂରଭାଷ : ୯୪୩୭୦୩୧୨୫୩*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୁରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର



ଭାଗ-୩୩

# ବେଳ ଭଲ ନାହିଁ

**ନା**-ବିଜ୍ଞ ଲୋକମାନେ ସମୟର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ କରିଥାଆନ୍ତି।

ଏତେ ବେଳେ ଆପଣ ଭଲ କଥା ପଦେ କହିଲେ। ଏହାଠାରୁ ଆଉ କ'ଣ ବଡ ଆବଶ୍ୟକତା ଆସିପାରେ ଯେ ଆମ ଗାଆଁପାଇଁ?

ଆଚ୍ଛା-ତମେମାନେ ମୋତେ କାହିଁକି ଯୋଗ୍ୟ ବୋଲି ମନେ କଲ?

ଏହା ଅତି ସରଳ କଥା, ଯଦିଓ ଆପଣଙ୍କର ଆଗରୁ ଗାଆଁର ସମସ୍ତେ ଆପଣଙ୍କର ସଚ୍ଚୋଟତା ଏବଂ ଦକ୍ଷତାକୁ ପସନ୍ଦ କରୁଥିଲେ। କର୍ମ ଓ ନୀତିକୁ ଆଦର୍ଶ ବୋଲି ଗ୍ରହଣ କରି ଚାକିରି କାଳ କଟାଇ ସାରିଥିବା ଜଣେ ବ୍ୟକ୍ତି ଶେଷ ଜୀବନରେ ନୀତିଭ୍ରଷ୍ଟ ହେବେ ନାହିଁ ଏହି ଭରସା ଗାଆଁ ଲୋକମାନଙ୍କର ରହିଛି। ଏହା ବ୍ୟତୀତ ଆପଣଙ୍କର ବୁଦ୍ଧି ଓ ଦୂରଦୃଷ୍ଟି ମଧ୍ୟ ଆମାମନଙ୍କୁ ପ୍ରେରିତ କରିଛି ଏଭଳି ପ୍ରସ୍ତାବ ଆପଣଙ୍କ ସାମ୍ନାରେ ରଖିବାକୁ।

ଦେଖ ମୁଁ ଚାହୁଁ ନଥିଲି ମୋର କେହି ବି ଜଣେ ଶତ୍ରୁ ହୁଅନ୍ତୁ ବୋଲି

ଏଥିରେ ଶତ୍ରୁ କିଏ କାହିଁକି ହେବ?

ନିହାର ବିପକ୍ଷରେ ଲଢ଼ିବା ଅର୍ଥ ତା'ର ଶତ୍ରୁ ହେବା ହେବ ନାହିଁକି?

ରୋଗର ଶତ୍ରୁ ହେବା ଭୟରେ କ'ଣ ଲୋକେ ଔଷଧ ଖାଇବା ବନ୍ଦ କରିଦେବେ। ନିହାର ବାବୁ ଏକ ରୋଗ, ଏ ଗାଆଁର କଳଙ୍କ, ତାଙ୍କ ସହ ଶତ୍ରୁତା ହେବାର ଭୟରେ ଆପଣ ଯଦି ଚିନ୍ତିତ ହେବେ, ତେବେ କେହି କୌଣସି ଭଲ କାମ କରିବାକୁ ବାହାରିବେ ନାହିଁ

ହଉ ପିଲାମାନେ, ମୁଁ ତୁମ କଥାରେ ରାଜି। ସେ ବେଳ ଆସୁ।

ପିଲାମାନେ ଆପାତତଃ ନିଶ୍ଚିତ ହେବା ପରେ ଖୁସି ଖୁସିରେ ଗଲେ ସେମାନଙ୍କ ପରବର୍ତ୍ତୀ ପଦକ୍ଷେପରେ ଲାଗିଯିବା ପାଇଁ।

ସେମାନେ ଚାଲିଯିବା ପରେ ଖବରକାଗଜ ଉପରକୁ ଆଖି ପକାଇଛନ୍ତି କି ନାହିଁ, ପହଞ୍ଚିଲା ଆସି ମାଧିଆ ବୋଉ। ପହଞ୍ଚୁ ପହଞ୍ଚୁ ଗୌରଚନ୍ଦ୍ରିକା ଦେଇ କହିଲା - ତମ ବାପା ବି ଆମର ସାଆନ୍ତ ଥିଲେ, ତମେ ବି ସାଆନ୍ତ। ସେହି ମାନ୍ୟରେ ଆମେ ଆଜିଯାଏ ଚଳି ଆସିଛୁ ଗାଆଁରେ। ସେ ଯେଉଁ ନ୍ୟାୟ ନିଶାପରେ ବସୁଥିଲେ, ଏମିତି ଓ୍ୱାଜିପ କଥା କହୁଥିଲେ ଯେ ସେଥିରୁ ବାହାରି ଯିବାକୁ କାହାର ଜୁ' ହେଉ ନଥିଲା। ତମେ ବି ତ ସେଇ ବାପାଙ୍କର ପୁଅ, ହେଲେ ଅବା କିଛି ବର୍ଷ ଗାଆଁରେ ରହୁ ନଥିଲ, ଚାକିରି ବାକିରି ଧନ୍ଦାରେ, ହେଲେ କ'ଣ ରକ୍ତରୁ ସେ ନ୍ୟାୟବନ୍ତ ଗୁଣ କମିଯିବ?

କଥା କ'ଣ ହୋଇଛି ନ କହି ଏତେ ବୁଲାଇ ଚଳାଇ କହିବାର କାରଣ କ'ଣ?

ହଁ-କଥା ତ କ'ଣ ମୁଁ କହିବି ନିଶ୍ଚୟ, ସେଥିପାଇଁ ତ ଖାସ୍ ଆସିଛି। ଢ଼େର ଲୋକଙ୍କୁ ଡାକିଛି ନିଶାପ ପାଇଁ, ହେଲେ ମୁଁ ଜାଣେ ସେମାନେ କି ନିଶାପ କରିବେ ମୁଣ୍ଡ ସୁମାରୀ କେବଳ। ଯିଏ ମଦ ଦି' ବୋତଲ ଓ କୁକୁଡା ଦିଇଟା ଦେଲା, ତାଙ୍କ ନିଶାପ ସିଆଡକୁ ଟଳିବ। ସେଥିପାଇଁ ତ ମୁଁ ସାଫ୍ ସାଫ୍ କହିଲି - ଆମ ସାଆନ୍ତ ଯଦି ନିଶାପକୁ ନଆସନ୍ତି ତେବେ ନିଶାପ ହୋଇପାରିବ ନାହିଁ।

ନିଶାପ! କ'ଣ ପାଇଁ?

ଆପଣ ଆସି ବର୍ଷେ ଉପରେ ହେଲେଣି ଗାଆଁରେ ରହିଲେଣି, ଏ ଗାଆଁର ଖବର କ'ଣ କିଛି ତମର କାନରେ ବାଜୁନି ନା ତମେ ଆପଣ ଜାଣି ଜାଣି ସବୁ ଖବରକୁ କାନ ବନ୍ଦ କରି ଦେଇଛନ୍ତି?

ଏତେ ବୁଲାଇ ବଙ୍କାଇ ନ କହି କଥାଟା ସିଧା କହିଲେ ଖୁବ୍ ଭଲ ହେବ।


ସେଇ କଥା ତ ମୁଁ କହୁଛି ଆଜ୍ଞା। ପୁରୁଷ ପୁରୁଷ ଧରି ଆମେ ଗାଆଁରେ ସାହି ଭାଇ ହୋଇ ଚଳି ଆସିଛୁ ନା ନାହିଁ? ଆପଣଙ୍କ ଘରେ ଯଦି ନିଆଁ ଲାଗିବ, ତାହା କ'ଣ ଆମ ଚାଳକୁ ଡେଇଁବନି? ଠିକ୍ ସେମିତି ଆଜ୍ଞା, ଆମେ ବି ଝିଅ ବୋହୂ ଧରି ଘର କରିଛୁ। ଆମର ସେ ଭାଇ ଘରେ ମାନେ ମହିଆ ଘରେ ଦିନ ସେ ଭାଡୁଆ ନାରଣ ବସି ରାସଲୀଳା ଲଗାଇଛି। ତା' ଘଇତା ତ ଆଠକାଳୀ ବାରମାସ କଲିକତାରେ ରହୁଥିଲା, ସେବେଠାରୁ ଧରମ ଭାଇ ହୋଇ ଲୀଳା ଲଗାଉ ଥିଲା, ଏବେ ତ ସେ ମରିଗଲା ପରେ ଖୋଦ୍ ଘରବାଲା ହୋଇଯାଇଛି। ତା' ଘରେ ଯାହା କଲା ଆମର ଗରଜ ପୋଡି ମରୁନି ସେଥିରେ ମୁଣ୍ଡ ଖେଳାଇବା ପାଇଁ, ହେଲେ ଝିଅ ବୋହୂ ଧରି ଘର କରିଛୁ ଯେତେବେଳେ ତା'ର ପ୍ରଭାବ ତ ପଡିବ ନା ଆମ ଘର ଉପରେ। ଘରଟା ଯଦି ବେଶ୍ୟାପଡା ହୋଇଯାଏ, ସେଠି ପଡୋଶୀ ହୋଇ ରହିହବକି? ହେଲେ ତାକୁ କହିବ କିଏ? ତାଙ୍କର ତ ବାହୁ ବଳକୁ ଅର୍ଥବଳ। ହେଲେ ଶେଷକୁ ଜୀବନରୁ ପାଣି ଛଡାଇ ଭାବିଲି ଏକଥା ଗାଆଁର ଭଦ୍ରଲୋକଙ୍କ କାନରେ ପକାଇବି। କିଛି ଯଦି ପ୍ରତିକାର ହେଲା ତ ଭଲ କଥା ନଚେତ୍ ଦିନ ଦିନ ଏ ଅତ୍ୟାଚାରକୁ ଦେଖି ଦେଖି ମରିବା ଅପେକ୍ଷା ସତକଥା ଖୋଲି ଯାହା ବିପଦ ଆସିବ ତାକୁ ସାମ୍ନା କରିବା ଭଲ।

(କ୍ରମଶଃ)

## ମେଘ



ଗଜାନନ ମିଶ୍ର



ଗାଏମୋଟ ଯାଇଛି ଛିଣ୍ଡି ମେଘଙ୍କ ଡେଣା!
କଟି ଯାଇଛି ତଳ ଉପର ହେଉ ହେଉ ସବୁ ସୂତ୍ର
ମାଟି ଆଉ ଆକାଶର!

ଯେତେ ଯାହା ଗଛଙ୍କ ଡାଳପତ୍ର
ଆଉ ଫୁଲଫଳ ସବୁ ଆତଙ୍କିତ।
ଚାଲୁ ନି ଡଙ୍ଗା ପାଣିରେ କି ଉଡୁ ନି
ପବନରେ ଜରିପୋଷାକ।

ବର୍ଷ ପରେ ବର୍ଷ ଝରକା କବାଟ ମେଲା
ଆଉ ଚାଲିଛି ମଂଜିବୁଣା।
ମେଲା ଅଗଣା, ଯାହାକୁ ଯିଏ
ପାରୁଛି ଯୋଉଠି କରିଚାଲିଛି ବଣା।

ଯାହା ବି ଥାଉ, କରିବାର ନାଇଁ ଦୁଃଖ,
ଯଦିଓ ବ୍ୟପର୍ଯ୍ୟସ୍ତ ପରିବହନ ବ୍ୟବସ୍ଥା
ଥାଉ ଖାଲି ଶକ୍ତି ସ୍ମୃତି ସହିତ ଯିବାର।

*ତପୋବନ, ଟିଟିଲାଗଡ, ବଲାଙ୍ଗିର*

## ସ୍ୱପ୍ନୀଳ ନିଶିପଦ୍ମ

ଅନସୂୟା ପଣ୍ଡା



ଜୀବନର ପାହାଚ ଚଢ଼ି ଚଢ଼ି ମୃତ୍ୟୁ ପାଖରେ ପହଞ୍ଚିଲା ବେଳକୁ
ଭାରି ଇଚ୍ଛାହେଲା ଜାବୁଡି ଧରିବାକୁ ସମୟର କାନିକି
ଅନେକ ଅକୁହା ଆତ୍ମସ୍ୱରକୁ ବାହୁନିବାକୁ
ହଜେଇଥିବା ସ୍ୱପନର ଗୋଟେ ଚିଠା ଦେବାକୁ।
ମୋ କଳ୍ପନାରେ ଆଙ୍କିଥିବା ଅବଶୋଷର ନକ୍ସା ଧରେଇବାକୁ
ସମୟ ତୁ କହିବୁ ମୋ ପଛରେ ଯିବା ପାଇଁ ଛିଡା ହେଇଥିବା ମିଣଷ ମାନଙ୍କୁ
ଏଠି ରାଶିଫଳ କିଛି ନାହିଁ, ଜାତକ କି, ହାତ ରେଖା
ସବୁ ଖାଲି ଆସନ୍ତାକାଲି ପାଇଁ ମିଛ ଭରସା।
କର୍ମ ହିଁ କେବଳ, ସୁଖ ଆଉ ଦୁଃଖର ବାହିକା
କର୍ମର ଉତ୍କର୍ଷତା ହିଁ ସୁନ୍ଦର
ବର୍ତ୍ତମାନ ଓ ଭବିଷ୍ୟତର ଜନ୍ମଦାତା
ଅତୀତଟା ଶ୍ମଶାନି ତ କେତେଟା ମୁହୂର୍ତ୍ତ।
ପାହାଚ ଚଢୁ ଚଢୁ ପ୍ରତି ପାହାଚରେ ଗୋଟେ ଦରଦୀ ପଦଚିହ୍ନ ଛାଡିଯିବା
ଗୋଟେ ଭାବାର୍ଥ ବୋଧକ ଆତ୍ମୀୟତା ନିଗାଡି ଦେବା
କଥା କହିବ ସବୁରି ଭିତରେ ମାଟିରେ ଲୀନ ହେବା ପରେ
ସୁଖଦ ପ୍ରାରବ୍ଧ ତିଆରିବା ମୃତ୍ୟୁ ଆଉ ଜନ୍ମର ଚକ୍ରରେ...।



*ଇଞ୍ଜିନିୟରିଂ କଲେଜ, ବୁର୍ଲା, କଲୋନୀ, ସମ୍ବଲପୁର*
*ଦୂରଭାଷ : ୯୪୩୯୨୧୧୯୭୧*

## ଅଦୃଷ୍ଟ ସମ୍ପର୍କ

ସୁଧାଂଶୁ ଶେଖର ଦ୍ୱିବେଦୀ






ପ୍ରଫେସର ଆଶୁତୋଷ ଦତ୍ତ ବିଛଣାରୁ ଉଠିବା ମାତ୍ରେ ଛାତିରେ ଯନ୍ତ୍ରଣା ଅନୁଭବ କଲେ। ମନେ ମନେ ଶଙ୍କିତ ହୋଇ ଭାବିଲେ, ହାର୍ଟ ଡିଜିଜ ହୋଇନାହିଁତ? ମନର ଭାବନାକୁ ମନ ଭିତରେ ରଖି ଧିରେ ଧିରେ ଡ୍ରଇଂ ରୁମକୁ ଆସିଲେ। ସକାଳୁ ସକାଳୁ ପୁରା ପରିବାର ମୋବାଇଲରେ ବ୍ୟସ୍ତ ଥାଆନ୍ତି। ନିଜ ପତ୍ନୀଙ୍କୁ ଡାକି କହିଲେ, ମୋ ଛାତିରେ ଆଜି ପୂର୍ବଦିନ ଅପେକ୍ଷା ଅଧିକ ଯନ୍ତ୍ରଣା ହେଉଛି। ମୁଁ ଯାଉଛି ଡ଼କ୍ଟରଙ୍କୁ ଦେଖାକରି ଆସେ।


ହଉ ଯାଅ, ହେଲେ ସାଧାନରେ ଯିବ। ବେଶୀ ପ୍ରବ୍ଲେମ ହେଲେ ଫୋନ କରିବ। ମୋବାଇଲରେ ଆଖି ପୁରେଇ ପତ୍ନୀ ଜବାବ ଦେଲେ। ପ୍ରଫେସର ଦତ୍ତ ଏକ୍ଟିଭାର ଚାବିକାଠି ଧରି ପାର୍କିଙ୍ଗ ପ୍ଲେସରେ ପହଞ୍ଚିଗଲେ। ଏକ୍ଟିଭାର ଚାବି ଖୋଲି କିକ ମାରି ଷ୍ଟାର୍ଟ କରି ବାକୁ ଲାଗିଲେ ହେଲେ ଆଦୌ ଷ୍ଟାର୍ଟ ହେଉନଥାଏ। ପୁଣିଥରେ ପ୍ରୟାସ କେଲେ। ବହୁବାର ପ୍ରୟାସ କରିବାପରେ ବି ଅସଫଳ ହେଉଥାଆନ୍ତି। ପରିଶ୍ରମ ଓ ମାନସିକ ଚାପ ହେତୁ ତାଙ୍କ ଦେହରୁ ଗମ ଗମ ଝାଳ ବହିଯାଉଥାଏ। ଠିକ ସେତିକି ବେଳେ ତାଙ୍କ ଘରେ କାମ କରୁଥିବା ବନମାଳୀ ସାଇକେଲ ଚଳେଇ ପହଞ୍ଚିଗଲା। ସାଇକେଲରେ ଚାବି ପକାଇବାବେଳେ ଦତ୍ତ ବାବୁଙ୍କୁ ଦେଖି ପଚାରିଲା,କଣହେଲା ବାବୁ! ଗାଡି ଷ୍ଟାର୍ଟ ଧରୁନିକି? ଆରେ ହସ୍ପିଟାଲ ଯାଇଥାଆନ୍ତି ସେଇବେଳୁ ଷ୍ଟାର୍ଟ କରୁଛି ଯେ ବିଲକୁଲ ଷ୍ଟାର୍ଟ ହେଉନି। ଦତ୍ତ ବାବୁ କହିଲେ। ଆପଣଙ୍କ ଦେହ ବୋଧହୁଏ ଭଲନାହିଁ ବାବୁ। ଝାଳରେ ପୁରା ଭିଜିଗଲେଣି। ଛାଡ଼ନ୍ତୁ ମୁଁ ଷ୍ଟାର୍ଟ କରିଦେଉଛି। ବନମାଳୀ ଗୋଟେ କିକରେ ଷ୍ଟାର୍ଟ କରି ପଚାରିଲା, ଆପଣ କଣ ଏକା ଯିବେ ବାବୁ?

ହୁଁ-ଦତ୍ତ ବାବୁଙ୍କ ମୁହଁରୁ ଛୋଟିଆ ହୁଁ ଶୁଣି ପୁଣି ବନମାଳୀ କହିଲା,ନା ବାବୁ ଏଭଳି ସ୍ଥିତିରେ ଏକା କୋଉଠିକୁ ଯାଆନ୍ତି ନାହିଁ। ଆପଣ ପଛରେ ବସନ୍ତୁ ମୁଁ ଆପଣଙ୍କୁ ହସ୍ପିଟାଲ ନେଇ ଯିବି। କିଛି ସମୟ ମଧ୍ୟରେ ଦୁହେଁ ନିକଟସ୍ଥ ଏକ ହସ୍ପିଟାଲରେ ପହଞ୍ଚି ଗଲେ। ବନମାଳୀ ଦୌଡିଯାଇ ହସ୍ପିଟାଲ ଭିତରୁ ଏକ ହ୍ୱିଲ ଚେୟାର ନେଇଆସି କହିଲା, ବାବୁ ଏଇ ହ୍ୱିଲ ଚେୟାରରେ ବସିଯାଆନ୍ତୁ। ମୁଁ ଆପଣଙ୍କୁ ଡାକ୍ତରଙ୍କ ପାଖକୁ ନେଇଯିବି। ଏବେ ଚାଲି ଚାଲି ଯିବା ଆପଣଙ୍କ ପାଇଁ ଠିକ ନୁହେଁ। ତା'ପରେ ବନମାଳୀ ଦତ୍ତ ବାବୁଙ୍କୁ ହ୍ୱିଲ ଚେୟାରରେ ବସେଇ ଲିଫ୍ଟ ଯୋଗେ ଡାକ୍ତରଙ୍କ ଚେମ୍ବରକୁ ନେଇଗଲା। ହାର୍ଟ ସର୍ଜନ ଦତ୍ତ ବାବୁଙ୍କର କିଛି ଅତ୍ୟାବଶକ ଟେଷ୍ଟ କରିସାରି କହିଲେ, ଆପଣ ଠିକ ସମୟରେ ପହଞ୍ଚି ଯାଇଛନ୍ତି ସାର! ଆଉ କିଛି ସମୟ ବିଳମ୍ବ କରିଥିଲେ ହୁଏତ....। ଯଥାଶୀଘ୍ର ହାର୍ଟ ଅପରେସନ କରି ବ୍ଲକେଜକୁ ଠିକ କରିବାକୁ ହେବ। ଫର୍ମ ନିଅନ୍ତୁ ଏଥିରେ ଆପଣଙ୍କ ରିଲେଟିଭଙ୍କ ସିଗନେଚର ଆବଶ୍ୟକ। ଦତ୍ତବାବୁ ଆଉ କାଳବିଳମ୍ବ ନକରି ବନମାଳୀକୁ ପଚାରିଲେ, ଆରେ ବନମାଳୀ ତୋତେ ସିଗନେଚର କରିଆସେ? ବନମାଳୀ ସଙ୍କୁଚିତ ହୋଇ କହିଲା,ନା ବାବୁ ଏତେବଡ଼ ଦାୟିତ୍ୱ ମୋ ଉପରେ ଲଦି ଦିଅନ୍ତୁନାହିଁ। ଦତ୍ତ ବାବୁ ନିଜ ନିଷ୍ପତ୍ତିରେ ଅଟଳ ରହି କହିଲେ,ଦେଖ ବନ ମାଳୀ ତୋ ଉପରେ ମୁଁ କିଛି ଦାୟିତ୍ୱ ଲଦି ଦେଉନାହିଁ। ଘର ଲୋକମାନେ ଏଠାରେ ଆସି ପହଞ୍ଚିବାକୁ ଲେଟ ହେବ। ତାଛଡା ମୁଁ ତୋତେ କିଛି କହିବା ପୂର୍ବରୁ ତୁ ତୋ ଦାୟିତ୍ୱ ମୋପ୍ରତି ପୁରା କରିଛୁ। ପ୍ରକୃତରେ ଏସବୁ ଦାୟିତ୍ୱର ହକଦାର ମୋ ପରିବାର ଲୋକ। କିନ୍ତୁ ତୁ ତ ଦେଖୁଛୁ ସେମାନେ ଜଣେ ହେଲେ କହି ଏଠାରେ ଉପସ୍ଥିତ ନାହାନ୍ତି। ମୁଁ ନିରୁପାୟ ବନମାଳୀ। ପ୍ଲିଜ ଦସ୍ତଖତ କରିଦେ। ମୁଁ ତୋ ଦସ୍ତଖତ ତଳେ ଲେଖିଦେବି ଯଦି ମୋର କିଛି ହୋଇଯାଏ ତାହେଲେ ତାହା ମୋ ଉପରେ ନ୍ୟସ୍ତ ହେବ। ଦତ୍ତ ବାବୁଙ୍କ ଅନୁରୋଧରେ ବନମାଳୀ ଫର୍ମରେ ଦସ୍ତଖତ କଲା। ଠିକ ସେଇବେଳେ ତା ମୋବାଇଲର ଘଣ୍ଟି ବାଜିଉଠିଲା। ଫୋନ ରିସିଭ କରି କିଛି ସମୟ ଶୁଣିବାପରେ କହିଲା, ମାଡାମ! ଆପଣଙ୍କୁ ମୋ ଦରମା କାଟିବାର ଅଛି ତ କାଟି ଦିଅନ୍ତୁ। କିନ୍ତୁ ବାବୁଙ୍କର ହାର୍ଟ ଅପରେସନ ହେବା ପୂର୍ବରୁ ହସ୍ପିଟାଲରେ ପହଞ୍ଚି ଯାଆନ୍ତୁ। ମୁଁ ବାବୁଙ୍କୁ ହସ୍ପିଟାଲ ନେଇ ଆସିଛି। ଅପରେସନ ପାଇଁ ଡାକ୍ତର ବାବୁ ସବୁ ପ୍ରସ୍ତୁତି କରି ସାରିଲେଣି। ଘରୁ ଫୋନ ଆସିଥିଲା ବନମାଳୀ? ଦତ୍ତ ବାବୁ ପଚାରିଲେ। ହଁ ବାବୁ,ବନମାଳୀ ଜଣାଇଲା। ଅପରେସନ ପାଇଁ ସବୁପ୍ରକାର ପ୍ରସ୍ତୁତି ସାରିଥାଏ। ଡାକ୍ତର ଦତ୍ତ ବାବୁଙ୍କୁ ଆଇ.ସି.ୟୁ ରୁମକୁ ନେଇଗଲେ। ଦୀର୍ଘ ୩ ଘଣ୍ଟା ପରେ ଅପରେସନ ସରିଲା। ଦତ୍ତ ବାବୁ ହୋସରେ ଆସି ଦେଖିଲେ ପୁରା ପରିବାର ତାଙ୍କ ସମ୍ମୁଖରେ ନତମସ୍ତକ ହୋଇ ଛିଡା ହୋଇଛନ୍ତି। କିନ୍ତୁ ବନମାଳୀର ଦେଖାନାହିଁ। ସେ ରୁଦ୍ଧିର କଣ୍ଠରେ ପଚାରିଲେ, ଆରେ ବନମାଳୀ କାହିଁ? ସହସା ତାଙ୍କ ପତ୍ନୀ କହିଲେ,ସେ ଏଇ କିଛି ସମୟ ପୂର୍ବରୁ ଛୁଟି ନେଇ ଗାଁକୁ ପଳାଇଲା। କହୁଥିଲା ତା ବାପା କୁଆଡେ ହାର୍ଟ ଏଟାକରେ ଚାଲିଗଲେ। ପ୍ରଫେସର ଦତ୍ତ ଛଳ ଛଳ ଆଖିରେ ଭଗବାନଙ୍କୁ ଜଣାଇ କହିଲେ, ହେ ପ୍ରଭୁ! ତୁମର ଏ କି ଲୀଳା? ମୋତେ ବଞ୍ଚେଇଦେଲ ଅଥଚ ତା ବାପାକୁ ନେଇଗଲ। ଡାକ୍ତର ଆସି ପଚାରିଲେ, ସାର ବନମାଳୀ ଆପଣଙ୍କର କଣ ହୁଅନ୍ତି? ସେ ତ କାହିଁ ଏଠି ଉପସ୍ଥିତ ନାହାନ୍ତି। ଦତ୍ତ ବାବୁ କହିଲେ, ଡକ୍ଟର! କିଛି ସମ୍ପର୍କ ଏମିତି ଆପେ ଆପେ ଯୋଡିଯାଏ ଯାହାର ଗଭୀରତାକୁ ମାପିବା ଅସାଧ। କିନ୍ତୁ କିଛି ସମ୍ପର୍କ ଆପଣାର ହୋଇ ମଧ୍ୟ ପର ଭଳି ବ୍ୟବହାରରେ ଅତିଷ୍ଠ ହେବାକୁ ପଡେ। ମୁଁ ଏତିକି କହିବି ଗୋଟେ ଅଦୃଷ୍ଟ ସମ୍ପର୍କର ମୋହରେ ମୋହିତ କରି ମୋପାଇଁ ସେ ଯେଉଁ ଏତେବଡ଼ କାର୍ଯ୍ୟ କରିଗଲା ହୁଏତ ଆପଣମାନଙ୍କ ପାଇଁ ସେ ଆଉ କେହି ହୋଇପାରେ ହେଲେ ମୋପାଇଁ ଈଶ୍ୱର ବ୍ୟତୀତ ଆଉକେହି ନୁହେଁ।

*ବିସି-୭୪,ସଲଟ ଲେକ,କଲକତା-୬୪*
*ମୋ-୯୬୮୧୩୭୩୫୧୨*

## ପିଲାଙ୍କ ଦୁନିଆ





ରିୟାନ୍ସ ପଣ୍ଡା
ଷ୍ଟାଣ୍ଡାର୍ଡ - ୨
ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ
ବାଙ୍ଗାଲୋର

## କବିତାର କଥା

(ଭାଗ-୩୪)



ଉମାକାନ୍ତ ରାଉତ



## ଶକ୍ତିଶାଳୀ କବିତାର ଚାବିକାଠି

ସବୁ ସମ୍ଭବ ନହେଲେ ବି କଳା/କାବ୍ୟ କବିତାରେ ସଙ୍କେତ ଅବା ପ୍ରତୀକର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ କିଛି କଥା କୁହାଗଲାଣି। ଜାପାନୀ ନକ୍ସାକାର ଶିଗେତକା କୁର୍ତ୍ତିଆ (Shigetaka Kurtia)ଙ୍କ ଦ୍ୱାରା ୧୯୯୯ରେ ଇମୋଜୀର ଉଦ୍ଭାବନ ଓ ଆଜିର ଦୁନିଆରେ ତାର ବହୁଳ ବ୍ୟବହାରକୁ ଅନୁଶୀଳନ କଲେ ପ୍ରତୀକ ବା ଚିହ୍ନ ସମ୍ପର୍କରେ ଅଉ ବେଶିକଥା ବୁଝେଇବାକୁ ପଡିବ ନାହିଁ।

ନିଜର ଅନୁଭବ, ଭାବପ୍ରବଣତା, ହସ, ଖୁସି, କାନ୍ଦ, ଉତ୍ସବ ମୁଖରତା, ରୋମାଣ୍ଟିକ୍ ହାବଭାବ, ଗ୍ରହଣୀୟତା, ମନୋଦଶା (ମିଜାଜ୍) ଆଦିକୁ ଚିହ୍ନରେ ସଂକ୍ଷେପିତ କରିବା ଦ୍ୱାରା ବରଂ ଏତେ ଅଧିକ ଭାବର ସଂଚରଣ କରାଯାଇପାରୁଛି, ଯାହା ଅକ୍ଷରରେ ଲେଖିବା ଦ୍ୱାରା ହୁଏତ ସମ୍ଭବ ହୋଇପାରିନଥାନ୍ତା। କବିତାରେ ପ୍ରତୀକର ବ୍ୟବହାର ମଧ୍ୟ ଅନୁରୂପଭାବେ ବରଂ ତା'ଠାରୁ ଯଥେଷ୍ଟ ଅଧିକ ମାତ୍ରାରେ ଭାବସଂଚରକ ଯାହା କବିତାକୁ ଯେତେ ଖୋଲା ମେଲାକରି ଅଜସ୍ର ପୃଷ୍ଠାରେ ଲେଖିଲେ ବି ହୁଏତ ସମ୍ଭବପର ହୋଇପାରୁନଥା'ନ୍ତା। ବରଂ ସ୍ଥଳବିଶେଷରେ ତାହା କବିତା ପ୍ରତି ବୈମାତୃକ ଭାବ ସୃଷ୍ଟି କରିବାର ଦୁର୍ଯୋଗ ସୃଷ୍ଟି କରିଥାନ୍ତା।

ଗୋଟେ ହସୁଥିବା ଇମୋଜୀ କିମ୍ବା ଲୁହ ଗଡାଉଥିବା ଇମୋଜୀକୁ ଉଦାହରଣ ଭାବେ ନିଆଯାଉ। ଏହା ସଂଚରିତ କରିବାକୁ ଚାହୁଁଥିବା ଭାବକୁ ପ୍ରାପକ ତା'ର ଦୃଷ୍ଟିଭଙ୍ଗୀ ଅନୁସାରେ ବ୍ୟାପକଭାବରେ ଅନୁଭବ କରିପାରୁଥାଏ, ଯାହା ହୁଏତ କଥାରେ କହିଲେ ଅବିକଳ ସମାନ ହୋଇ ନପାରେ। 'I LOVE YOU' ନକହି କେବଳ ପ୍ରେମର ସଙ୍କେତଟିଏ ଦେବାଦ୍ୱାରା ଯଦି ବେଶି ପ୍ରବଣତା ସୃଷ୍ଟି ହୋଇପାରୁଛି, ତେବେ ଆବଶ୍ୟକତା ଅନୁସାରେ ପ୍ରତୀକର ବ୍ୟବହାର ହିଁ ସର୍ବୋତ୍ତମ। ଗୁରୁପ୍ରସାଦଙ୍କର

"ଶରତ ଋତୁର ଜହ୍ନ ଯାଏ ଆଜି ଆସ୍ତେ ଯାଏ
ଡେଇଁ ଡେଇଁ ଛୋଟ ଛୋଟ ବଉଦର ଶିଡି
ତୁମେ ମୁଁ ଆମେ ଦୁହେଁ
ଆକାଶ ଓ ମ୍ଳାନ ନଈବାଲି
ଭଞ୍ଜ ଆଉ ମାନସିଂହ ରାଧାନାଥ ପଢ଼ି
ନିଶ୍ଚିହ୍ନ ମିଳାଇଇଯିବା
ସ୍ୱାମୀ ଆଉ ଜନରବ ଛାଡ଼ି"

କବି ସଚ୍ଚି ରାଉତରାୟଙ୍କ ଧାଡିଗୁଡିକୁ ଲକ୍ଷ୍ୟ କରାଯାଉ ....

"ଆକାଶରେ ଫିକା ଜହ୍ନ ସାବୁନ୍‌ର ଫେଣ / ପଡିଅଛି କବିତାରେ ଏତେବେଳେ କାନ୍ଦେ ଚକ୍ରବାକ / ହଠାତ୍ ଯେ ଦେଖାହେଲା ବହୁଦିନେ ପ୍ରତିମା ନାୟକ"

ସେମିତି --

"ବସନ୍ତ ଆସେ ଯେ ଠେଲି ଧକ୍କା ଖାଇ କୁକୁଡ଼ାର ଦେହେ/ ଭାଙ୍ଗି ବହୁ ମହୁର ସୋରାଇ /ମାଟିରେ ଗଡ଼ାଇ ଅବା, ଫୁଲବଣ ସଂଜେ / ବସନ୍ତ ଆସେ ଯେ ଠେଲି ମଳା ଚେର ଗଂଜେ / ଶୁଖିଲା ହାଡ଼ର ରନ୍ଧ୍ରେ ବଜାଇ ସାନାଇ।

ଏଥିରୁ ବୁଝାପଡେ ଯେ ପ୍ରତୀକମାନଙ୍କର ଉପଯୁକ୍ତ ପ୍ରୟୋଗ ହିଁ କବିତାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାର ନିର୍ଣ୍ଣାୟକ ସାଜେ।

ଉକ୍ତ ଯୌନତୃଷ୍ଣାଯୁକ୍ତ ବିକଳାଙ୍ଗ ମାନସିକତାର ବ୍ୟକ୍ତିଟିଏର ବେଶ୍ୟା, ବେଶ୍ୟାଳୟ ତଥା ବେଶ୍ୟାଳୟ ସମ୍ପର୍କିତ ବିକୃତ ଯୌନାବେଗକୁ କବିଟିଏ ପୁଙ୍ଖାନୁପୁଙ୍ଖଭାବେ ଖୁଲମଖୁଲା ନକରି କେବଳ ଲକ୍ଷେହୀରାର ପ୍ରତୀକଟିଏ ଥୋଇଦେଲେ ତାହା ସବୁ ଆଲୋଚନାକୁ ବଳେଇଯାଏ ଯଏଇ ଯେମିତି-

"ସମଗ୍ର ସତ୍ତାରେ ଗୁଡ଼େଇ ଯାଉଥିଲା
ଲକ୍ଷେ ହୀରାର ସର୍ପ"

ନିଜକୁ ଆଧୁନିକ ଓ ବଡ଼ କବି ବୋଲାଉଥିବା ଜଣେ ବନ୍ଧୁ ଥରେ ଗୋଟିଏ ଭରପୁର ମଞ୍ଚରେ କବିତାଟିଏ ଆବୃତ୍ତି କରି ଖୁବ୍ ଆତ୍ମତୃପ୍ତି ଲାଭ କଲେ ଯସେଥିରୁ ମୋର ମନେଥିବା ପଂକ୍ତି ମୁଁ ଏଠାରେ ଉଦ୍ଧାର କରୁଛି।

"ମୋ ପ୍ରେମିକା କାଖତଳେ ଘାସ ଝଲମଲ,
ମୋ ପ୍ରେମିକା ଜିନିଷରେ ନଉକା ବିହାର"

କଥାଛଳରେ ମୁଁ ବନ୍ଧୁଙ୍କୁ ପଚାରିଲାରୁ ସିଏ ତାଙ୍କ ଅନୁଯାୟୀ ସେଇଟି ପ୍ରଣୟ କବିତା ଏବଂ ଉକ୍ତ ପ୍ରଣୟ କବିତାଟିକୁ ଅଶ୍ଳୀଳ/ ବିକୃତ ନକରି କେବଳ ଶୃଙ୍ଗାର ରସ କରିଦେବାକୁ ଖୋଲାଖୋଲିଭାବେ ନକହି ଘାସ, ଜିନିଷ, ନଉକା ଆଦି ପ୍ରତୀକର ବ୍ୟବହାର କରିଛନ୍ତି ବୋଲି ଟାଣ ସଫେଇଟେ ଦେଲେ।

ସେ ଖରାପ ଭାବିବେ ବୋଲି ହସକୁ ଚାପି ରଖି ସେଠାରୁ ଯଥାଶୀଘ୍ର ନିଃଷ୍କ୍ରାନ୍ତ ହେବାଛଡା ମୋ ଆଗରେ ବିକଳ୍ପ କିଛି ନଥିଲା।

କେତେକ କେଞ୍ଚୁଡି କବି ନିଜର କଞ୍ଚା ଦେହର ଜିଆଡିଅ। ଅଭିସାରକୁ ଚରିତାର୍ଥ କରିବାପାଇଁ ଏବଂ ସାରସ୍ୱତ ସୋ'(SHOW)ମାନଙ୍କରେ ରାକ୍ଷୀ ସାଓ୍ୱନ୍ତ ଓ ମଲ୍ଲିକ ସେରାଓ୍ୱତ ସାଜିବା ପାଇଁ ବାଦ (ଇଜିମ୍) ଓ ପ୍ରତୀକ ନାମରେ ଏଭଳି କୁତ୍ସିତକିୟ କାର୍ନାମା କରୁଥିବାର ଦେଖି ଅବିକଳ ଅନୁଭବ ହୁଏ।

ପ୍ରତୀକବାଦ (SYMBOLISM)ର ପ୍ରକୃଷ୍ଟ ନମୁନାଭାବେ କେତେକ ପ୍ରମୁଖ ବିଦେଶୀ ଲେଖକଙ୍କର ପ୍ରତୀକ ବ୍ୟବହାର ସମ୍ପର୍କିତ କଥା ଓ ଧାରଣାକୁ ପରବର୍ତ୍ତୀ ଭାଗରେ ଉପସ୍ଥାପନ କରିବାକୁ ସାଧ୍ୟମତେ ପ୍ରୟାସ କରିବି।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*




# ସ୍ୱପ୍ନ ଓ ସମ୍ଭାବନା ଛାତ୍ର ଜୀବନର ପରିଚୟ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ସ୍ୱପ୍ନ ଓ ସମ୍ଭାବନା ହେଉଛି ଛାତ୍ର ଜୀବନର ପରିଚୟ। ତୁମେମାନେ ବଡ ବଡ ସ୍ୱପ୍ନ ଦେଖ। ତୁମ ଭିତରେ ଥିବା ବିପୁଳ ପ୍ରତିଭାକୁ ଉପଯୋଗ କରି ସ୍ୱପ୍ନକୁ ସାକାର କର। ତୁମର ସଫଳତା ଆମ ସମାଜର ଗୌରବ। ବିଦ୍ୟାଳୟର ଗୌରବ। ପରିବାରର ଗୌରବ। ତେଣୁ ତୁମ ଜୀବନର ଲକ୍ଷ୍ୟ ପୂରଣ ହେବା ପର୍ଯ୍ୟନ୍ତ ପରିଶ୍ରମ ଜାରି ରଖ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରେ ତୃତୀୟ ପର୍ଯ୍ୟାୟରେ ଆଉ ୧୦ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିବା ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୧ ତାରିଖରେ ରାଜ୍ୟ ସରକାରଙ୍କ ଉଚ୍ଚାକାଂକ୍ଷୀ ସ୍କୁଲ ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୫-ଟି ଉପକ୍ରମରେ ହିଞ୍ଜିଳିର ୫୦ଟି ସ୍କୁଲର ରୂପାନ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ୫ଟି ପର୍ଯ୍ୟାୟରେ ୫୦ଟି ସ୍କୁଲର ଲୋକାର୍ପଣ କରାଯିବ। ଆଜି ସୁଦ୍ଧା ୩୦ଟି ସ୍କୁଲ ଲୋକାର୍ପିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଏ ରୂପାନ୍ତର ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ସାକାର କରିବାରେ ପ୍ରୋତ୍ସାହିତ କରିବ। ପିଲାମାନଙ୍କ ଖୁସି ଓ ଉତ୍ସାହରେ ସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ସ୍କୁଲ ଗୁଡିକର ଏହି ନୂଆ ସୁଯୋଗ ଓ ନୂଆ ପରିବେଶ ପିଲାମାନଙ୍କୁ ସ୍କୁଲକୁ ଆସିବା ପାଇଁ ଓ ପାଠ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି କରିପାରିଛି। ପିଲାମାନଙ୍କର ଏହି ଆଗ୍ରହ ହିଁ ସେମାନଙ୍କ ସଫଳତା ପାଇଁ ନୂଆ ରାସ୍ତା ଖୋଲିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଲୋକାର୍ପିତ ହୋଇଥିବା ବିଦ୍ୟାଳୟ ଗୁଡିକ ହେଉଛି ଗଣେଷ ବିଦ୍ୟାପୀଠ, ଗଣ୍ଡୋଳ ପଞ୍ଚାୟତ, କୃଷ୍ଣଛାଇ ହାଇସ୍କୁଲ, କୃଷ୍ଣଛାଇ ପଞ୍ଚାୟତ, ଅଳପୁର ହାଇସ୍କୁଲ, ରଲବା ପଞ୍ଚାୟତ, ପଞ୍ଚାୟତ ହାଇସ୍କୁଲ, ଅଲାରିଗଡା ପଞ୍ଚାୟତ, ସରକାରୀ ହାଇସ୍କୁଲ, କଞ୍ଚୁରେ ପଞ୍ଚାୟତ, ଧବଳପୁର ହାଇସ୍କୁଲ, ଧବଳପୁର ପଞ୍ଚାୟତ, ସମଲାଇ ବିଦ୍ୟାପୀଠ, ପୋଡିଙ୍ଗି, ବୁରୁପଡା ପଞ୍ଚାୟତ, ଗୋବିନ୍ଦପୁର ହାଇସ୍କୁଲ, ଗୋବିନ୍ଦପୁର ପଞ୍ଚାୟତ, କୁରୁଲା ସରକାରୀ ହାଇସ୍କୁଲ, କୁରୁଲା ପଞ୍ଚାୟତ ଓ ସାରୁ ହାଇସ୍କୁଲ, ସାରୁ ପଞ୍ଚାୟତ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଛାତ୍ର ଜୀବନ ହେଉଛି ସବୁଠାରୁ ମୂଲ୍ୟବାନ ସମୟ। ତେଣୁ ଏହି ସମୟର ସଦୁପଯୋଗ କରି, ନିଜ ପ୍ରତିଭାର ବିକାଶ ପାଇଁ ପିଲାମାନେ ଉଦ୍ୟମ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ୫-ଟି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରି ଏହାର ପ୍ରତ୍ୟେକ ନୀତିର ପ୍ରୟୋଗରେ କିପରି ବିଦ୍ୟାଳୟ ରୂପାନ୍ତରଣ କରାଯାଇଛି, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୁଝାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ହିଞ୍ଜିଳିରେ ଆରମ୍ଭ ହୋଇଥିବା ଏହି ରୂପାନ୍ତରଣ କାର୍ଯ୍ୟ ସାରା ରାଜ୍ୟରେ ପ୍ରତିଫଳିତ ହେବ। ଓଡ଼ିଶାର ସବୁ ସ୍କୁଲରେ ଆସିବ ରୂପାନ୍ତରଣ। ଅତିଥି ଭାବରେ ଯୋଗ ଦେଇଥିବା ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ ଓ ବିଧାୟକ ମାନଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ହିଞ୍ଜିଳିର ସ୍କୁଲ ମାନଙ୍କର ଏ ରୂପାନ୍ତରଣ ସମସ୍ତଙ୍କ ପାଇଁ ଏକ ଶିକ୍ଷଣୀୟ ଉଦାହରଣ। ଜନପ୍ରତିନିଧି ଭାବରେ ସେମାନେ ସମାଜର ସବୁ କ୍ଷେତ୍ରରେ ଏପରି ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପରିଶେଷରେ ଜନସାଧାରଣ ରୂପାନ୍ତରଣ ହୋଇଥିବା ସ୍କୁଲ ଗୁଡିକର ଯତ୍ନ ନିଜ ସମ୍ପତ୍ତି ପରି ନେବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ ଯେ, ଗୋଟିଏ ନିର୍ବାଚନ ମଣ୍ଡଳୀର ସମସ୍ତ ସରକାରୀ ବିଦ୍ୟାଳୟର ରୂପାନ୍ତରୀକରଣରେ ହିଞ୍ଜିଳି ସାରା ଦେଶରେ ପ୍ରଥମ। ୫ଟି ସଚିବ ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିକିତା, ସ୍ମୃତି ରାଣୀ, ଶିବାନୀ, ଅଞ୍ଜଳି, ଶାଶ୍ୱତୀ ସମୀରଣ, ପୂର୍ଣ୍ଣଚନ୍ଦ୍ର ପ୍ରମୁଖ ଚାଛତାତ୍ରୀ ରୂପାନ୍ତର କିପରି ପାଠ ପ୍ରତି ସେମାନଙ୍କ ଆଗ୍ରହ ଦ୍ୱିଗୁଣିତ କରିଛି ତାହା ବର୍ଣ୍ଣନା କରିଥିଲେ। ଏହି ଅବସରରେ ୧୦ଟି ଯାକ ସ୍କୁଲରେ ଆୟୋଜିତ ହୋଇଥିଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଯୋଗ ଦେଇଥିଲେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅରୁଣ ସାହୁ, ତୁଷାର କାନ୍ତି ବେହେରା, ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ଏମ୍‌ପି ପ୍ରମିଳା ବିଶୋଇ, ବିଧାୟକଗଣ, ସରପଞ୍ଚ, ପଞ୍ଚାୟତ ସଦସ୍ୟ, ସ୍କୁଲର ପୁରାତନ ଛାତ୍ରଛାତ୍ରୀ, ବର୍ତ୍ତମାନର ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ। ଗଞ୍ଜାମ ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ।

# ପୁରୀ ସିଂହଦ୍ୱାର ଭଳି ହେବ ଲିଙ୍ଗରାଜ ମନ୍ଦିର ମୁଖ୍ୟଦ୍ୱାର

**ଭୁବନେଶ୍ୱର :** ଲିଙ୍ଗରାଜ ମନ୍ଦିର ମୁଖ୍ୟଦ୍ୱାରର ହେବ ନବକଳେବର। ଶ୍ରୀମନ୍ଦିରର ସିଂହଦ୍ୱାର ଢାଞ୍ଚାରେ ଏହାର ପୁନଃ ନିର୍ମାଣ କରାଯିବ। ଫନି ପରଠାରୁ ଲିଙ୍ଗରାଜ ମନ୍ଦିର କବାଟ ଭଙ୍ଗା ଅବସ୍ଥାରେ ପଡ଼ିଥିବା ବେଳେ ଏବେ ଏଏସଆଇ ପକ୍ଷରୁ ଏଥିପାଇଁ ତତ୍ପରତା ପ୍ରକାଶ ପାଇଛି। ବିଏମସି କମିଶନର, ଏଏସଆଇ ସୁପରିଟେଣ୍ଡେଣ୍ଟ ଆଜି ସକାଳେ ଲିଙ୍ଗରାଜ ମନ୍ଦିରରେ ପହଞ୍ଚି ବିଭିନ୍ନ ସ୍ଥାନର ଯାଞ୍ଚ କରିଥିଲେ। ଏହି ସମୟରେ ମନ୍ଦିରର ସେବାୟତ ନିଯୋଗ ସଦସ୍ୟ ଉପସ୍ଥିତ ଥିଲେ। ଲିଙ୍ଗରାଜ ମନ୍ଦିରର ମୁଖ୍ୟ ଦ୍ୱାରର କାମ ଆରମ୍ଭ ହୋଇଥିବା ବେଳେ ଦେଢ ବର୍ଷ ଭିତରେ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଫନି ପରଠାରୁ ଲିଙ୍ଗରାଜ ମନ୍ଦିର ମୁଖ୍ୟଦ୍ୱାର ଭାଙ୍ଗିଯାଇଥିବା ବେଳେ ଏହାକୁ ମରାମତି ପାଇଁ ସେବାୟତମାନେ ଦାବି କରିଆସୁଥିଲେ। କରୋନା କୋପ ଯୋଗୁ ମନ୍ଦିର ବନ୍ଦ ଥିବା ବେଳେ କାମ ଆରମ୍ଭ ହେଉ ନ ଥିଲା। ଏବେ ମନ୍ଦିର ଖୋଲାଯିବା ପରେ ତତ୍ପରତା ପ୍ରକାଶ କରିଛି ଏଏସଆଇ। ଏବେ ପ୍ରଭୁଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ହେଉଛି। ଏପରି ସମୟରେ କିପରି ମରାମତି କାମ ସୁରୁଖୁରରେ ଚାଲିବ ତାକୁ ନେଇ ପ୍ରଶ୍ନବାଚୀ ଆରମ୍ଭ ହୋଇଛି। ଏନେଇ ବିଏମ୍‌ସି କମିଶନର ସଞ୍ଜୟ ସିଂ କହିଛନ୍ତି, ଆଜି ଏଏସଆଇ ସୁପରିଣ୍ଟେଣ୍ଡେଣ୍ଟ ଓ ସେବାୟତଙ୍କ ସହ ମିଶି ମନ୍ଦିର ଭିତରେ କ'ଣ ସମସ୍ୟା ଅଛି ବୁଲି ଦେଖିଲୁ। କିପରି ଏହାର ମରାମତି କରାଯାଇପାରିବ ସେ ନେଇ ମଧ୍ୟ ଆଲୋଚନା କରାଯାଇଛି। ମନ୍ଦିରେ ବର୍ତ୍ତମାନ କାଠ କବାଟ କାମ ଚାଲିଛି। ପ୍ରଭୁଙ୍କ କୃପା ହେଲେ ସମସ୍ତଙ୍କ ସହଯୋଗରେ ପରେ ରୂପା କବାଟ ଲାଗିବ। ଏହାବାଦ ଶବିଶକ୍ତି ମନ୍ଦିର ଚାରିପଟେ ବାଡ଼ା ଦିଆଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରୋଗୀଙ୍କୁ ଟଙ୍କାଟିଏ ...

କରୋନାର ଦ୍ୱିତୀୟ ଲହରୀରେ ଫୁସ୍‌ଫୁସ୍ ରୋଗରେ ଗୁରୁତର ଆକ୍ରାନ୍ତ ହୋଇଥିବା ରୋଗୀମାନଙ୍କ ପାଇଁ ଏକ୍‌ମୋ ମେସିନ ଏକ ଜୀବନ ରକ୍ଷକାରୀ ବ୍ୟବସ୍ଥା। ଓଡ଼ିଶାରେ ଏହି ସୁବିଧା ବିଶେଷ ନଥିବାରୁ ଗୁରୁତର ରୋଗୀମାନଙ୍କୁ ଅନ୍ୟ ରାଜ୍ୟକୁ ଯିବାକୁ ପଡୁଥିଲା। ବର୍ତ୍ତମାନ ଏହି ସୁବିଧା କଟକରେ ସରକାରୀ ଭାବରେ ଉପଲବ୍ଧ ହେବାରୁ ଅନେକ ରୋଗୀ ଉପକୃତ ହୋଇପାରିବେ। ଦ୍ୱିତୀୟ ଲହରର ସ୍ମୃତିକୁ କଷ୍ଟଦାୟକ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କରୋନାର ଦ୍ୱିତୀୟ ଲହର ସାରା ଦେଶରେ ସାଂଘାତିକ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଆଗୁଆ ଯୋଜନା ଓ ଉପଯୁକ୍ତ ପରିଚାଳନା ଯୋଗୁ ଓଡ଼ିଶାରେ ଆମେ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିପାରିଛୁ। ବିଶେଷଜ୍ଞମାନେ ତୃତୀୟ ଲହରୀର ସମ୍ଭାବନା ଏବଂ ଏଥିରେ ପିଲାମାନେ ଅଧିକ ସଂକ୍ରମିତ ହେବାର ଆଶଙ୍କା ପ୍ରକାଶ କରୁଥିବାରୁ, ରାଜ୍ୟ ସରକାର ଜିଲ୍ଲାସ୍ତରରେ କୋଭିଡ୍ ହସ୍ପିଟାଲ ଗୁଡିକରେ ଶିଶୁ ଚିକିତ୍ସା ଉପରେ ଗୁରୁତ୍ୱ ଦେଇ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ଆମ ପିଲାମାନେ ଯେପରି କରୋନା ସଂକ୍ରମଣରୁ ସୁରକ୍ଷିତ ରହିବେ, ସେଥିପାଇଁ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲକ୍‌ଡାଉନର ନିୟମ ଗୁଡିକୁ କୋହଳ କରାଯାଇଥିଲେ ମଧ୍ୟ ସଂକ୍ରମଣର ଆଶଙ୍କା ରହିଛି। ତେଣୁ ଜନସାଧାରଣ ମାସ୍କ ପିନ୍ଧିବା ସହିତ, ହାତ ଧୋଇବା, ଭିଡରୁ ଦୂରରେ ରହିବା ଆଦି ସମସ୍ତ କୋଭିଡ୍ ନିୟମାବଳୀକୁ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ ଯେ, ଘରୋଇ ଡାକ୍ତରଖାନାରେ ଏକ୍‌ମୋ ଚିକିତ୍ସା ପାଇଁ ସର୍ବନିମ୍ନ ଦଶ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ସ୍ଥଳ ବିଶେଷରେ ଏହା ଆହୁରି ବୃଦ୍ଧି ପାଇଥାଏ। ତେଣୁ ସରକାରୀ ସ୍ତରରେ ଏହି ଉନ୍ନତି ଚିକିତ୍ସା ସୁବିଧା ଗରିବ ତଥା ମଧ୍ୟବିତ୍ତ ଲୋକଙ୍କ ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଏ। କଟକରୁ ଫେରିବା ବାଟରେ ମୁଖ୍ୟମନ୍ତ୍ରୀ ତାଳଦଣ୍ଡା କେନାଲ ଓ ଏହାର ଦୁଇପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା ବୁଲି ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ.ପାଣ୍ଡିଆନ ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକଗଣ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଆତଙ୍କବାଦୀଙ୍କୁ ...

ରହିଥିଲା ବେଳେ ଶତାଧିକ ଆଫଗାନିସ୍ତାନ ନାଗରିକ ଅଛନ୍ତି। ଅନେକ ଆହତ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଆଶଙ୍କା ରହିଛି। ଆକ୍ରମଣକୁ ନେଇ କାବୁଲରେ ସ୍ଥିତି ଜଟିଳ ରହିଛି। ତାଲିବାନ୍ କବ୍‌ଜା କରିବା ପରେ ଏବେ ଅଶାନ୍ତ ହୋଇପଡିଛି ଆଫଗାନିସ୍ତାନ। ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଛି ଆଇଏସଆଇଏସ- କେ। ଏପଟେ ବିସ୍ଫୋରଣ ପରେ ଏହାକୁ ନେଇ ସାରା ବିଶ୍ୱ ଚିନ୍ତା ପ୍ରକଟ କରିଥିଲା ବେଳେ ଆମେରିକା ଆଇଏସ୍‌ଆଇଏସ୍ ଉପରେ କଡା ପ୍ରହାର ଆରମ୍ଭ କରିଦେଇଛି। ଶନିବାର ସକାଳୁ ଆମେରିକା ପକ୍ଷରୁ କାବୁଲ ବିସ୍ଫୋରଣରେ ସାମିଲ ଥିବା ଆଇଆଇଏସ୍ ଆତଙ୍କୀ ସଂଗଠନର ଆଡ୍ଡା ଉପରେ ଡ୍ରୋନ୍ ଷ୍ଟ୍ରାଇକ କରିଛି।

ସୂଚନାଥାଉ କି, ସାଢେ ୩ ଲକ୍ଷର ସୈନ୍ୟ କ୍ଷମତା ଥିବା ଆଫଗାନିସ୍ତାନକୁ ଆତ୍ମସମର୍ପଣ କରିବାକୁ ବାଧ କରିଥିବା ତାଲିବାନ ଏବେ ଆହୁରି ଶକ୍ତିଶାଳୀ ହୋଇଯାଇଛି। ଦୀର୍ଘ ୨୦ ବର୍ଷ ଧରି ଆତଙ୍କବାଦୀ ସଙ୍ଗଠନ ତାଲିବାନ ବିରୋଧରେ ଲଢିବାକୁ ଆମେରିକା ଆଫଗାନିସ୍ତାନକୁ ଦେଇଥିବା ସମସ୍ତ ଅସ୍ତ୍ରଶସ୍ତ୍ରର ଏବେ ତାଲିବାନ ହାତରେ। ଆମେରିକାର ଜଣେ ପ୍ରଶାସନିକ ଅଧିକାରୀଙ୍କ ସୂଚନା ମୁତାବକ ଏବେ ତାଲିବାନ ପାଖରେ ଆମେରିକାର ୮୫ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର ରହିଛି। ତାଲିବାନ ପାଖରେ ୭୫ ହଜାରରୁ ଅଧିକ ଗାଡି ରହିଛି। ସେହିପରି ୨୦୦ରୁ ଅଧିକ ବିମାନ , ହେଲିକପ୍ଟର ମଧ୍ୟ ତାଲିବାନ ପାଖରେ ରହିଛି। ୬ ଲକ୍ଷରୁ ଅଧିକ ଛୋଟ ଏବଂ ହାଲୁକା ଅସ୍ତ୍ରଶସ୍ତ୍ର ରହିଛି। ସବୁଠୁ ବଡ କଥା ହେଉଛି ବିଶ୍ୱର ୮୫ ପ୍ରତିଶତ ଦେଶ ପାଖରେ ଯେତିକି ବ୍ଲାକହକ୍ ହେଲିକପ୍ଟରର ନାହିଁ ଏବେ ତାଲିବାନ ପାଖରେ ତା ଠାରୁ ଅଧିକ ବ୍ଲାକହକ୍ ହେଲିକେପ୍ଟର ଅଛି। କେବଳ ଅସ୍ତ୍ରଶସ୍ତ୍ର ନୁହେଁ ତାଲିବାନ ପାଖରେ ନାଇଟ ଭିଜନ ଗୁଗୁଲ, ବଡି ଆରମୋର, ମେଡିକାଲ ସରଞ୍ଜାମ ରହିଛି। ଏଥିସହିତ ତାଲିବାନ ପାଖରେ ବାୟୋମେଟ୍ରିକ ଡିଭାଇସ ରହିଛି ଯେଉଁଥିରେ ଫିଙ୍ଗର ପ୍ରିଂଟ, ଆଖି ସ୍କାନିଂ ଭଳି ସୁବିଧା ମଧ୍ୟ ରହିଛି। ଏହି ସବୁ ଅସ୍ତ୍ରଶସ୍ତ୍ର ଏବଂ ସରଂଜାମ ୨୦ ବର୍ଷ ମଧ୍ୟରେ ଆମେରିକା ଆଫଗାନିସ୍ତାନକୁ ତାଲିବାନ ଦମନ ପାଇଁ ପ୍ରଦାନ କରିଥିଲା। ଯାହା ଏବେ ସେହି ତାଲିବାନୀ ଆତଙ୍କୀ ସଂଗଠନ ହାତରେ ଲାଗି ଯାଇଛି। ତେବେ ଏଥିପାଇଁ ଆମେରିକା ଆଫଗାନିସ୍ଥାନକୁ ଦାୟୀ କରିଛି। ଆଫଗାନିସ୍ତାନର ଅବହେଳା କାରଣରୁ ତାଲିବାନ ଏଭଳି ଅସ୍ତ୍ରଶସ୍ତ୍ର କବଜା କରିବାରେ ସକ୍ଷମ ହୋଇପାରିଛି ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ଅପରପକ୍ଷରେ କାଶ୍ମୀର ପ୍ରସଙ୍ଗରେ ତାଲିବାନ ପ୍ରଥମ ଟିପ୍ପଣୀ ରଖିଛି। ତାଲିବାନ ମୁଖପାତ୍ର ଜବିଉଲ୍ଲା ମୁଜାହିଦ କହିଛନ୍ତି, ଭାରତ ଏବଂ ପାକିସ୍ତାନ ସେମାନଙ୍କ ଜଟିଳ ସମସ୍ୟା ସବୁ ସମାଧାନ ପାଇଁ ଏକାଠି ବସି କଥାବାର୍ତ୍ତା ହେବା ଉଚିତ। ପାକିସ୍ତାନ ଟିଭି ଚ୍ୟାନେଲ ଏଆର୍‌ୱାଇ ନ୍ୟୁଜ୍ ଚ୍ୟାନେଲରେ ସାକ୍ଷାତକାର ଦେଇ ମୁଜାହିଦ ଏହି ଟିପ୍ପଣୀ ରଖିଛନ୍ତି।

### ବାଲି ମାଫିଆଙ୍କୁ ...

ପଞ୍ଚାୟତିରାଜ ବିଭାଗ ଏଣିକି ଏସବୁ ଆଦର୍ଶ ସ୍କୁଲର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବ ଓ ବିଡିଓମାନେ ଏହାର ମରାମତି କାର୍ଯ୍ୟ କରାଇବେ। ରାଜ୍ୟର ୩୧୪ ବ୍ଲକ ମଧ୍ୟରୁ ଏବେ ପ୍ରାୟ ୧୮୫ଟି ବ୍ଲକରେ ଆଦର୍ଶ ସ୍କୁଲ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ସେହିପରି ରାଜ୍ୟରେ ନଦୀ ବାଲିର ସୁବିନିଯୋଗ ଓ ସୁପରିଚାଳନା ନିମନ୍ତେ 'ଓଡ଼ିଶା ବାଲି ନୀତି-୨୦୨୧'କୁ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ରାଜ୍ୟ କ୍ୟାବିନେଟ୍ ଆଜି ଏହି ନୀତିକୁ ମଞ୍ଜୁରୀ ଦେଇଛନ୍ତି। ବାଲି ଚାହିଦା ଯୋଗାଣ ଅଟକଳ, ବାଲି ଉତ୍ସ ଚିହ୍ନଟ, ବାଲି ଉତ୍ସର ଡିଜିପିଏସ୍ ସର୍ଭେ, ବାଲି ଖନନର ନିଲାମ ଅଧିକାର, ମାଇନିଂ ପ୍ଲାନ ଅନୁମୋଦନ, ପରିବେଶ ମଞ୍ଜୁରୀ ଓ ଅନ୍ୟାନ୍ୟ ବୈଧାନିକ ମଞ୍ଜୁରୀ ଆଦି ଏହି ବାଲି ନୀତିର ମୁଖ୍ୟ ବୈଶିଷ୍ଟ। ଏହାଦ୍ୱାରା ପରିବେଶଜନିତ ନିୟମ ଆଧାରରେ ବାଲି ଉତ୍ତୋଳନ ସୁନିଶ୍ଚିତ ହୋଇପାରିବ। ସୂଚନା ଓ ପ୍ରଯୁକ୍ତି ବିଜ୍ଞାନର ଆଧାରରେ ବାଲିଖନନ ଉତ୍ସର ଚିହ୍ନଟଠୁ ଶେଷ ବ୍ୟବହାରକାରୀ ପର୍ଯ୍ୟନ୍ତ ବାଲି ଯୋଗାଣର ବ୍ୟବସ୍ଥା ତଥା ବେଆଇନ ବାଲି ଉତ୍ତୋଳନ ରୋକାଯାଇପାରିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

### ପାର୍ବଣ ଆଣିବ ...

ସଂକ୍ରମଣ ଦିନକୁ ଦିନ କମୁଛି। କିନ୍ତୁ ଚିନ୍ତାର କାରଣ ପାଲଟିଛନ୍ତି ୧୮ ବର୍ଷରୁ କମ ବୟସ୍କ କିଶୋର ଓ ଶିଶୁ। କାରଣ ଏମାନଙ୍କ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଉପରେ ରହୁଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅଡିଟ୍ ରିପୋର୍ଟ ମୁତାବକ ଆଉ ୬୯ଜଣ କୋଭିଡରେ ମୃତ୍ୟୁବରଣ କରିଛନ୍ତି। ତେବେ ବଡ କଥା ହେଉଛି ଏଥିରେ ଦୁଇଜଣ ଶିଶୁ ମଧ୍ୟ ଅଛନ୍ତି। ଯେହେତୁ ଶିଶୁମାନେ ଟିକା ନେଇନାହାନ୍ତି, ତେଣୁ ଏମାନେ ଅଧିକ ସଂଖ୍ୟାରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଏକ୍ସପର୍ଟ ଗ୍ରୁପର ନିଷ୍ପତ୍ତି ପରେ ଶିଶୁଙ୍କ ଟିକା ନେଇ ଗାଇଡ ଲାଇନ ଆସିବ ବୋଲି କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ। ସେପଟେ ରାଜ୍ୟର ଅନ୍ୟ ଜିଲ୍ଲା ଗୁଡିକରେ ସଂକ୍ରମଣ କମିଥିଲେ ମଧ୍ୟ ଖୋର୍ଦ୍ଧା ଜିଲ୍ଲାର ସ୍ଥିତିରେ ସୁଧାର ଆସି ନାହିଁ। ଜିଲ୍ଲାରେ ଏବେ ବି ୩ ହଜାରରୁ ଅଧିକ ଆକ୍ଟିଭ୍ କେସ୍ ରହିଛି। ସେଥିମଧ୍ୟରୁ ସିଂହଭାଗ କେସ୍ ରାଜଧାନୀ ଭୁବନେଶ୍ୱରରୁ ଆସୁଛି। ତେଣୁ ସେପ୍ଟେମ୍ବର ଗାଇଡଲାଇନରେ ଭୁବନେଶ୍ୱର ପାଇଁ କିଛି କଟକଣା ରହିପାରେ। ନାଇଟ୍ କର୍ଫ୍ୟୁ ରହିବା ଆବଶ୍ୟକ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। ତେବେ ଆକ୍ଟିଭ କେସ୍, ଟିକାକରଣ ଓ ହସ୍ପିଟାଲରେ କେସ୍ ଲୋଡ୍ ଦେଖି ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି।

### ପଛୁଆ ବର୍ଗଙ୍କୁ ...

ଡେଭ୍‌ଲୋପ୍‌ମେଂଟ କୋଅପରେଟିଭ କରପୋରେସନ ତରଫରୁ ଗତ ୨୦୦୮ ମସିହାରୁ ୨୦୨୧ ମସିହା ପର୍ଯ୍ୟନ୍ତ ଜଣେ ବି ପଛୁଆ ବର୍ଗ ହିତାଧିକାରୀଙ୍କୁ ଋଣ କିମ୍ବା ଆର୍ଥିକ ସହାୟତା କାହିଁକି ପ୍ରଦାନ କରାଯାଉ ନାହିଁ ? ରାଜ୍ୟର ସଂଖ୍ୟାଧିକ ପଛୁଆ ବର୍ଗଙ୍କୁ ଶାସକ ବିଜେଡି ଦଳ ସର୍ବଦା ପ୍ରତାରଣ କରିଆସିଛି ଏବଂ ନିଜ ଦୋଷ ଲୁଚାଇବା ପାଇଁ ବିଭିନ୍ନ ସମୟରେ ବିଭ୍ରାନ୍ତ କରିବାର ଅପଚେଷ୍ଟା କରୁଛି । ଦୀର୍ଘ ୫୦ ବର୍ଷ ଧରି ଶାସନରେ ଥିବା କଂଗ୍ରେସ ଦଳ ସବୁବେଳେ ପଛୁଆ ବର୍ଗଙ୍କ ସ୍ୱାର୍ଥକୁ ଅଣଦେଖା କରିଆସିଛି । କଂଗ୍ରେସ ଦଳ ନିଜ ଶାସନ କାଳରେ ପଛୁଆ ବର୍ଗଙ୍କ ବିକାଶ ପାଇଁ 'କାକା କେଲେଲ୍‌କର୍ କମିଶନ' ଏବଂ 'ମଣ୍ଡଲ୍ କମିଶନ୍' ଦୁଇ ଦୁଇଟି କମିଶନର ରିପୋର୍ଟକୁ କାର୍ଯ୍ୟକାରୀ କରିନଥିବା କଂଗ୍ରେସ ଶାସକ ବିଜେଡିର ମୁଖପାତ୍ର ସାଜି ରାଜ୍ୟର ଅଢେଇ କୋଟି ପଛୁଆ ବର୍ଗକୁ ବିଭ୍ରାନ୍ତ କରୁଛି ବୋଲି ଶ୍ରୀ ବିଶ୍ୱାଳ ଅଭିଯୋଗ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂପାଦିକା ପିଙ୍କି ପ୍ରଧାନ, ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ଦଳବେହେରା ଏବଂ ଗଣମାଧ୍ୟମ ବିଭାଗର ସୁଜିତ୍ ଦାସ୍ ଉପସ୍ଥିତ ଥିଲେ ।

### କାର୍ଯ୍ୟକ୍ଷମ ହେବ ...

ଦିଗରେ ସହଯୋଗ କୁହାଯାଇଥିଲା। ୨୦୨୧ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଥିବାରୁ ଏଥିଲାଗି ସମସ୍ତଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଶୃଙ୍ଖଳିତ ନୀତି ପରିଚାଳନା ପାଇଁ ବୈଠକରେ ଅର୍ଥ, ନୀତି, ରତ୍ନଭଣ୍ଡାର, ଅପିଲ, ଲ୍ୟାଣ୍ଡ, ସେବକ କଲ୍ୟାଣ, ଶ୍ରୀଜଗନ୍ନାଥ ପ୍ରଚାର ପ୍ରସାର ଓ ପେନସନ୍ ଆଦି ୮ଟି ସବ୍‌କମିଟି ଗଠନ କରାଯାଇଥିଲା। ସେ କହିଲେ ଆଜିର ବୈଠକରେ ସେବାୟତଙ୍କ ବାସଗୃହ ଯୋଜନା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ପ୍ରାୟ ୪୦୦ ସେବାୟତ ପରିବାରକୁ ଜମି ଯୋଗାଇ ଦେବାଲାଗି ସ୍ଥିର ହୋଇଥିଲା। ୮ ଏକର ଜମିରେ ପ୍ରତି ପରିବାରକୁ ୬୦୦ ବର୍ଗଫୁଟ ହିସାବରେ ଜମି ଓ ବାସଗୃହ ପାଇଁ ୨ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ। ରଥଯାତ୍ରା ପରେ ରଥଚକ ଓ ଅନ୍ୟାନ୍ୟ ଅଂଶକୁ ମାଗଣାରେ ଯୋଗାଇ ଦେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏନେଇ ସବକମିଟିକୁ ଦାୟିତ୍ୱ ଦିଆଯାଇଛି। ଶ୍ରୀମନ୍ଦିର ଐତିହ୍ୟ କରିଡର କାର୍ଯ୍ୟ ଯଥାରୀତି ଭାବେ ଚାଲିଛି। ଖୁବ୍‌ଶୀଘ୍ର ନେଇ ଏନଏମର ଅନୁମୋଦନ ମିଳିବ ବୋଲି ଆଶା କରାଯାଉଛି। ମୁଖ୍ୟ ପ୍ରଶାସକ କହିଲେ ଆସନ୍ତା ପରିଚାଳନା କମିଟି ବୈଠକରେ ଅର୍ଥ ସବକମିଟିର ବଜେଟ୍ ଆଗତ ହେବ। ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଯାଞ୍ଚ ସହିତ ଓ ଆବଶ୍ୟକ ମରାମତି ୩ ବର୍ଷ ପରିଚାଳନା କମିଟିର ଅବଧି ମଧ୍ୟରେ ଶେଷ ହେବ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟ ପ୍ରଶାସକ ଡ. କ୍ରିଷନ୍ କୁମାର, ଜିଲ୍ଲାପାଳ ସମର୍ଥ ବର୍ମା ଓ ଏସପି କନୱାର ବିଶାଲ ସିଂଙ୍କ ସମେତ ପରିଚାଳନା କମିଟିର ସଦସ୍ୟ ବୃନ୍ଦ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଯୋଗ ଦେଇଥିଲେ।

# ବିଜେଡି ନେତା ମାଳମାଳ, ହେଲେ କର୍ମୀଙ୍କ ପସନ୍ଦ କଂଗ୍ରେସ ଦଳ




**ଜଗତସିଂହପୁର,(ଜ୍ୟୋତି ରଞ୍ଜନ ପଟ୍ଟନାୟକ):** ଜଗତସିଂହପୁର ଜିଲ୍ଲାର ଚାରିଗୋଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ତିର୍ତ୍ତୋଲ ସଂରକ୍ଷିତ ନିର୍ବାଚନ ମଣ୍ଡଳୀଟି ସଦାସର୍ବଦା ଚର୍ଚ୍ଚାରେ ରହିଆସୁଥିବା ବେଳେ ଏହି ନିର୍ବାଚନ ମଣ୍ଡଳୀର ତିନି ଗୋଟି ବ୍ଲକ ମଧ୍ୟରୁ ଅଡୁଆରେ ପଡି ଯାଇଛି ରଘୁନାଥପୁର ବ୍ଲକଟି। ଆଗକୁ ତ୍ରୀସ୍ତରିୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ବିଜେଡି ଦଳ ସୁପ୍ରିମୋ ଦଳର ଭାବ ମୂର୍ତ୍ତିକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବାର ବିଭିନ୍ନ ଯୋଜନା ସବୁ ପ୍ରସ୍ତୁତ କରୁଥିବା ବେଳେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ରଘୁନାଥପୁର ବ୍ଲକରେ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୁର୍ତ୍ତି ଉଦ୍‌ଘାଟନକୁ ନେଇ ବିବାଦ ଲାଗି ରହିଛି। ଏହି ବ୍ଲକରେ ବିଜେଡି ଦଳର ନେତା ମାନେ ମାଳ ମାଳ ହୋଇ ବୁଲୁଥିବା ବେଳେ କର୍ମୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଯୋଗୁ ବହୁ ପୁରାତନ କର୍ମୀ ମାନେ ଦଳଛାଡି କଂଗ୍ରେସ ଆଡେ ମୁହାଇଁଲେଣି। ଯାହାର ଏକ ନିଛକ ଦୃଶ୍ୟପଟ୍ଟ ଦେଖିବାକୁ ମିଳିଥିଲା ଜଗନ୍ନାଥପୁର ଗ୍ରାମପଞ୍ଚାୟତର ଜାଗିର ପଡିଆରେ ଥିବା ରାମଚଣ୍ଡି ମନ୍ଦିର ପରିସରରେ । ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୁର୍ତ୍ତି ଉଦ୍‌ଘାଟନକୁ ନେଇ ବିଜେଡି ମଧ୍ୟରେ ବିବାଦ ବଢିବା ପରେ ଶିକ୍ଷକ ଭାବେ ଅବସର ନେଇଥିବା ଓ ଏବେ ବ୍ଲକ କଂଗ୍ରେସ କମିଟି ସଭାପତି ଦାୟୀତ୍ୱରେ ଥିବା ପ୍ରଶାନ୍ତ କୁମାର ଦାସ (ରୁନୁ ସାର୍)ଙ୍କ ଉଦ୍ୟମ କ୍ରମେ ଏହି ମିଶ୍ରଣ ପର୍ବ ଆରମ୍ଭ ହୋଇଥିଲା। ଏଠାରେ ଉଲ୍ଲେଖ ଯୋଗ୍ୟଯେ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୁର୍ତ୍ତି ଉଦ୍‌ଘାଟନ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୁର୍ତ୍ତି ନିକଟରେ ହେଉଥିବାକୁ ନେଇ କଂଗ୍ରେସ ଦଳ ପକ୍ଷରୁ କିଛି ଦିନଧରି ଧାରଣା ଦିଆଯିବା ଘଟଣା ସାଧାରଣରେ ଖୁବ ପ୍ରଶଂସାର ପାତ୍ର ହେବା ସହିତ ବିଜେଡି ଗୋଷ୍ଠି କନ୍ଦଳରେ ବି ନିଆଁ ଲଗାଇଦେବାରେ ସକ୍ଷମ ହୋଇଥିଲା। ସେଥିପାଇଁ ଆଗକୁ ପଞ୍ଚାୟତ ନିର୍ବାଚନକୁ ଆଖିରେ ରଖି ଏହି ମିଳନ ପର୍ବ କରି ବିଜେଡିର ବହୁ ଅସନ୍ତୁଷ୍ଟ କର୍ମୀ ମାନଙ୍କୁ କଂଗ୍ରେସ ଦଳରେ ମିଶାଇ ଏକପ୍ରକାର କସରତ ଆରମ୍ଭ କଲେଣି। ଏହି ମିଶ୍ରଣ ପର୍ବରେ ତିର୍ତ୍ତୋଲ ସଂରକ୍ଷୀତ ଆସନଟିରେ ଉପ ନିର୍ବାଚନ ହେଲା ବେଳକୁ କଂଗ୍ରେସ ଦଳ ପକ୍ଷରୁ ପାର୍ଥୀ ହୋଇଥିବା ଇଂ ହିମାଂଶୁ ଭୁଷଣ ମଲ୍ଲିକଙ୍କ ଉପସ୍ଥିତ ହେବା ଘଟଣା ବେଶ ଚର୍ଚ୍ଚାର ଖୋରାକ ଯୋଗାଇଥିଲା । ସେ ତାଙ୍କଭାଷଣ ପ୍ରସଙ୍ଗରେ କହିଥିଲେଯେ ଆଗାମୀ ପଞ୍ଚାୟତ ନିର୍ବାଚନ ବେଳକୁ ମୁଁ ଆପଣଙ୍କ ସହିତ ରହିବି ଓ ରଘୁନାଥପୁର ଅଞ୍ଚଳରୁ ବହୁ ଗରିବ ଲୋକ ଭଙ୍ଗା ଚାଳ ଘରେ ରହୁଛନ୍ତି, ଶୌଚାଳୟ ଖଣ୍ଡେ ଦିଆଯାଉ ନାହିଁ, ଏପରିକି ଜବ୍ କାର୍ଡ ଧାରି ମାନଙ୍କୁ କାମ ଟିଏ ଦିଆଯାଉ ନାହିଁ। ଏପ୍ରସଙ୍ଗକୁ ନେଇ ପଞ୍ଚାୟତ ନିର୍ବାଚନ ପୁର୍ବରୁ ମୁଁ ଯୁଦ୍ଧକରିବି ଆପଣମାନେ ମୋତେ ଏଥିରେ ସାହାଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ । ବିଭିନ୍ନ ନିର୍ବାଚନ ପୂର୍ବରୁ ବିଜେଡି କାଳିଆ ଯୋଜନା, ପିଠା କାର୍ଯ୍ୟକ୍ରମ ଓ ସ୍ୱୟଂସହାୟକ ଗୋଷ୍ଠି କରି ମହିଳା ମାନଙ୍କୁ ଆଗକୁ ଆଣି ଜନସାଧାରଣଙ୍କ ମନରେ ଯେଉଁ ଭ୍ରମ ସୃଷ୍ଟି କରୁଛନ୍ତି ତାର କଡା ଜବାବ ଦିଆଯିବା ସହିତ ଆଜିର ଏହି ମିଳନ ପର୍ବରେ ବ୍ଲକ ସଭାପତି ଶ୍ରୀ ଦାସଙ୍କର ଭୂୟସୀ ପ୍ରସଂଶା କରିଥିଲେ । ସେଠରେ ଉପସ୍ଥିତ ଥିବା ସମସ୍ତ କର୍ମୀ, ନେତା ଓ ବିଜେଡି ଦଳର ନବାଗତ କର୍ମୀ ମାନେ ଏକଜୁଟ ହୋଇ ପଞ୍ଚାୟତ ନିର୍ବାଚନ କୁ ସାମନା କରିବାକୁ ପ୍ରସ୍ତୁତ ହେବା ପାଇଁ ଜିଲ୍ଲା କଂଗ୍ରେସ ଉପ ସଭାପତି ସର୍ବେଶ୍ୱର ପଣ୍ଡା, ବ୍ଲକ କଂଗ୍ରେସ ଉପ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ବ୍ଲକ ସହ ସମ୍ପାଦକ ପ୍ରଭାତ କୁମାର ରାଉତ ପ୍ରମୁଖ ପ୍ରକାଶ କରିଥିଲେ। ଏହି ମିଳନ ପର୍ବରେ ପୂର୍ବତନ ସରପଞ୍ଚ କାଳନ୍ଦି ମହାନ୍ତି, ବସନ୍ତ କୁମାର ଦାସ, ଅକ୍ଷୟ ପରିଡା ଓ ମନୋରଞ୍ଜନ ଗୋଛାୟତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସମ୍ଭାବ୍ୟ ସୁନାମୀ ମୁକାବିଲା ପାଇଁ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ




**ଜଗତସିଂହପୁର :** ଜଗତସିଂହପୁର ବ୍ଲକ ସମ୍ମିଳନୀ କକ୍ଷରେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସମ୍ଭାବ୍ୟ ସୁନାମୀ ମୁକାବିଲା ନିମନ୍ତେ ସଚେତନ କରିବା ପାଇଁ ଏକ ଜିଲ୍ଲା ସ୍ତରୀୟ ପଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ ଅଧ୍ୟକ୍ଷତାକରି ଉପସ୍ଥିତ ଥିବା ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସୁନାମୀ କ'ଣ , ସୁନାମୀର ସତର୍କ ସୂଚନା ମାତ୍ର ଚାରି ଘଣ୍ଟା ମାଧରେ କଟଣ କରିବାକୁ ପଡିବ, କେମିତି ପ୍ରସ୍ତୁତ ରହିବେ, ନିଜର ସୁରକ୍ଷା ଓ ଧନ ଜୀବନ ରକ୍ଷା ପାଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଶିକ୍ଷକ ଶିକ୍ଷୟତ୍ରୀ ମାନେ ନିଜେ ସଚେତନ ହେବା ସହିତ ବିଦ୍ୟାଳୟର ଛାତ୍ର ଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ସଚେତନ କରିପାରିବେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ମୁଖ୍ୟ, ସାଧାରଣ ପରିଚାଳିକା ସୁସ୍ମିତା ବେହେରା ପ୍ରକାଶ କରିଥିଲେଯେ ସୁନାମୀ ସତର୍କ ସୂଚନା ପାଇବା କ୍ଷଣି କିପରି ଗୋଷ୍ଠିକୁ ସୁରକ୍ଷା ଦେବା ଛାତ୍ର ଛାତ୍ରୀ ମାନଙ୍କ ଜରିଆରେ ସଚେତନ କରାଇବା ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ପ୍ରମୁଖ ଭୁମିକା ରହିଛି । ଜଗତସଂହପୁର ଜିଲ୍ଲା ଏରସମା ବ୍ଲକର ନୋଳିଆ ସାହିକୁ ୟୁନୋସ୍କୋ ସୁନାମୀ ରେଡିନେସ୍ ଗ୍ରାମ ଭାବରେ ପୂର୍ବରେ ମାନ୍ୟତା ପ୍ରଦାନ କରିଛି । ଅକ୍ଟୋବର ୩୧ ତାରିଖ ସୁଦ୍ଧା ଓଡିଶା ଉପକୁଳର ୩୨୬ଟି ଗ୍ରମକୁ ସୁନାମୀ ରେଡିନେସ୍ ଗ୍ରାମ ଭାବରେ ମାନ୍ୟତା ପ୍ରଦାନ ପାଇଁ ଆମ ମୁଖ୍ୟମନ୍ତ୍ରୀ ପ୍ରତିଶୃତି ବଦ୍ଧ। ସେହିପରି ଜିଲ୍ଲାର ତିନି ଗୋଟି ବ୍ଲକ ବାଲିକୁଦା, ଏରସମା ଓ କୁଜଙ୍ଗ ସମେତ ପାରାଦ୍ୱୀପ ପୌରାଞ୍ଚଳର କେତେକ ଗାଁକୁ ସୁନାମୀ ପ୍ରବଣ ଗାଁ ଭାବରେ ଚିହ୍ନଟ କରାଯାଇଛି। ସୁନାମୀ ପ୍ରବଣ ଚିହ୍ନଟ ଗ୍ରାମ ଗୁଡିକର ଲୋକ ମାନଙ୍କୁ ସଚେତନ କରାଯିବା ସହ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯିବ। ଏହି ପ୍ରଶିକ୍ଷଣ ଶିବିର ଦୁଇଦ୍ଦିନ ଧରି ଚାଲୁଥିବା ବେଳେ ଏଥିରେ ଅତିରିକ୍ତ ଜିଲ୍ଲାପାଳ ଅଜୟ କୁମାର ମହାନ୍ତି, ବିଡିଓ ସାଗର କୁମାର ନନ୍ଦ, ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ ଆଶୁତୋଷ ମହାନ୍ତି ଓ ଏରସମା ବ୍ଲକ ଓ ପାରଦ୍ୱୀପ ପୌରପାଳିକାର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗଦେଇଥିଲେ।

**ଲାଣ୍ଡିମାଳ ଗ୍ରାମରେ ଏସ୍‌ସି/ଏସଟି ଜମି ଉପରେ ବେଆଇନ ଘର ନିର୍ମାଣ**

# ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ

**ରେଢାଖୋଲ :** ସମ୍ବଲପୁର ଜିଲ୍ଲା ରେଢାଖୋଲ ଥାନା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଲାଣ୍ଡିମାଳ ଗ୍ରାମରେ ଫକିର ବେହେରା ନାମକ ଜଣେ ଏସିଏସଟି ସମ୍ପ୍ରଦାୟର ବ୍ୟକ୍ତିଙ୍କ ନିଜ ରେକର୍ଡ ଜମି ଉପରେ ଉକ୍ତ ଗ୍ରାମର ଦୁଃଖୁ ସାହୁ ନାମକ ବ୍ୟକ୍ତି ଦୀର୍ଘ ବର୍ଷ ହେଲା ବେଆଇନ ଭାବେ ଘର ନିର୍ମାଣ କରି ରହି ଆସୁଥିଲେ। ଏହାକୁ ନେଇ ଫକିର ନାକଟିଦେଉଳ ତହସିଲଦାରଙ୍କ ଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ବେଆଇନ ଗୃହ ନିର୍ମାଣ ଉପରେ ଚଢ଼ାଉ କରି ବୁଧବାର ଉଚ୍ଛେଦ କରାଯାଇଛି। ଚଢ଼ାଉରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକ, ଉଇଁଚା



ଆରଆଇ ଅଶୋକ କୁମାର ଧଳ, ଏଆରଆଇ ଅଜିତ କୁମାର ବିଶ୍ୱାଳ, ସୁପରଭାଇଜର ସଞ୍ଜୟ ବେହେରା, ରେଢାଖୋଲ ଥାନା ଆଇଆଇସି ସୁରୁବାବୁ ଛତ୍ରିଆଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ସାମିଲ ହୋଇ ଜେସିବି ଲଗାଇ ଉଚ୍ଛେଦ କରା ଯାଇଥିଲା।

# ହେ କୃଷ୍ଣ...କୃଷ୍ଣ-କୃଷ୍ଣ



ମୌଲାନା ଫଜଲ ହକ ଖାଁ



ଶ୍ରୀମଦ୍ ଭାଗବତ ଗୀତା ଚତୁର୍ଥ ଅଧ୍ୟାୟର ଶ୍ଳୋକ ନଂ ୭-୮ରେ ଲେଖାଅଛି,

ଯଦା ଯଦା ହି ଧର୍ମସ୍ୟ
ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁଥାନମ୍
ଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ ।।

ପରିତ୍ରାଣାୟଃ ସାଧୁନାଂ ବିନାଶାୟ ଚ
ଦୁଷ୍କୃତାଂ । ଧର୍ମ ସଂସ୍ଥାପନାର୍ଥାୟଃ
ସମ୍ଭବାମି ଯୁଗେ ଯୁଗେ ।।

ଅର୍ଥାତ୍ ଯେତେ ବେଳେ ଧର୍ମର କ୍ଷୟ ଓ ଅଧର୍ମର ବୃଦ୍ଧି ହୁଏ ସେତେ ବେଳେ ଧର୍ମର ପ୍ରତିଷ୍ଠା ପାଇଁ ମୋର ଆବିର୍ଭାବ ହୁଏ ।

ବର୍ତମାନ ପରିସ୍ଥିତିରେ ଦେଖିବାକୁ ଗଲେ ସକଳ ଧର୍ମର ଅବସ୍ଥା ଶୋଚନୀୟ ଦେଖାଯାଉଛି । ଧର୍ମର ଅସଲ ମର୍ମକୁ ଲୋକେ ଭୂଲି ଯାଇଛନ୍ତି । ଧର୍ମର ମାନ୍ୟତା ଓ ମର୍ଯ୍ୟାଦା ଲୋପ ପାଇବାରେ ଲାଗିଛି । ବିଶ୍ୱରେ ମାନବିକତାର ଉତ୍କଟ ସଂକଟ ଦେଖାଦେଇଛି ଏବଂ ଭଲ ମଣିଷଟିଏ ଖୋଜି ପାଇବା ବିରଳ । ଅସାଧୁତା, ଦୁର୍ନୀତି, ବ୍ୟଭିଚାର, ମିଥ୍ୟାଚାର , ଘୃଣା, ଦୁଷ୍କର୍ମ, ଦୈନନ୍ଦିନ ଜୀବନଶୈଳୀରେ ପରିଣତ ହୋଇ ସାରିଲାଣି । ବିଦ୍ରୋହ ଓ ଆନ୍ଦୋଳନ ସାଧାରଣ ଘଟଣା, ହତ୍ୟାକୁ ଉଭୟେ ଶାସକ ଓ ଶାସିତ ଶାନ୍ତି ସ୍ଥାପନ ଦିଗରେ ନ୍ୟାୟପୂର୍ଣ୍ଣ ମାର୍ଗ ବୋଲି ବିଚାରୁଛନ୍ତି । ପ୍ରାକୃତିକ ବିପ୍ରାପ୍ତ ଦ୍ୱାରା ବିଶ୍ୱର ଭାରସାମ୍ୟର ମଧ ଅବନତୀ ଘଟିଛି । କେଉଁଠି ଦୁର୍ଭିକ୍ଷ ତ କେଉଁଠି ଭୟଙ୍କର ବୃଷ୍ଟି ତ କେଉଁଠାରେ ଭୂମିକମ୍ପ ତ କେଉଁଠାରେ ପ୍ରଚଣ୍ଡ ତାତି । ଏପରିକି ଏଡ୍ସ, ସ୍ୱାଇନ୍ ଫ୍ଲୁ ଏବଂ ଇବୋଲା
ପ ରି ବ ଡ .
ରୋଗ ମଣିଷ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି । ଯେଉଁ ଗତିରେ ଶାନ୍ତି ଆଜି ପୃଥିବୀରୁ ଲୋପ ହେବାରେ ଲାଗିଛି, ତାହା ପ୍ରତି ବିଚାରବନ୍ତ ବ୍ୟକ୍ତିଙ୍କୁ ଚିନ୍ତାରେ ପକାଇଛି । ଏଥିରେ ଉଭୟ ଆସ୍ତିକ ଓ ନାସ୍ତିକ ପ୍ରଭାବିତ ହୋଇଛନ୍ତି । ଏହି ପରିସ୍ଥିତିରେ ଧର୍ମ ଧ୍ୱଜାକୁ ଟେକି ରଖିବା ତଥା ଧର୍ମ ସଂସ୍ଥାପନାର୍ଥାୟକୁ ପ୍ରତିଷ୍ଠା କରିବା ପାଇଁ କେହି ଜଣେ ଐଶୀ ଦୂତର ଆଗମନ ଆବଶ୍ୟକ ମନେ ହେଉଛି ।

ପବିତ୍ର କୋରାନ କୁହେ ପ୍ରତ୍ୟେକ ଯୁଗରେ ଓ ପ୍ରତ୍ୟେକ ଜାତି ଏବଂ ପ୍ରତ୍ୟେକ ଗୋଷ୍ଠୀରେ ନବୀ,ରସୁଲ ବା ଅବତାରମାନେ ସଚେତକ ବା ପଥପ୍ରଦର୍ଶକ ଭାବେ ଆବିର୍ଭାବ ହୋଇଥାନ୍ତି । ଇସଲାମ କୁହେ କୌଣସି ଅବତାରଙ୍କ ମଧ୍ୟରେ ପାର୍ଥକ୍ୟ ନକରି ସେମାନଙ୍କୁ ସମ୍ମାନ ପ୍ରକଟ କରିବା ଉଚିତ୍ । ସତ୍ୟ ଯୁଗରେ ନୃସିଂହ ଅବତାର ଆସିଥିଲେ । ପାପି ହିରଣ୍ୟକଷପକୁ ବଧ କରି ଅବତାରତ୍ୱର ସମ୍ମାନ ଓ ମର୍ଯ୍ୟାଦା ସ୍ଥାପିତ କରିଥିଲେ । ତ୍ରେତୟା ଯୁଗରେ ରାମଚନ୍ଦ୍ର ଅବତାରତ୍ୱର ବେଷରେ ଆସିଥିଲେ । ପାପି ରାବଣର ଲଙ୍କାକୁ ଧ୍ୱଂସକରି ରାବଣକୁ ନିପାତ କଲେ । ଏବଂ ଅଧର୍ମକୁ ବିନାଶ କରି ଧର୍ମକୁ ପ୍ରତିଷ୍ଠା କଲେ । ସେହିଭଳି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଅବତାର ରୂପରେ ଆସି ପାପି କଂସର ଅନ୍ୟାୟ ଓ ଅତ୍ୟାଚାରକୁ ଦମନ କରି "ବିନାଶୟ ଚ ଦୁଷ୍କୃତାମ୍''ର ନିଦର୍ଶନ ଦେଖାଇଲେ । ନବୀଶ୍ରେଷ୍ଠ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କୁହନ୍ତି ଭାରତ ବର୍ଷରେ କହ୍ନେଆ ନାମକ ଜଣେ ଅବତାର ଆସିଛନ୍ତି, ଯାହାଙ୍କ ରଙ୍ଗ ସ୍ୟାମଳ ।

ପବିତ୍ର ଜନ୍ମାଷ୍ଟମୀ ଦିବସ ଶ୍ରୀକୃଷ୍ଣଙ୍କ ଜନ୍ମ ଦିନ । ଜନ୍ମ ଦିନର ସ୍ମୃତିରକ୍ଷା ଉତ୍ସବ ପାଳନ ସ୍ୱରୂପ ପୂଜାର୍ଚ୍ଚନା ଓ ପିଠାପଣା ଆଦି ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ । କିନ୍ତୁ ଏହି
ବ । ହ ୟ
ଉପଚାର
ସହିତ ମନରେ ପ୍ରକୃତ କୃଷ୍ଣ ପ୍ରେମ ଜାଗ୍ରତ କରିବା ତଥା ତାଙ୍କର ଆଧାତ୍ମିକ ଜୀବନ ଚରିତ ଏବଂ ସାଙ୍କେତିକ ଭାଷାକୁ ବୁଝିବା ଆବଶ୍ୟକ । ଶ୍ରୀକୃଷ୍ଣ ଥିଲେ ଗୋପ ଓ ଗୋପୀମାନଙ୍କ ପାଳକ । ଯାହାଙ୍କୁ ଅନ୍ୟ ଅର୍ଥରେ ଗୋପାଳ କୁହାଯାଏ । ଶ୍ରୀକୃଷ୍ଣ ବିଷୟରେ କୁହାଯାଏ କି ସେ ଗୋପୀମାନଙ୍କର ବସ୍ତ୍ର ହରଣ କରି ତାଙ୍କ ସହ ଜଳକେଳୀ କରୁଥିଲେ । ଅର୍ଥାତ୍ ସେ ତାଙ୍କ ମାନ୍ୟକାରୀ ମାନଙ୍କ ଠାରୁ ସେମାନଙ୍କ ଧର୍ମ ଭୀରୁତାର ଜୀର୍ଣ୍ଣନ ଓ ମଳିନ ପୋଷାକକୁ ହଟାଇ ଐଶ୍ୱରୀୟ ବାଣୀ ଦ୍ୱାରା ଧର୍ମପିପାସୁଙ୍କ ତୃଷା ନିବାରଣ କରୁଥିଲେ । କୁହାଯାଏ ଶ୍ରୀକୃଷ୍ଣ ବଂଶୀ ବଜାଇ ଗୋପୀମାନଙ୍କୁ ନିଜର କରିନେଉଥିଲେ । ଜାଣିବା ଉଚିତ୍ ଯେ ବଂଶୀର ନିଜସ୍ୱ କୌଣସି ଧ୍ୱନୀ ନାହିଁ । ଯେକେହି ତାକୁ ବଜାଇଥାଏ ତାର ଧ୍ୱନୀ ବଂଶୀ ଦ୍ୱାରା ଧ୍ୱନିତ ହୋଇଥାଏ । ଅର୍ଥାତ୍ କୃଷ୍ଣ ଥିଲେ ପରମେଶ୍ୱରଙ୍କ ହସ୍ତର ଦିବ୍ୟବଂଶୀ । ଐଶ୍ୱରୀକ ବାଣୀ ତାଙ୍କ ମାଧ୍ୟମରେ ଧ୍ୱନିତ ହେଉଥିଲା । ସେ ଈଶ୍ୱରଙ୍କ ବାଣୀକୁ ଗୋପୀମାନଙ୍କୁ ଶୁଣାଉ ଥିଲେ । ସେହି ଈଶ୍ୱର ପ୍ରେମୀମାନେ ଐଶୀବାଣୀ ଧ୍ୱନୀରେ ପାଗଳ ହୋଇ ଘର,ଦ୍ୱାର,କୁଳ ଓ ମାନ ମର୍ଯ୍ୟାଦାକୁ ତେଜି ତାଙ୍କରି ଆଡ଼କୁ ଧାଇଁ ଆସୁଥିଲେ । ଶ୍ରୀକୃଷ୍ଣଙ୍କ ସହ ରାଧା ନାମ ବେଶ ପରିଚିତ । ଯିଏ ଧ୍ୟାନ କରେ ନିଜ ଆରାଧ୍ୟ ଦେବତାଙ୍କୁ, ସେ ହେଉଛନ୍ତି ରାଧା । ଏହି ଶବ୍ଦଟି ଆରାଧନା ଶବ୍ଦରୁ ଉଦ୍ଧୃତ । କୃଷ୍ଣ ନାମ ଜପ କରିବା ଓ ଧ୍ୟାନରତ ହେବାରେ ଉପାସନାକାରୀର ଜୀବନ ଉଦ୍‌ଭାସିତ ହୋଇଥାଏ । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି,

'' ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିସ୍ୟାମି ମା ଶୁଚଃ । ''

ଅର୍ଥାତ୍ ହେ ଅର୍ଜୁନ ! ତୁମେ ସବୁ ମନ ଗଢା ଧର୍ମ ତ୍ୟାଗ କରି ମୋର ଶରଣ ନିଅ । ମୁଁ ତୁମକୁ ସବୁ ପାପରୁ ମୁକ୍ତି ଦେବି । ଶୋଚନା କରନାହିଁ । ଏହି ଦେହଧାରୀ ମାନବାବତାର ହିଁ ସକଳ ଚିନ୍ତନ ଓ ଶକ୍ତିର ମୂଳଉତ୍ସ । ସେମାନେ ଈଶ୍ୱରଙ୍କୁ ପାଇବାର ମୂଳ ଆଧାର ହୋଇ ଆସିଥାନ୍ତି ।


ଏଯୁଗର ପଥପ୍ରଦର୍ଶକ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ
କୁହନ୍ତି,
ସର୍ବଶକ୍ତିମାନ ଅଲ୍ଲାଃ ମୋତେ ଶ୍ରୀକୃଷ୍ଣଙ୍କ ସଂବନ୍ଧରେ ଦୈବୀବାଣୀ ମାଧ୍ୟମରେ କହିଛନ୍ତି କି '' ହେ କୃଷ୍ଣ ରିଦ୍ର ଗୋପାଲ୍ ତେରି ମହିମା ଗୀତା ମେଁ ଲିଖିଗଇ ହୈ ।''ଅର୍ଥାତ୍ ହେ କୃଷ୍ଣ ରୁଦ୍ର ଗୋପାଳ ତୁମ ମହିମା ଗୀତାରେ ଲେଖାହୋଇଛି । କୁହନ୍ତି ମୁଁ କୃଷ୍ଣଙ୍କୁ ଗଭୀର ପ୍ରେମ କରେ । କାରଣ ମୁଁ ତାହାଙ୍କ ସ୍ୱରୂପରେ ରୂପାୟିତ ହୋଇଛି । ପୁଣି କୁହନ୍ତି,ମୁଁ ସବୁ ମୁସଲମାନ, ଖ୍ରୀଷ୍ଟିୟାନ, ହିନ୍ଦୁ ଓ ଆର୍ଯ୍ୟମାନଙ୍କ ନିକଟରେ ଘୋଷଣା କରୁଛି ଯେ ଏହି ସଂସାରରେ ମୋର କେହି ଶତ୍ରୁ ନାହାନ୍ତି । ମୁଁ ମାନବ ସମାଜକୁ ଏପରି ପ୍ରେମ କରେ, ଯେପରି ଜଣେ କରୁଣାମୟୀ ମାତା ତା' ସନ୍ତାନକୁ ପ୍ରେମ କରେ , ବରଂ ତା' ଠାରୁ ମଧ ଅଧିକ । ମଣିଷ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ମୋର କର୍ତ୍ତବ୍ୟ ।

କଳିର ଅଧର୍ମ କାଳରେ ଧର୍ମ ଓ ସତ୍ୟର ଜୟ ହେଉ । ପାପ ଓ ଅସତ୍ୟର ବିନାଶ ହେଉ । ଶ୍ରୀକୃଷ୍ଣଙ୍କ '' ସମ୍ଭବାମି ଯୁଗେ ଯୁଗେ''ର ଯୁଗାନ୍ତକାରୀ ବାର୍ତା ଅଶାନ୍ତ ଜଗତକୁ ଶାନ୍ତି,ପ୍ରେମ ଓ ମୈତ୍ରୀର ନୂତନ ଦିଗ୍‌ଦର୍ଶନ ଦେଉ । ଏହା ହିଁ ପବିତ୍ର ଜନ୍ମାଷ୍ଟମୀରେ ଆମର କାମନା ।

'' ମେଁ ମୁସଲିମ୍ ହୁଁ ତୁ ହିନ୍ଦୁ ହୈ ଦୋନୋ ହି ଇନ୍‌ସାନ୍ ।
ଲା' ମେଁ ତେରି ଗୀତା ପଢଲୁଁ ତୁ ପଢଲେ କୋରାନ୍ ॥
ଅପନେ ତୋ ଦିଲ୍ ମେଁ ହୈ ଦୋସ୍ତ ବସ୍ ଏକ୍ ହି ଅରମାନ୍ ।
ଏକ୍ ଥାଲି ମେଁ ଖାନା ଖାଏ ସାରା ହିନ୍ଦୁସ୍ତାନ୍ ॥''

ଭୁବନେଶ୍ୱର
ଦୂରଭାଷ : ୯୬୯୨୨୨୫୦୫୭









# ସେବା ଓ ଶାନ୍ତିର ଦେବୀ- ମଦର ଟେରେସା



ଅକ୍ଷୟ କୁମାର ରାଉତ

ଦୁଃସ୍ଥ, ପୀଡିତ,ଦଃଖି ଓ ରଙ୍କି ମାନଙ୍କର ସେବା କରିବାର ପ୍ରବୃତି ଏକ ଐଶ୍ୱରିକ ଗୁଣ । ଏହି ପ୍ରବୃତି ଯେଉଁ ପୁରୁଷ ଓ ନାରୀ ମାନଙ୍କଠାରେ ଥାଏ, ସେମାନେ ମର୍ତ୍ୟର ଦେବତା ବା ଦେବୀ ରୂପେ ଜନମାନସରେ ପୂଜିତ ହୁଅନ୍ତି, ମଦର ଟେରେସା ଏହି ଭଳି ଜଣେ ସେବା ଓ ଶାନ୍ତିର ଦେବୀ । ପୀଡିତର ପୀଡା ଦେଖିଲେ ତାଙ୍କ ଆଖିରୁ ଝରିଯାଏ ଲୁହ । ସେ ସମସ୍ତ ବିକାର ଓ ଘୃଣାକୁ ଭୂଲି ଲାଗି ପଡନ୍ତି ପିଡୀତର ସେବାରେ । ମନ, ପ୍ରାଣ ଓ ହୃଦୟ ଦେଇ ସେ ରୋଗିର ସେବା କରନ୍ତି । ଏହି ମହିୟସୀ ଦେବୀ ଇଉରୋପର ମାସିଡୋନିଆ (ୟୁଗୋସ୍ଲୋଭିଆ) ଅନ୍ତର୍ଗତ ସ୍କୋପ୍‌ଜେ ନାମକ ସ୍ଥାନରେ ଏକ ଆଲବାନିଆନ୍ କୃଷକ ପରିବାରରେ ୧୯୧୦ ମସିହା ଅଗଷ୍ଟ ୨୬ ତାରିଖରେ ଜନ୍ମଗ୍ରହ କରିଥିଲେ । ପିତା ନିକୋଲା ବୋୟାକ୍ସିଭ୍ ଓ ମାତା ଡ୍ରାମଫିଲ୍ ବୋୟାକ୍ସିଭ୍ ଥିଲେ କ୍ୟାଥଲିକ ଖ୍ରୀଷ୍ଟିୟାନ । ସେମାନଙ୍କ ପାଂଚଟି ସନ୍ତାନ ମଧ୍ୟରୁ ତିନୋଟି ଜୀବିତଥିଲେ । ବଡ ପୁତ୍ର ଲାଜର, ମଧ୍ୟମକନ୍ୟା ଆଗା ଓ ସାନଝିଅ ୟାଗ୍‌ନେସ୍ ଗୋନସ୍କା ବୋୟାକ୍ସିଭ୍ (ମଦର ଟେରେସା) ।

ମଦର ଟେରେସାଙ୍କ ପିତା ଥିଲେ ଜଣେ ବ୍ୟବସାୟୀ, ବହୁଭାଷାବିଦ୍ ଓ ରାଜନୀତି ସଚେତନ ବ୍ୟକ୍ତି । ମଦର ଟେରେସାଙ୍କୁ ଯେତେବେଳେ ମାତ୍ର ୯ ବର୍ଷ, ଠିକ୍ ସେହି ସମୟରେ ତାଙ୍କ ପିତାଙ୍କ ଅକାଳ ମୃତ୍ୟୁ ହୋଇଗଲା । ବିଧବା ମାଆ ବହୁ ବାଧାବିଘ୍ନ ସ୍ୱତେ ତିନିଭାଇ ଭଉଣୀଙ୍କୁ ଶିକ୍ଷିତ କରାଇଥିଲେ । ଦାରିଦ୍ର ଜଞ୍ଜାଳ ଜନିତ ସମସ୍ତ ଦୁଶ୍ଚିନ୍ତା ପରେ ବି ଟେରେସାଙ୍କ ଓଠରେ ଲାଗିରହିଥିଲା ହସ । ଘର କାମରେ ସେ ମାଆଙ୍କୁ ସର୍ବଦା ସାହଯ୍ୟ କରୁଥିଲେ । ସେ ଛୋଟବେଳରୁ ସତ୍ୟ, ଶାନ୍ତି,ଦୟା ଓ କ୍ଷମାର ଆଦର୍ଶରେ ଅନୁପ୍ରାଣିତ, ଦୁର୍ବଳ ତଥା ଆହତ ପଶୁମାନଙ୍କ ସେବାଯତ୍ନ କରି ସେ ଆନନ୍ଦ ଅନୁଭବ କରୁଥିଲେ । ନିୟମିତ ଗିର୍ଜାରେ ପ୍ରାର୍ଥନା କରିବା, ଧର୍ମ ପୁସ୍ତକ ପଢିବା ଓ ପାଦ୍ରିଙ୍କୁ ସାହାଯ୍ୟ କରିବା ଥିଲା ଟେରେସାଙ୍କର ନିତି ଦିନ କାମ । ସରକାରୀ ସ୍କୁଲରେ ପଢୁଥିବା ସମୟରେ କେତେକ ନନ୍‌ଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଟେରେସାଙ୍କୁ ମିଳିଥିଲା । ମାତାଙ୍କ ଅନୁମତି ନେଇ ସେ ଲୋରେଟା ସିଷ୍ଟରମାନଙ୍କ ସହ ଯୋଗ ଦେଲେ, ୧୯୨୮ ମସିହା ନଭେମ୍ବର ୨୮ ତାରିଖରେ ସେ ଆୟରର୍ଲାଣ୍ଡର ଡବ୍‌ଲିନ୍ ନିକଟରେ ଥିବା ରାଥ୍‌ଫାର୍ନହାମ୍ ସ୍ଥିତ ଲୋରେଟୋ ଆବେରେ ଯୋଗ ଦେଇ ନନ୍ ତାଲିମ ନେଲେ । ତାଙ୍କୁ ସେତେବେଳେ ମାତ୍ର ୧୮ ବର୍ଷ । ଏଠାରେ ଆଭିଲାର ଥେରେସା ଓ ଲିସିୟୁକ୍ସର ଟେରେସାଙ୍କ ସ୍ମୃତିରେ ୟାଗ୍ନେସ୍ ଗୋନସ୍କା ବୋୟାକ୍ସିଭଙ୍କ ନାମ କରଣ କରାଗଲା ସିଷ୍ଟର ଟେରେସା । ୧୯୨୯ ମସିହାରେ ଦାର୍ଜିଲିଂଠରେ ଦୁଇବର୍ଷ ତାଲିମ ନେଲାପରେ ସେ ସେଣ୍ଟ୍ ମେରୀ ହାଇସ୍କୁଲରେ ଆରମ୍ଭ କଲେ ଶିକ୍ଷକତା, ଇତିହାସ ଓ ଭୂଗୋଳ ପଢେଇବା ସମୟରେ ଚରିତ୍ର ଗଠନ ପାଇଁ ଉପଦେଶ ଦେଉଥିଲେ । କିନ୍ତୁ ଦୁଃସ୍ଥ ଓ ପିଡିତମାନଙ୍କର ଦୟନୀୟ ଅବସ୍ଥା ଟେରେସାଙ୍କର ହୃଦୟକୁ ବିଚଳିତ କରିଥିଲା । ମୋତିଝିଲ୍ ବସ୍ତିର ଅସଂଖ୍ୟ ନିରାଶୟ ଲୋକଙ୍କ ମୁଖ ମଣ୍ଡଳରେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବା ଯୀଶୁଖ୍ରୀଷ୍ଟଙ୍କୁ ଟେରେସା ଦେଖି ପାରିଥିଲେ । ତେଣୁ ଲୋରେଟୋ ଉଚ୍ଚବିଦ୍ୟାଳୟ ଅଧକ୍ଷ ପଦ ତ୍ୟାଗକରି ପୋପଙ୍କ ଅନୁମତି ନେଇ ମୋତିଝିଲ ବସ୍ତିର ରୋଗୀମାନଙ୍କ ସେବାରେ ସମସ୍ତ ସମୟ ବିନିଯୋଗ କଲେ । ହାତରେ ପାଂଚ ଟଙ୍କା ଧରି ବସ୍ତଲୋକଙ୍କର ସେବା ଆରମ୍ଭ କରିଦେଲେ । ସେ ଆମେରିକାନ୍ ମେଡିକାଲ୍ ମିଶିନାରୀ ସିଷ୍ଟରସ୍ ସଂସ୍ଥାରେ ନର୍ସିଂ ତାଲିମ ନେଲେ । ୧୯୫୦ ମସିହାରେ ପୋପଙ୍କ ସମ୍ମତି ପାଇ ଟେରେସା ୧୨ ଜଣ ସିଷ୍ଟରଙ୍କୁ ନେଇ ପ୍ରତିଷ୍ଠା କଲେ 'ମିଶନାରିଜ୍ ଅଫ ଚ୍ୟାରିଟି' । ଏହି ସଂସ୍ଥାର ଲକ୍ଷ୍ୟ ମଣିଷ ସମାଜର ସେବା କରିବା । ୧୯୫୨ ମସିହାରେ ମଦର ଟେରେସା ପ୍ରତିଷ୍ଠା କଲେ 'ନିର୍ମଳ ହୃଦୟ' ସେ ବାସଦନ । ଏଠାରେ ଚାଲିଲା ମୃତ୍ୟୁ ପଥ ଯାତ୍ରୀମାନଙ୍କ ସେବା ଶୁଶ୍ରୁଷା । ମ୍ୟୁନିସିପାଲିଟିର ଅଧିକାରୀ 'ନିର୍ମଳ ହୃଦୟ' ପ୍ରତିଷ୍ଠାନକୁ ଯୋଗାଇ ଦେଇଥିଲେ ଦୁଇଟି ଡର୍ମିଟାରୀ ।

ଜଣେ କାଥଲିକ୍ ନନ୍ କାଳୀ ମନ୍ଦିର ନିକଟରେ ମୁମୂର୍ଷ ଲୋକଙ୍କ ପାଇଁ ଏକ ଆଶ୍ରମ ନିବାସ ଖୋଲିବା, କିଛି ଅସାମାଜିକ ବ୍ୟକ୍ତି ବରଦାସ୍ତ କରିପାରିଲେ ନାହିଁ । ଏକ ପଟୁଆରରେ ଆସି ବିଭିନ୍ନ ଧ୍ୱନି ଦେଇ ପ୍ରତିବାଦ ଆରମ୍ଭ କରିଦେଲେ । ପ୍ରତିବାଦକାରୀମାନେ ମଦର ଟେରେସାଙ୍କର କାଳୀ ରୂପ ଦେଖି ଭୟ କରି ପାଦ ତଳେ ପଡି କ୍ଷମାଭିକ୍ଷାକଲେ । ବହୁ ଲୋକ ସହଯୋଗର ହାତ ବଢାଇଦେଲେ । ମଦର ଟେରେସା ସର୍ବଦା କହୁଥିଲେ ସେ ପ୍ରତ୍ୟେକ ବ୍ୟକ୍ତିଠାରେ ଯିଶୁଙ୍କୁ ଦେଖିଥାଆନ୍ତି । ତେଣୁ ସବୁ କ୍ଷୁଧାର୍ଥ ଓ ରୋଗୀଣା ଲୋକମାନଙ୍କର ସେବା କରିବା ତାଙ୍କର କର୍ତବ୍ୟ । 'ନିର୍ମଳ ହୃଦୟ' ସାଙ୍ଗକୁ ସେ ସ୍ଥାପନକଲେ ପ୍ରେମଦାନ ଓ ଶାନ୍ତନଗର । ଶିଶୁମାନଙ୍କର ସେବା ପାଇଁ ସ୍ଥାପନ କଲେ ଶିଶୁଭବନ । ମଦର ଟେରେସାଙ୍କର ସେବା କରିବାର ପରିଷର ଅତି ବ୍ୟାପକ । ଗରିବ, ଦୁଃସ୍ଥ, ବୁଭୁକ୍ଷ, ମାଦକାସକ୍ତ, ଗୃହହୀନ ଓ ଜେଲ୍ ଫେରନ୍ତା କଇଦୀମାନଙ୍କର ସେବା ପୁର୍ନବାସ ପାଇଁ ମଦର ଟେରେସା ଲାଗିପଡିଥିଲେ ।

ମଦର ଟେରେସାଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଗଲା । ମଦର ଟେରେସା ତାଙ୍କ ଅସାଧାରଣ ସେବା କାର୍ଯ୍ୟ ପାଇଁ ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି । ୧୯୬୨ ମସିହାରେ ତାଙ୍କୁ ପ୍ରଦାନ କରାଯାଇଥିଲା 'ରାମୋନ୍ ମାଗ୍‌ସେସେ ପୁରସ୍କାର' । ତାହାଛଡା ପଦ୍ମଶ୍ରୀ, 'ପୋପ ଜନ୍ ତତଓଓଓ ଶାନ୍ତି ପୁରସ୍କାର', 'ଗୁଡ ସମରିଟାନ୍ ଆଓର୍ଡ '' ଜନ୍ ଏଫ. କେନେଡି ଇନଟରନେସନାଲ ପୁରସ୍କାର', 'ଜବାହରଲାଲ୍ ନେହେରୁ ପୁରସ୍କାର', 'ଟେମ୍ପଲ୍‌ଟନ୍ ପୁରସ୍କାର', 'ମେଟେର୍ ଏଟ୍ ମାଜିଷ୍ଟ୍ରା ଆଓର୍ଡ ଅଫ ଦି ଥାର୍ଡ ଅର୍ଡର ଅଫ୍ ସେଣ୍ଟ୍ ଫ୍ରାନ୍‌ସିସ୍ ଅଫ୍ ଆସ୍କିସି' ପୁରସ୍କାର ପାଇଥିଲେ । ତାଙ୍କର ଆଦର୍ଶ ଦୁଃସ୍ଥ ସେବା ହେତୁ ଶାନ୍ତି ପାଇଁ ସେ ୧୯୭୯ ମସିହାରେ ବିଶ୍ୱପ୍ରସିଦ୍ଧ ନୋବେଲ୍ ପୁରସ୍କାର ଲାଭ କଲେ ଓ



ତାପରେ ସେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ପାଇଲେ । କଲିକତାରେ ବି.ଏମ. ବିରଳା ହାର୍ଟ ରିସର୍ଚ୍ଚ କେନ୍ଦ୍ରରେ ଚିକିତ୍ସାଧୀନ ଥିବା ସମୟରେ ଆଲବେନିଆର ରାଷ୍ଟ୍ରପତି ସଲିବେରିଶା ୧୯୯୬ ମସିହା ନଭେମ୍ବର ମାସ ୨୭ ତାରଖରେ ମଦର ଟେରେସାଙ୍କୁ " ଆଲବେନିଆ ସ୍ୱର୍ଣ୍ଣ ସମ୍ମାନ" ପ୍ରଦାନ କରିଥିଲେ । ୧୯୯୬ ମସିହରେ ଆମେରିକା ସରକାର ତାଙ୍କୁ ପ୍ରଦାନ କରିଥିଲେ ସାମ୍ମାନିକ ନାଗରିକତ୍ୱ । ଏହି ମହିୟସୀ ମହିଳାଙ୍କର ୧୯୯୭ ମସିହା ସେପ୍ଟମ୍ବର ୫ ତାରିଖ ଦିନ ମହାପ୍ରୟାଣ ଘଟିଲା । ଟେରେସାଙ୍କୁ 'ମିଶନାରୀଜ୍ ଅଫ ଚାରିଟି ' ର ହେଡକ୍ୱାଟର 'ମଦର ହାଉସକୁ' ନିଆଯାଇଥିଲା ଓ ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

*ପାରାଦ୍ୱୀପଗଡ,କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ-୯୯୩୭୬୯୧୪୭୫*






# ମରୁଡ଼ି ପରିସ୍ଥିତି: ଏକ ଲକ୍ଷରୁ ଊର୍ଦ୍ଧ୍ୱ ହେକ୍ଟର ଚାଷ ଜମି ପଡ଼ିଆ



**ଭୁବନେଶ୍ୱର :** ରାଜ୍ୟରେ ମରୁଡ଼ି ପାଇଁ ହାହାକାର। ମରୁଡ଼ି ଘୋଷଣା ଦାବିରେ ଆନ୍ଦୋଳନମୁହାଁ ହେଲେଣି ଚାଷୀ। ସରକାରୀ ତଥ୍ୟ ଅନୁସାରେ ୧୪ଟି ଜିଲ୍ଲାର ୩୦ ବ୍ଲକରେ ପ୍ରାୟ ୧ ଲକ୍ଷ ହେକ୍ଟର ଚାଷ ଜମି ପଡ଼ିଆ ପଡ଼ିଛି। ଏଣେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ କରାଯାଇଥିବା ଉଠା ଜଳସେଚନ ପ୍ରକଳ୍ପ (ଏଲଆଇ ପଏଣ୍ଟ)ଅଚଳ ହୋଇ ପଡ଼ିଛି। ଚାଷ ଏବଂ ଚାଷୀ ନାଁରେ ସରକାର ଖର୍ଚ୍ଚ କରୁଥିବା ଟଙ୍କା କାହା କାମରେ ଆସୁଛି ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୁଏ। ସରକାରୀ ତଥ୍ୟ ଅନୁସାରେ, ଚାଷ କାର୍ଯ୍ୟରେ ସାଂଘାତିକ ସ୍ଥିତି ଥିବା ଅନୁଗୁଳର ୬ ବ୍ଲକ ଆଠମଲ୍ଲିକ, ବଅଁରପାଳ, ଛେଣ୍ଡିପଦା, ତାଳଚେର, କିଶୋରନଗରରେ ସମୁଦାୟ ୨୨ ହଜାର ୧୩୫ ହେକ୍ଟର ଚାଷ ଜମିରେ ପାଣି ଅଭାବରୁ ଫସଲ ହୋଇ ପାରୁନାହିଁ। ଏଠାରେ ଥିବା ୧୧୪୩ ଉଠାଜଳସେଚନ ପ୍ରକଳ୍ପ ମଧ୍ୟରୁ ୨୦୮ଟି ଅଚଳ ହୋଇ ପଡ଼ିଛି। ବଲାଙ୍ଗୀର ଜିଲ୍ଲା ୨ ବ୍ଲକ ସଇଁତଲା, ମୁରିବାହାଲରେ ୬୫୧୬ ହେକ୍ଟର ଚାଷ ଜମି ପାଣି ଅଭାବରୁ ଶୁଖିଲା ପଡ଼ିଛି। ଏଠାରେ ଥିବା ୬୦ ଏଲଆଇ ପଏଣ୍ଟ ମଧ୍ୟରୁ ୩୨ଟି ଚାଷୀଙ୍କ କାମରେ ଆସୁଛି। ବୌଦ୍ଧ ଜିଲ୍ଲାରେ ସମୁଦାୟ ୩୮୭୦ ହେକ୍ଟର ଫସଲ ବାଧାପ୍ରାପ୍ତ ହୋଇଛି। ଅନେକ ସ୍ଥାନରେ ଚାଷୀ ଗୋରୁ ଛାଡ଼ି ଦେଲେଣି। ଏଠାରେ ଥିବା ୩୫୮ ଉଠାଜଳସେଚନ ମଧ୍ୟରୁ ୬୦ଟି ଅଚଳ ପଡ଼ିଛି। ଭଦ୍ରକର ଏକମାତ୍ର ବ୍ଲକରେ ୧୨୦୦ ହେକ୍ଟର ଫସଲର ରୁଆ କାର୍ଯ୍ୟ ହୋଇ ପାରିବ ନାହିଁ ବୋଲି ସ୍ପଷ୍ଟ ହୋଇ ସାରିଛି। ଏଠାରେ ସବୁ ଉଠାଜଳସେଚନ କାର୍ଯ୍ୟ କରୁଛି। ଢେଙ୍କାନାଳ ଜିଲ୍ଲାର ୪ଟି ବ୍ଲକରେ ସମୁଦାୟ ୮୩୫୦ ହେକ୍ଟର ଫସଲ ବାଧାପ୍ରାପ୍ତ ହୋଇଛି। ଏଠାରେ ସ୍ଥିତ ୧୧୩୫ ଉଠାଜଳସେଚନ ମଧ୍ୟରୁ ସମୁଦାୟ ୪୧୧ଟି ଚାଷୀଙ୍କ କାମରେ ଆସିପାରୁ ନାହିଁ। ଏଥିରେ ଓଡ଼ାପଡ଼ାର ୧୧୪ ଏବଂ ହିନ୍ଦୋଳର ୧୫୪ଟି ଅଚଳ ପ୍ରକଳ୍ପ ରହିଛି। ଗଜପତି ଜିଲ୍ଲାର ଏକମାତ୍ର ବ୍ଲକ ଆର ଉଦୟଗିରିରେ ୧୯ଟି ଉଠାଜଳସେଚନ ପ୍ରକଳ୍ପ ମଧ୍ୟରୁ ୧୫ଟି ଅଚଳ ହୋଇ ପଡ଼ିଛି। ଏଠାରେ ପାଣି ଅଭାବରୁ ୨୫୦ ହେକ୍ଟର ଫସଲ ପାଣି ଅଭାବରୁ ପଡ଼ିଆ ପଡ଼ିଲାଣି। ଗଞ୍ଜାମ ଜିଲ୍ଲାର ଗୋଟିଏ ବ୍ଲକ ଭଞ୍ଜନଗରରେ ୫୦୦ ହେକ୍ଟର ଚାଷ କାର୍ଯ୍ୟ ଠପ ହୋଇ ସାରିଛି। ଏଠାରେ ଥିବା ୮୭ ଉଠାଜଳସେଚନ ମଧ୍ୟରୁ ୧୨ଟି କାମ କରୁନି। ଯାଜପୁର ଜିଲ୍ଲାରେ ସର୍ବାଧିକ ଭୟଙ୍କର ସ୍ଥିତି। ଏଠାରେ ସମୁଦାୟ ୧୭ ହଜାର ୪୮୫ ହେକ୍ଟର ଫସଲ ପଡ଼ିଆ ପଡ଼ିଲାଣି। ୨୯୩ ଉଠାଜଳସେଚନ ପ୍ରକଳ୍ପ ମଧ୍ୟରୁ ୧୭୩ଟି କାମ କରୁନିୟ କେନ୍ଦୁଝର ଜିଲ୍ଲାର ୩ଟି ବ୍ଲକରେ ସମୁଦାୟ ୨୪ହଜାର ୨୨୨ ହେକ୍ଟର ଫସଲରେ ପାଣି ଅଭାବରୁ ଚାଷ ହୋଇ ପାରୁ ନାହିଁ। ଏଠାରେ ଥିବା ୧୦୫ ଉଠାଜଳସେଚନ ପ୍ରକଳ୍ପ ମଧ୍ୟରୁ ୮୭ଟି କାମ କରୁନାହିଁ। ଏହି ଜିଲ୍ଲାର ଆନନ୍ଦପୁରରେ ୬୨ରୁ ୬୦ଟି ଅଚଳୟ ଝାରସୁଗୁଡ଼ା ଜିଲ୍ଲାର ଲଖନପୁରରେ ୨୮୪୬ ହେକ୍ଟର ଫସଲ ବାଧାପ୍ରାପ୍ତ ହୋଇଛି। ଏଠାରେ ଥିବା ୩୪୯ ଉଠାଜଳସେଚନ ମଧ୍ୟରୁ ଗୋଟିଏ ବି କାମ କରୁନାହିଁ। ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକରେ ୯୫୦ ହେକ୍ଟର ଚାଷ ଜମି ପଡ଼ିଆ ପଡ଼ିଛି। ଏଠାରେ ଥିବା ୩୫ରୁ ୧୯ଟି ଉଠାଜଳସେଚନ ପ୍ରକଳ୍ପ ଚାଷୀଙ୍କ ପାଇଁ ସହାୟକ ହୋଇ ପାରୁନାହିଁ। ନବରଙ୍ଗପୁରର ଗୋଟିଏ ବ୍ଲକରେ ୪୩୦ ହେକ୍ଟର ଫସଲରେ ପାଣି ମାଡ଼ି ପାରୁନାହିଁ। ଏଠାରେ ଥିବା ୧୦ ଉଠାଜଳସେଚନ ମଧ୍ୟରୁ ସବୁ ଅଚଳ ହୋଇ ପଡ଼ିଛି। ନୟାଗଡ଼ରେ ୧୪୫୩ ହେକ୍ଟର ଜମି ପଡ଼ିଆ ପଡ଼ିଛି। ଏଠାରେ ଥିବା ୧୫୭ ଉଠାଜଳସେଚନ ମଧ୍ୟରୁ ୨୦ଟି କାମକୁ ଆସୁନାହିଁ। ରାୟଗଡ଼ା ଜିଲ୍ଲାରେ ୯୩୧୧ ହେକ୍ଟର ଫସଲ ବାଧାପ୍ରାପ୍ତ ହୋଇଛି। ଏଠାରେ ଥିବା ୨୯୮ ଉଠାଜଳସେଚନ ପ୍ରକଳ୍ପ ମଧ୍ୟରୁ ୪୯ଟି ଅଚଳ ପଡ଼ିଛି। କେବଳ ଏହି ଅଞ୍ଚଳ ନୁହେଁ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାର ବିଭିନ୍ନ ବ୍ଲକରେ ପାଣି ଅଭାବରୁ ସାଂଘାତିକ ସ୍ଥିତି କିନ୍ତୁ ଏଲଆଇ ପଏଣ୍ଟ ଗୁଡ଼ିକ ଚାଷୀଙ୍କ ପାଇଁ ସହାୟକ ହୋଇ ପାରୁନାହିଁ। ବିଜୁଳି ସମସ୍ୟା ଏବଂ ପର୍ଯ୍ୟାପ୍ତ ପାଣିର ଅଭାବ ଏହାର କାରଣ ବୋଲି କୁହାଯାଉଛି। ଏହାକୁ ନେଇ କିଛି ଦିନ ପୂର୍ବରୁ ମୁଖ୍ୟ ଶାସନ ସଚିବ ମଧ୍ୟ ସ୍ଥିତିକୁ ସମୀକ୍ଷା କରିଥିଲେ।

# ପହିଲାରୁ ବିଧାନସଭା ଅଧିବେଶନ



**ଭୁବନେଶ୍ୱର :** ସେପ୍ଟେମ୍ବର ପହିଲାରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେଉଥିବା ବେଳେ ତା'ପୂର୍ବରୁ ଆଜି ବସିଛି ସର୍ବଦଳୀୟ ବୈଠକ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା। ବାଚସ୍ପତି ଦେଇଥିବା ସୂଚନା ଅନୁଯାୟୀ, କରୋନା ଯୋଗୁ ପୂର୍ବରୁ ପ୍ରଶ୍ନକାଳ ବାତିଲ ହୋଇଥିବା ବେଳେ ଏବେ ତାହା ଲାଗୁ ହେବ। ଶନିବାର ମଧ୍ୟ ବିଧାନସଭା ବସିବ। ଶନିବାର ପୂର୍ବାହ୍ନ ୧୧ଟାରୁ ୧ଟା୩୦ ପର୍ଯ୍ୟନ୍ତ ଓ ଅପରାହ୍ନ ୪ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ବସିବ ବିଧାନସଭା। ଅନ୍ୟ ଦିନମାନଙ୍କରେ ସକାଳ ୧୦ଟା ୩୦ରୁ ଅପରାହ୍ନ ୧ଟା୩୦ ପର୍ଯ୍ୟନ୍ତ ଓ ପରେ ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ବିଧାନସଭା ବସିବ। ବିଜେପିକୁ ୪ ଦିନ ପ୍ରସ୍ତାବ ରଖିବାକୁ କୁହାଯାଇଥିବା ବେଳେ କଂଗ୍ରେସ ୨ ଦିନ ରଖିବ। ବିଧାୟକମାନେ ଓକାକ, ଲୋକସେବା ଭବନ ବା ଅନ୍ୟ ସ୍ଥାନରେ ବସିବେ। ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ହସ୍ପିଟାଲରେ ଥିବାରୁ ଚାହିଁଲେ ଭିସିରେ ଯୋଗ ଦେଇପାରିବେ ବୋଲି କହିଛନ୍ତି ବାଚସ୍ପତି। ଏଥିସହ ସମସ୍ତଙ୍କର ଆରଟିପିସିଆର ଟେଷ୍ଟ ହେବ। ସବୁ ବିଧାୟକ ଓ ମନ୍ତ୍ରୀଙ୍କର ଆଣ୍ଟିବଡ଼ି ଟେଷ୍ଟ ହେବ ବୋଲି କହିଛନ୍ତି ବାଚସ୍ପତି। ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ କହିଛନ୍ତି, ମରୁଡ଼ି କଥା ପ୍ରଥମେ ଉଠିବ। ତୃତୀୟ ଲହର ମୁକାବିଲା ପାଇଁ କି ବ୍ୟବସ୍ଥା ହୋଇଛି, ଡ୍ରଗ୍ସ ରୋକିବାକୁ ସରକାର କ'ଣ ବ୍ୟବସ୍ଥା ଗ୍ରହଣ କରିଛନ୍ତି, ସେ ସମ୍ପର୍କରେ ଆଲୋଚନା ହେବ। କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର କହିଛନ୍ତି, ଓଡ଼ିଶା ସମସ୍ୟା ବହୁଳ ରାଜ୍ୟ ହୋଇଗଲାଣି। ସବୁ ବିଷୟରେ ଆଲୋଚନା କରାଯିବ। ରାଜ୍ୟରେ ଭୟଙ୍କର ମରୁଡ଼ି ଦେଖାଦେଲାଣି। ଦରଦାମ ବଢ଼ି ଚାଲିଛି। ବେକାରୀ ସମସ୍ୟା ଉତ୍କଟ ହୋଇଛି। ଆଇନ ଶୃଙ୍ଖଳା ବୋଲି କିଛି ନାହିଁ। ସବୁଠି ଦୁର୍ନୀତିର ଗନ୍ଧ। ଡାକ୍ତରଖାନାରେ ବେଡ୍ ନାହିଁ କି ଡାକ୍ତର ନାହାନ୍ତି। ସ୍କୁଲରେ ମାଷ୍ଟର ନାହାନ୍ତି। ଏ ସବୁ ବିଷୟରେ ଆଲୋଚନା କରାଯିବ।

# ଜେଲ୍ ଡିଜିଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

## ଅଧିକାଂଶ ଜେଲ୍‌ରେ ଧାର୍ଯ୍ୟ ଠାରୁ ଅଧିକ ବନ୍ଦୀ


**କଟକ :** ରାଜ୍ୟର ବିଭିନ୍ନ ଜେଲରେ ନିର୍ଦ୍ଧାରିତ ସଂଖ୍ୟା ଠାରୁ ବହୁ ଅଧିକ ସଂଖ୍ୟକ ବନ୍ଦୀ ରହିବା ପ୍ରସଙ୍ଗକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ୍ ମୁରଲୀଧର ଓ ଜଷ୍ଟିସ ବିପି ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାର ଓ ଜେଲ୍ ବିଭାଗ ପକ୍ଷରୁ ଉପସ୍ଥାପନ କରାଯାଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଥିଲା ଯେ, ଅଧିକାଂଶ ଜେଲ୍‌ରେ ନିର୍ଦ୍ଧାରିତ ସଂଖ୍ୟା ଠାରୁ ଅଧିକ ବନ୍ଦୀଙ୍କୁ ରଖାଯାଇଛି। ଜୁଲାଇ ୩୧ ପର୍ଯ୍ୟନ୍ତ ତଥ୍ୟରୁ ସ୍ପଷ୍ଟ ହୋଇଥିଲା ଯେ, ବିଭିନ୍ନ ଜେଲ୍‌ରେ ନିର୍ଦ୍ଧାରିତ ସଂଖ୍ୟା ଠାରୁ ବହୁ ଅଧିକ ବନ୍ଦୀ ରହୁଛନ୍ତି। ଅଗଷ୍ଟ ୨୩ରେ ଜେଲ୍ ଡିଆଇଜି ଦାଖଲ କରିଥିବା ସତ୍ୟପାଠରେ ଉଲ୍ଲେଖ ଅଛି ଯେ, ୨୦୨୦-୨୧ ଓ ୨୦୨୧-୨୨ ପାଇଁ ସରକାର ଅନୁମୋଦନ କରିଥିବା ଆକ୍ସନ ପ୍ଲାନ୍ ଅନୁସାରେ ରାଜ୍ୟର ବିଭିନ୍ନ ଜେଲ୍‌ରେ ଅଧିକ ୱାର୍ଡ ନିର୍ମାଣ କରାଯିବ। ଜେଲ୍ ଗୁଡିକର ବନ୍ଦୀକୁ ରଖିବା କ୍ଷମତା ବୃଦ୍ଧି କରାଯିବ। ଏହାଦ୍ୱାରା ରାଜ୍ୟର ବିଭିନ୍ନ ଜେଲ୍‌ରେ ଅଧିକ ୨,୯୯୪ ବନ୍ଦୀଙ୍କୁ ରଖାଯାଇ ପାରିବ। ଭଦ୍ରକରେ ନିର୍ଦ୍ଦିଷ୍ଟ ଭାବେ ସବ୍ ଜେଲ୍‌ର ନୂଆ କୋଠା ପ୍ରସ୍ତାବିତ ଜମିରେ ନିର୍ମାଣ କରାଯିବ ଏବଂ ଏହାଦ୍ୱାରା କ୍ଷମତା ୪୬୦କୁ ବୃଦ୍ଧି ପାଇବ। କିନ୍ତୁ ଏହିସବୁ କାମ କେତେଦିନ ଭିତରେ ଶେଷ ହେବ ସେ ନେଇ ସତ୍ୟପାଠରେ କିଛି ଉଲ୍ଲେଖ କରାଯାଇ ନଥିବା ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା। ତେବେ, ବିସ୍ତୃତ ତଥ୍ୟ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ସହିତ ଦାଖଲ କରିବାକୁ ଜେଲ୍ ଡିଜିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଝାରସୁଗୁଡ଼ାରେ ହେବ ପେଟ୍ରୋଲିୟମ ଟର୍ମିନାଲ



**ଭୁବନେଶ୍ୱର :** ପଶ୍ଚିମ ଓଡ଼ିଶାରେ ପେଟ୍ରୋଲିୟମ ଉତ୍ପାଦନ ବଢୁଥିବା ଚାହିଦାକୁ ପୂରଣ ପାଇଁ ଝାରସୁଗୁଡ଼ାଠାରେ ପେଟ୍ରୋଲିୟମ ଟର୍ମିନାଲ ସ୍ଥାପନ କରାଯିବ। ବିପିସିଏଲ ପକ୍ଷରୁ ଏନେଇ ପରିକଳ୍ପନା କରାଯାଇଛି। ଏଚପିଏଲ ସହ ମିଶି ବିପିସିଏଲ ୯୮ ଏକର ଜାଗା ଚିହ୍ନଟ କରିଥିବା ନେଇ ଇଣ୍ଡିଆନ୍ ଅଏଲ୍ ଲିମିଟେଡ୍(ଆଇଓସିଏଲ୍) ଓଡ଼ିଶା ମୁଖ୍ୟ ତଥା ରାଜ୍ୟସ୍ତରୀୟ ସଂଯୋଜକ ଶୁଭୋଜିତ ଘୋଷ କହିଛନ୍ତି। ଶ୍ରୀ ଘୋଷ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ କଳ୍ପନା ହେଉଛି ପୂର୍ବ ଭାରତର ଭିତ୍ତିଭୂମିର ବିକାଶ କରିବା। ଏହି ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ପୂର୍ବ ଭାରତର ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ଫଳସ୍ୱରୂପ ପୂର୍ବାଞ୍ଚଳ ରାଜ୍ୟ ଭାବେ ଓଡ଼ିଶା ତ୍ୱରିତ ଅଭିବୃଦ୍ଧି କରିଛି। ପ୍ରଧାନମନ୍ତ୍ରୀଙ୍କ ଏହି କଳ୍ପନାକୁ ବାସ୍ତବରେ ପରିଣତ କରିବା ପାଇଁ ନିକଟରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଅନେକ ପ୍ରକଳ୍ପ ଆଣିବାକୁ ଯାଉଛି। ତତ୍କାଳୀନ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବିପିସିଏଲ ବାଲାଙ୍ଗୀରରେ ୪୪ ଟିଏମଟିପିଏ କ୍ଷମତା ବିଶିଷ୍ଟ ଏଲପିଜି ବଟଲିଂ ପ୍ଲାଣ୍ଟ ନିର୍ମାଣ କରିସାରିଛି, ଯାହାକି ୧୯ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହୋଇଥିଲା। ଏହା ଆରମ୍ଭ ହେବା ଦିନରୁ ପ୍ଲାଣ୍ଟ ପ୍ରାୟ ୨୫ ଲକ୍ଷ ସିଲିଣ୍ଡରରେ ଏଲପିଜି ଭର୍ତ୍ତି କରିଛି। ଏହି ବଟଲିଂ ପ୍ଲାଣ୍ଟ ପରୋକ୍ଷରେ ପ୍ରତିଦିନ ପ୍ରାୟ ଶହେ ଲୋକଙ୍କୁ ରୋଜଗାର ଯୋଗାଉଛି। ବିପିସିଏଲ ଦ୍ୱାରା ବରଗଡ଼ ଜିଲ୍ଲାରେ ଏକ ସମନ୍ୱିତ ୧ଜି ଓ ୨ଜି ବାୟୋ ଇଥାନଲ୍ ରିଫାଇନାରି ପ୍ଲାଣ୍ଟ ନିର୍ମାଣ କରାଯାଉଛି। ଦୈନିକ ୪୦୦ ମେଟ୍ରିକ୍ ଟନ ଜୈବିକ ବସ୍ତୁରୁ ଦୈନିକ ୨୦୦ କିଲୋ ଲିଟର ଇଥାନଲ ଉତ୍ପାଦନ କରାଯିବ। ୨୦୨୩ ମାର୍ଚ୍ଚ ସୁଦ୍ଧା ଶେଷ ହେବା ନେଇ ଆକଳନ କରାଯାଇଛି। ଅନୁଗୁଳ ଓ ଢେଙ୍କାନାଳ ସମେତ ୯ଟି ଜିଲ୍ଲାରେ ବିପିସିଏଲ ଦ୍ୱାରା ସିଟି ଗ୍ୟାସ ବିତରଣ(ସିଜିଡି) ନେଟୱାର୍କକୁ ବିକଶିତ ହେଉଛି। ୯ଟି ଜିଲ୍ଲାରେ ପ୍ରାୟ ୨୫ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରି ମିନିମମ୍ ୱାର୍କ ପ୍ରୋଗ୍ରାମ(ଏମଡବ୍ଲୁପି) ମାଧ୍ୟମରେ ପ୍ରାୟ ୬୧ ସିଏନଜି ଷ୍ଟେସନ, ୬୭ ହଜାର ପିଏନଜି ସଂଯୋଗୀକରଣ ଓ ୫ ହଜାର ଆଇଏନ୍ଟିଏଚ୍-କେଏମ୍ ପାଇପ୍ ଲାଇନ୍ ବିଛା ଯିବାର ଯୋଜନା ରହିଛି। ତୈଳ ରାଷ୍ଟ୍ରାୟତ ଉଦ୍ୟୋଗମାନେ (ପିଏସୟୁ) ଏଲପିଜି ବିତରଣରେ ଓଡ଼ିଶାରେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ୨୦୧୪ ଏପ୍ରିଲରେ ୨୦.୫% ଏଲପିଜି ବ୍ୟବହାରକାରୀ ଥିବା ବେଳେ ୨୦୨୧ରେ ଏହି ସଂଖ୍ୟା ୮୨.୨୬%କୁ ବୃଦ୍ଧି ପାଇଛି। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୪୭.୭ ଲକ୍ଷ ସଂଯୋଗ କରାଯାଇଛି। ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ବ୍ୟତୀତ ବିପିସିଏଲ ଆଗାମୀ ଭବିଷ୍ୟତରେ ଏଚପିସିଏଲର ମିଳିତ ସହଯୋଗରେ ଧୁତ୍ରା ପେଟ୍ରୋଲିୟମ କମନ୍ ୟୁଜର ଫାସିଲିଟି ପ୍ରକଳ୍ପ ସ୍ଥାପନା କରିବାର ଯୋଜନା ରହିଛି।

# ସେପ୍ଟେମ୍ବର ୫ ମଧ୍ୟରେ ସମସ୍ତ ଶିକ୍ଷକ ଓ ସ୍କୁଲ କର୍ମଚାରୀଙ୍କୁ ଟିକା



**ଭୁବନେଶ୍ୱର :** ଟିକାକରଣ ପାଇଁ ଶିକ୍ଷକଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି। ସେ କହିଛନ୍ତି, ସବୁ ସରକାରୀ ଓ ବେସରକାରୀ ସ୍କୁଲର ଶିକ୍ଷକ ଓ ଅଣଶିକ୍ଷକଙ୍କୁ ଟିକା ଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିଠି ପରେ ପ୍ରକ୍ରିୟା ଆରମ୍ଭ କରିଛି ସ୍ୱାସ୍ଥ୍ୟ ବିଭାଗ। କେତେ ଶିକ୍ଷକ ଟିକା ନେଇଛନ୍ତି ଓ କେତେ ନେଇ ନାହାଁନ୍ତି ତାର ତାଲିକା ପ୍ରସ୍ତୁତ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱତନ୍ତ୍ର ଡ୍ରାଇଭ ଜରିଆରେ ୟୁ ଡାଇସ ପ୍ଲସ ସଫ୍ଟୱେର ମାଧ୍ୟମରେ ଶିକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ସମନ୍ୱୟରେ ଟିକାକରଣ କରାଯିବ। ଅତିରିକ୍ତ ୧୧ ଲକ୍ଷ ଟିକା ଆସିବା ପରେ ୨୭ ତାରିଖରୁ କାର୍ଯ୍ୟ ଆରମ୍ଭ ହେବ। ଏଥିରୁ ୯ ଲକ୍ଷ ୯୨ ହଜାର ୩୮୦ କୋଭିସିଲଡ ଓ ୧ ଲକ୍ଷ ୨୪ ହଜାର କୋଭାକସିନ ଟିକା ଆସିବ। ସେପ୍ଟେମ୍ବର ୫ ତାରିଖ ମଧ୍ୟରେ ସମସ୍ତ ଶିକ୍ଷକ ଓ ସ୍କୁଲ କର୍ମଚାରୀଙ୍କୁ ଟିକାଦାନ ପାଇଁ ଟାର୍ଗେଟ ରଖାଯାଇଛି। ଶହେରୁ ଅଧିକ କର୍ମଚାରୀ ଟିକା ନେଇ ନ ଥିବା ସ୍କୁଲରେ ସିଭିସି କରି ଟିକା ଦିଆଯିବ।

# ଅନନ୍ତ ମହାପାତ୍ର ଓ କୁମ୍‌କୁମ୍ ମହାନ୍ତି ପାଇବେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ



**ଭୁବନେଶ୍ୱର :** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୨୦୧୯ ଓ ୨୦୨୦ ଦୁଇବର୍ଷ ପାଇଁ ନୃତ୍ୟ, ସଙ୍ଗୀତ ଓ ନାଟ୍ୟକଳା କ୍ଷେତ୍ରରେ ବିଶେଷ ଅବଦାନ ଥିବା କଳାକାରମାନଙ୍କ ଆଜୀବନ ସାଧନା ପାଇଁ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ' ଏବଂ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ଅଗଷ୍ଟ ୩୦ରେ ଏହି ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଏକ ଉତ୍ସବରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯିବ। ୨୦୧୯ ଓ ୨୦୨୦ ବର୍ଷ ପାଇଁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ଆଜି ଘୋଷଣା କରାଯାଇଛି। ୨୦୧୯ ବର୍ଷ ନିମନ୍ତେ ଅଭିନୟ ଓ ନିର୍ଦ୍ଦେଶନା ପାଇଁ ଅନନ୍ତ ମହାପାତ୍ରଙ୍କୁ ଉପେନ୍ଦ୍ର ଭଞ୍ଜ ସମ୍ମାନ ପ୍ରଦାନ କରାଯିବ। ସେହିପରି ଓଡ଼ିଶୀ ନୃତ୍ୟ ପାଇଁ କୁମ୍‌କୁମ୍ ମହାନ୍ତିଙ୍କୁ ୨୦୨୦ ବର୍ଷ ନିମନ୍ତେ ଉପେନ୍ଦ୍ର ଭଞ୍ଜ ସମ୍ମାନ ପ୍ରଦାନ କରାଯିବ। ପ୍ରଥମଥର ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପାଇଁ ସୁନନ୍ଦା ସମ୍ମାନ ଘୋଷଣା କରାଯାଇଛି। ଡ. ରଘୁନାଥ ସାହୁ ଓ ବନ୍ଦିତା ରାୟ ପାଇବେ ସୁନନ୍ଦା ସମ୍ମାନ। ଗୀତି କବିତା ପାଇଁ ବିନୋଦ ପଶାୟତ ଓ ଅଲେଖ ପଢ଼ିଆରୀଙ୍କୁ ସାରଦା ପ୍ରସନ୍ନ ସମ୍ମାନ। ସେହିପରି ଏକାଡେମୀ ପୁରସ୍କାର ପ୍ରଦାନ ପାଇଁ ୨୦୧୯ ଓ ୨୦୨୦ ବର୍ଷ ନିମନ୍ତେ ୧୬ ଜଣ ଲେଖାଏଁ କଳାକାରଙ୍କୁ ମନୋନୀତ କରାଯାଇଛି ବୋଲି ଓଡ଼ିଶା ସଙ୍ଗୀତ ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି